◀◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-216 ◆SUNDAY ◆1 FEBRUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୧୬ ◆ରବିବାର ◆୧ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)

ହିରୋଇନ୍‌ଙ୍କ ବେକରେ ନୁର୍‌ଜହାଁଙ୍କ ହାର

■ କାଲିଫର୍ଣ୍ଣିଆ, ୩୧।୧ (ଏଜେନ୍ସି): ହଲିଉଡ ଅଭିନେତ୍ରୀ ମାର୍ଗୋଟ ରାବି ମୋଗଲ ବେଗମ ନୁରଜହାଁଙ୍କ ୪୦୦ ବର୍ଷ ତଳର ପୁରୁଣା ହାର ପିନ୍ଧି ର୍ୟାମ୍ପକୁ ଓହ୍ଲାଇଛନ୍ତି। ଏହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ହେଉଛି। ସେ ନିଜର ପରବର୍ତ୍ତୀ ଚଳଚ୍ଚିତ୍ର 'ଉଥ୍‌ରିଙ୍ଗ ହାଇଟ୍ସ'ର ପ୍ରଚାର ପାଇଁ ରେଡ କାର୍ପେଟକୁ ଓହ୍ଲାଇ ଥିଲେ। ଗ୍ଲାମରସ୍ ଲୁକ୍ ସହିତ ଏହି ହାର ତାଙ୍କ ସୌନ୍ଦର୍ଯ୍ୟକୁ ବହୁ ଗୁଣିତ କରି ଦେଇଥିଲା। ଏହି ହାରର ମୂଲ୍ୟ ପ୍ରାୟପ୍ରାୟ ୮ ନିୟୁତ ଡଲାର ଅର୍ଥାତ ୭୪ କୋଟି ଟଙ୍କା। ଏଥିରେ ୬୯. ୪୨ କ୍ୟାରେଟର 'ହାର୍ଟ ସେପ'

ମୂଲ୍ୟ ୭୪ କୋଟି ଟଙ୍କା

ସ୍ୱାମୀ ଦେଇଥିଲେ ଉପହାର

ଆକୃତିର ଟେବୁଲ-କଟ୍ ହୀରା ଲାଗିଛି। ରତ୍ନ ପଥରେ ମଝିରେ ଏହାକୁ ରଖାଯାଇଛି। ୫୪ ବର୍ଷ ▶ପୃଷ୍ଠା-୭

ଶପଥ ନେଲେ ସୁନେତ୍ରା ପାୱାର୍

■ ମୁମ୍ବାଇ, ୩୧।୧ (ଏଜେନ୍ସି): ବିମାନ ଦୁର୍ଘଟଣାରେ ସ୍ୱାମୀ ଅଜିତ ପାୱାରଙ୍କ ଅକାଳ ବିୟୋଗର ଚତୁର୍ଥ ଦିନରେ ସ୍ତ୍ରୀ ସୁନେତ୍ରା ପାୱାର (୬୨) ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏଥିସହିତ ସେ ରାଜ୍ୟର ପ୍ରଥମ ମହିଳା ଉପ-ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ସୁନେତ୍ରାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସେ ମରାଠୀରେ ଶପଥ ନେଇଛନ୍ତି। ଅଜିତ ଦାଦାଙ୍କ ଆଶା ପୂରଣ କରିବେ ବୋଲି କହିଛନ୍ତି। ଏହି ଶପଥ ଗ୍ରହଣ ସମାରୋହ ପ୍ରାୟ ୧୨ ମିନିଟ ପର୍ଯ୍ୟନ୍ତ ଚାଲିଥିଲା। ମାତ୍ର ଲୋକଭବନରେ ଅନୁଷ୍ଠିତ ଏହି ସମାରୋହରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ସାମିଲ ହୋଇ ନ ଥିଲେ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏବଂ ଉପ- ▶ପୃଷ୍ଠା-୭

ସାମିଲ ହେଲେନି ଶରଦ

ବିରୋଧ ପରେ ଚେତିଲେ ସରକାର

ଭୁବନେଶ୍ୱରରୁ ଦୁବାଇ ଓ ସିଙ୍ଗାପୁରକୁ ବିମାନ ଚଳାଚଳ ପାଇଁ ମିଳିବ ଭିଜିଏଫ୍ ସହାୟତା

- ରାଜ୍ୟ କ୍ୟାବିନେଟରେ ୧୨ ପ୍ରସ୍ତାବକୁ ଅନୁମୋଦନ
- ବ୍ୟାଙ୍କକ୍ ଓ ଆବୁଧାବି ରୁଟ୍‌କୁ ସହାୟତା ପ୍ରତ୍ୟାହାର ପାଇଁ ନିଷ୍ପତ୍ତି
- ଢେଙ୍କାନାଳର ଗଜମରାଠାରେ କଲ୍ୟାଣୀ ଗ୍ରୁପ୍ କରିବ ୧୭,୨୫୦ କୋଟିର ନିବେଶ
- 'ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସିଂ ସେବା ନିୟମ-୨୦୨୫'କୁ ଅନୁମୋଦନ
- ଓଡ଼ିଶା ଉଚ୍ଚତର ନ୍ୟାୟିକ ସେବା ଓ ନ୍ୟାୟିକ ସେବା ନିୟମାବଳୀ-୨୦୦୭ରେ ସଂଶୋଧନ ପାଇଁ ନିଷ୍ପତ୍ତି
- 'ଡାଇଭର୍ସନ୍ ୱେୟାର ସୁଧାର ଯୋଜନା'କୁ ଅନୁମୋଦନ; ୩ ବର୍ଷରେ ଖର୍ଚ୍ଚ ହେବ ୩୬୨ କୋଟି
- ଓଡ଼ିଶା ସମବାୟ ନୀତି-୨୦୨୬କୁ ଅନୁମୋଦନ

■ ଭୁବନେଶ୍ୱର, ୩୧।୧ (ସମିସ): ଓଡ଼ିଶାରୁ ଦୁବାଇ ଓ ସିଙ୍ଗାପୁରକୁ ସିଧାସଳଖ ବିମାନ ସେବା ଆସନ୍ତା ମାର୍ଚ୍ଚ ୨୮ ତାରିଖ ପରେ ବନ୍ଦ ହେବା ନେଇ ଆଶଙ୍କା ଉପୁଜିଥିଲା। ଏହାକୁ ନେଇ ଦୁବାଇ, ଆବୁଧାବିରେ ରହୁଥିବା ଓଡ଼ିଆ ସମାଜ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି କ୍ଷୋଭ ପ୍ରକାଶ କରିଥିଲେ। ରାଜ୍ୟରେ ମଧ୍ୟ ଏହାକୁ ନେଇ ଉଦବେଗ ପ୍ରକାଶ ପାଇବା ପରେ ଚେତିଛନ୍ତି ରାଜ୍ୟ ସରକାର। ରାଜ୍ୟ ସରକାର ଭୁବନେଶ୍ୱରରୁ ଦୁବାଇ ଏବଂ ସିଙ୍ଗାପୁରକୁ ବିମାନ ଚଳାଚଳ ଜାରି ରଖିବା ପାଇଁ 'ଭାୟାବିଲିଟି ଗ୍ୟାପ୍ ଫଣ୍ଡ'(ଭିଜିଏଫ) ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ଶନିବାର ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଛି। ବର୍ତ୍ତମାନ ଇଣ୍ଡିଗୋ ବିମାନ ସଂସ୍ଥା ଦ୍ୱାରା ଦୁବାଇ ଓ ସିଙ୍ଗାପୁରକୁ ସିଧାସଳଖ ବିମାନ ସେବା ଯୋଗାଇ ଦିଆଯାଉଛି। ଏଠାକୁ ବିମାନ ଚଳାଚଳ ବଜାୟ ରଖିବା ପାଇଁ ଆର୍ଥିକ ସହାୟତା(ଭିଜିଏଫ) ପ୍ରଦାନ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି।ଏଥିପାଇଁ ପ୍ରାୟ ୨୬.୮୭ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବିତ ହୋଇଛି। ଯାତ୍ରା ସଂଖ୍ୟା ହ୍ରାସ ଓ ବିମାନ ସେବା ବନ୍ଦ ହେବାର ଆଶଙ୍କା ଥିବାରୁ ୬ ମାସ ପାଇଁ ଭିଜିଏଫ ସହାୟତା ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ବ୍ୟାଙ୍କକ୍(୨୭ ଅକ୍ଟୋବର ୨୦୨୫ରୁ) ଓ ଆବୁଧାବି(୧୧ ଡିସେମ୍ବର ୨୦୨୫ରୁ) ରୁଟ୍ ପାଇଁ ଏହି ସହାୟତାକୁ ପ୍ରତ୍ୟାହାର କରି ନିଆଯାଇଛି।

ସେହିପରି ଢେଙ୍କାନାଳର ଗଜମରାଠାରେ କଲ୍ୟାଣୀ ଗ୍ରୁପ୍ ଦ୍ୱାରା ୧୭,୨୫୦ ▶ପୃଷ୍ଠା-୭

ଆଜି ଆଗତ ହେବ କେନ୍ଦ୍ର ବଜେଟ

■ ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି): ଆସନ୍ତାକାଲି କେନ୍ଦ୍ର ବଜେଟ ଉପସ୍ଥାପନ ହେବାକୁ ଯାଉଛି। ଏହି ବଜେଟ ବିଭିନ୍ନ ଦୃଷ୍ଟିରୁ ରେକର୍ଡ ସୃଷ୍ଟି କରିବ। ପ୍ରଥମ ଥର ପାଇଁ ବଜଟେ ରବିବାର ଦିନ ଉପସ୍ଥାପିତ ହେବ। କ୍ରମାଗତ ନବମ ଥର ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ବଜେଟ ଆଗତ କରିବେ। ସକାଳ ୧୧ଟାରେ ବଜେଟ ଉପସ୍ଥାପନ କରିବା ସହିତ ଏହି କୃତିତ୍ୱ ହାସଲ କରିବାରେ ସେ ଦେଶର ପ୍ରଥମ ଅର୍ଥମନ୍ତ୍ରୀ ହେବେ। ନିର୍ମଳାଙ୍କ ଏହି ରେକର୍ଡ ବଜେଟକୁ ନେଇ ଲୋକଙ୍କ ମନରେ ଅନେକ ଆଶା ରହିଛି। ଜରୁରୀ ସାମଗ୍ରୀରେ ଗରିବ ରିଆତି ଚାହୁଁଥିବା ବେଳେ ମଧ୍ୟବିତ୍ତ ଇଏମ୍‌ଆଇ, ଟିକସ ବୋଝରୁ ମୁକ୍ତି ଚାହୁଁଛନ୍ତି। ଚାଷୀ ନିଜ ଉତ୍ପାଦିତ ସାମଗ୍ରୀ ଉପରେ ଏମଏସ୍‌ପି ଗ୍ୟାରେଣ୍ଟି ଆଶା ରଖିଥିବା ବେଳେ ବ୍ୟବସାୟୀ ଅଧିକ ଟିକସ ନ ଲାଗୁ ବୋଲି ଆଶା ବାନ୍ଧି ବସିଛନ୍ତି। ଗରିବଠାରୁ ଧନୀ ପର୍ଯ୍ୟନ୍ତ ସମସ୍ତେ ସୁନା ଏବଂ ରୁପାରୁ ଟିକସ ହ୍ରାସ ହେଉ ବୋଲି ଚାହୁଁଛନ୍ତି। କାରଣ ଗତ ଦୁଇ ବର୍ଷ ହେଲା ଏହାର ମୂଲ୍ୟ ରକେଟ ଗତିରେ ବଢ଼ି ଚାଲିଛି। କେବଳ ବାହାଘର ପାଇଁ ସୁନା କିଣିବାରେ ଗରିବ ପରିବାରର ଅର୍ଜିତ ସମ୍ପତ୍ତି ସରିଯାଉଛି। ମାତ୍ର ଆୟ ପୂର୍ବଭଳି କମ୍ ରହିଛି।

ରେକର୍ଡ ନବମ ଥର ପାଇଁ ବଜେଟ ଉପସ୍ଥାପନ କରିବେ ନିର୍ମଳା

ପ୍ରଥମ ଥର ପାଇଁ ରବିବାର ଆସିବ ବଜେଟ

ଅର୍ଥମନ୍ତ୍ରୀ ରବିବାର ୧୧ଟାରେ ବଜେଟ ଅଭିଭାଷଣ ଆରମ୍ଭ କରିବେ। ବଜେଟ ପାଇଁ ରବିବାର ମଧ୍ୟ ସେୟାର ବଜାର ଖୋଲାରହିବ। ବଜେଟ ଆକଳନ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହି ବଜେଟରେ ନିର୍ମଳା ଲୋକଙ୍କୁ ସୁନା ଏବଂ ରୁପା କ୍ରୟରେ ଆଶ୍ୱସ୍ତି ଦେଇପାରନ୍ତି। ଏହା ଉପରେ ଲଗା ଯାଇଥିବା ସୀମା ▶ପୃଷ୍ଠା-୭

ଭାଲୁ ସହ ଲଢ଼ି ଜୀବନ ବଞ୍ଚାଇଲା ନାବାଳକ

■ ନୀଳଗିରି, ୩୧।୧ (ସମିସ): ଭାଲୁ ସହ ଲଢ଼ି ଜୀବନ ବଞ୍ଚାଇଲେ ନାବାଳକ। ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ପୋଡ଼ାଶୁଳ ଅଞ୍ଚଳରେ ଏପରି ଏକ ଘଟଣା ଘଟିଛି। ପୋଡ଼ାଶୁଳ ନିକଟ ପାତ୍ରସାହିର ଧୀରେନ୍ଦ୍ର ପାତ୍ରଙ୍କ ପୁଅ ପ୍ରଭାତ (୧୩) ନିକଟସ୍ଥ ରାଧାମାଧବ ହାଇସ୍କୁଲରେ ନବମ ଶ୍ରେଣୀରେ ପଢ଼ନ୍ତି। ଆଜି ସକାଳୁ ସେ ଗାଁ ନିକଟ ସିଟି ସ୍କୁଲ ପଡ଼ିଆ ଦେଇ ଯାଉଥିବା ସମୟରେ ଅଚାନକ ୨ଟି ଭାଲୁ ତାଙ୍କ ଆଡ଼କୁ ମାଡ଼ି ଆସିଥିଲେ। ଗୋଟିଏ ଭାଲୁ ପ୍ରଭାତଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ତାଙ୍କ ଜଙ୍ଘ, ପେଟକୁ ▶ପୃଷ୍ଠା-୭

ହଳଦିଆପଦର ଓଭରବ୍ରିଜ୍‌ରେ ଛାତିଥରା ଦୁର୍ଘଟଣା

ଟ୍ରକ୍ ଚାପାରେ ଚାଲିଗଲା ୫ ଜୀବନ

■ ବ୍ରହ୍ମପୁର, ୩୧।୧(ସମିସ): ୧୬ନମ୍ବର ଜାତୀୟ ରାଜପଥ ସହ ବ୍ରହ୍ମପୁର ସହରକୁ ସଂଯୋଗ କରୁଥିବା ହଳଦିଆପଦର ଓଭରବ୍ରିଜ୍‌ରେ ଆଜି ମଧ୍ୟାହ୍ନରେ ଏକ ଛାତିଥରା ଦୁର୍ଘଟଣା ଘଟିଛି। ଟ୍ରକ୍ ଚାପାରେ ମୋଟ ୫ଜଣଙ୍କ ଶୋଚନୀୟମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଦକ୍ଷିଣପୁର ଗ୍ରାମର ଶିବରାମ ଜେନା(୩୫), ସୋମାସିଙ୍ଗ ଶାସନ ଗ୍ରାମର ସତ୍ୟନାଥ ବେଜ(୨୩), ଆଯୋଧ୍ୟାନଗରର ସୂର୍ଯ୍ୟନାରାୟଣ ପଣ୍ଡା ଏବଂ ଫୁଲଟା ଗ୍ରାମର ଦୁଇ ସମ୍ପର୍କୀୟ ଭାଇ ଜଗନ୍ ନାହକ ଓ ରାକେଶ ନାହକ।

ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏମ୍‌କେସିଜି ମେଡିକାଲରେ ଅନ୍ୟ ୨ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା। ପୁଲିସ ଶବଗୁଡ଼ିକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

ଶୋକ ବ୍ୟକ୍ତକଲେ ମୋହନ, ନବୀନ

୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା

ଘଟଣାସ୍ଥଳରେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜି ନିତିଶେଖର, ବିଇଏମ୍‌ସି କମିଶନର୍ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅବିନାଶ କୁମାର, ଆର୍‌ଟିଓ ▶ପୃଷ୍ଠା-୭

କଙ୍ଗୋ ଖଣିରେ ଭୂସ୍ଖଳନ; ୨୦୦ରୁ ଅଧିକ ମୃତ

୨୦ ଆହତ, ବହୁ ନିଖୋଜ

■ କିନଶାସା, ୩୧।୧ (ଏଜେନ୍ସି): ପୂର୍ବ ଆଫ୍ରିକୀୟ ଦେଶ କଙ୍ଗୋର ଏକ ଖଣିରେ ଭୂସ୍ଖଳନ ଯୋଗୁଁ ୨୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ଏହି ଖଣି ଦୁର୍ଘଟଣା ଏବେ ଅନ୍ତର୍ଜାତୀୟ ସ୍ତରରେ ଚିନ୍ତାର ବିଷୟ ପାଲଟିଛି। ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋ (ଡିଆରସି)ର ନର୍ଥ କିଭୁ ପ୍ରଦେଶ ସ୍ଥିତ ରୁବାୟା କୋଲ୍ଟାନ ଖଣିରେ ଏହି ଭୟଙ୍କର ଭୂସ୍ଖଳନ ହୋଇଛି। ମୃତକଙ୍କ ମଧ୍ୟରେ ଶ୍ରମିକଙ୍କ ସମେତ ଶିଶୁ ଓ ସ୍ଥାନୀୟ ବଜାରରେ କାର୍ଯ୍ୟ କରୁଥିବା ମହିଳାମାନେ ସାମିଲ ଅଛନ୍ତି। ଏହି ଦୁର୍ଘଟଣା ବୁଧବାର ଦିନ ଘଟିଥିଲା। ଏପର୍ଯ୍ୟନ୍ତ ଭଗ୍ନାବଶେଷ ତଳୁ ମୃତଦେହ ଉଦ୍ଧାର କରିବା ପ୍ରକ୍ରିୟା ଜାରି ରହିଛି। ସ୍ଥାନୀୟ ଅଧିକାରୀଙ୍କ କହିବା ଅନୁଯାୟୀ, ବହୁ ଲୋକ ଏବେ ବି ନିଖୋଜ ଅଛନ୍ତି। ତେଣୁ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଆହତ ହୋଇଥିବା ୨୦ ଜଣଙ୍କୁ ଚିକିତ୍ସା କରାଯାଉଛି ଓ ଏମାନଙ୍କ ମଧ୍ୟରୁ ଅଧିକାଂଶ ଗୁରୁତର ଅଛନ୍ତି। ଉଦ୍ଧାର କର୍ଯ୍ୟ ଅତ୍ୟନ୍ତ କଷ୍ଟକର ପରିସ୍ଥିତିରେ କରାଯାଉଛି।

ରୁବାୟା ଖଣି ରାଜଧାନୀ ଗୋମାରୁ ପ୍ରାୟ ୭୦ କିମି ଦୂରରେ ଅବସ୍ଥିତ। ଏହି ଖଣି ବିଶ୍ୱ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଠାରୁ ବାହାରୁଥିବା କୋଲ୍ଟାନ ସାରା ବିଶ୍ୱରେ ବ୍ୟବହାର କରାଯାଏ। କୋଲ୍ଟାନରୁ ଟ୍ୟାଣ୍ଟଲାମ ନାମକ ଏକ ▶ପୃଷ୍ଠା-୭

With Best Compliments from:

NIIS GROUP OF INSTITUTIONS
BHUBANESWAR-752054
ESTD:2000

Celebrating 25 Years of NIIS
"Transforming Lives, Building Futures"

(Accredited by NAAC, Approved by AICTE, Govt. of India & Affiliated to BPUT, Utkal University, SCTE&VT & CHSE)

GROOMING TO EXCEL..... SINCE THE YEAR 2000

Campus - I: Saradavihar, Madanpur, Bhubaneswar | Campus - II: At/Po- Chhatabar, Bhubaneswar

NIIS INSTITUTE OF BUSINESS ADMINISTRATION
MBA I MCA

NIIS INSTITUTE OF INFORMATION SCIENCE & MANAGEMENT
MSW I MPMIR I M.Com.
M.Sc.(Comp.Sc., Phy., Chem, Biotech)
BBA I BCA I B.Com.(Hons.)
B.Sc.(Comp.Sc.,ITM, Biotech)
B.Sc.(Hons.) I B.A.(Hons.)

NIIS INSTITUTE OF ENGINEERING & TECHNOLOGY
B.Tech.
Diploma
MCA

NIIS HIGHER SECONDARY SCHOOL
+2 Science & Commerce

Contact: 9778899990 / 9778899991
E-mail: contactus@niisgroup.org I Visit us: www.niisgroup.org

SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

ସକାଳ
THE SAKALA
www.sakalaepaper.com

ଯୋଧପୁର ଜେଲ୍‌ରେ ସୋନମ୍ ୱାଙ୍ଗଚୁକ୍ ଅସୁସ୍ଥ

ଯୋଧପୁର, ୩୧।୧(ଏଜେନ୍ସି): ଜଣାଶୁଣା ସମାଜସେବୀ ତଥା ବୈଜ୍ଞାନିକ ଗତ ୪ ମାସ ହେବ ଯୋଧପୁର ଜେଲ୍‌ରେ ଅଟକ ରହିଛନ୍ତି। ଜେଲରେ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ବିଗିଡ଼ି ଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶନିବାର ସକାଳେ ପୁଲିସ ତାଙ୍କୁ ଯୋଧପୁର ସେଣ୍ଟ୍ରାଲ

୪ ମାସ ହେଲା ଅଟକ

ଜେଲରୁ ଏମ୍ସ ହସ୍ପିଟାଲର ଜରୁରୀକାଳୀନ ୱାର୍ଡକୁ ନେଇଥିଲା। ଏମ୍ସରେରେ ପ୍ରାୟ ଦେଢ଼ ଘଣ୍ଟା ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ହସ୍ପିଟାଲ ସୂତ୍ର ଅନୁଯାୟୀ, ୱାଙ୍ଗଚୁକ୍ ପେଟ ଜନିତ ସମସ୍ୟାରେ ପୀଡିତ ଅଛନ୍ତି। ପୂର୍ବରୁ ଶୁକ୍ରବାର ମଧ୍ୟ ତାଙ୍କୁ ଏମ୍ସକୁ ନିଆଯାଇଥିଲା। ସୂଚନାଯୋଗ୍ୟ ଯେ, ଲଦାଖ ପାଇଁ ପୂର୍ଣ୍ଣ ରାଜ୍ୟ ପାହ୍ୟା ଓ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ସାମିଲ କରିବା ଦାବିରେ ଅନ୍ଦୋଳନ କରୁଥିବା ବେଳେ ତାଙ୍କୁ ଜାତୀୟ ସୁରକ୍ଷା ଆଇନ୍ (ଏନ୍‌ଏସ୍‌ଏ) ଅନୁସାରେ ଗିରଫ କରାଯାଇଥିଲା। ତାଙ୍କ ଚିକିତ୍ସା ହୋଇଥିଲେ ମଧ୍ୟ ଡାକ୍ତରମାନେ ଆନୁଷ୍ଠାନିକ ଭାବେ କୌଣସି ମେଡିକାଲ ବୁଲେଟିନ ଜାରି କରିନାହାନ୍ତି। ତାଙ୍କୁ ଏମ୍ସକୁ ନେବା ବେଳେ ପୁଲିସ ବ୍ୟାପକ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିଥିଲା।

ଗାଜାରେ ପୁଣି ଇସ୍ରାଏଲ ଆକ୍ରମଣ; ୩୧ ମୃତ

ଗାଜା, ୩୧।୧(ଏଜେନ୍ସି): ଇସ୍ରାଏଲ ଶନିବାର ଗାଜା ଉପରେ ପୁଣି ଆକ୍ରମଣ କରିଛି। ଏଥିରେ ୩୧ ଜଣ ପାଲେଷ୍ଟାଇନ ନାଗରିକ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ବହୁ ନିଷ୍ପାପ ଶିଶୁ ସାମିଲ ରହିଛନ୍ତି। ଆସୋସିଏଟ ପ୍ରେସ୍ (ଏପି)ର ରିପୋର୍ଟ ଅନୁଯାୟୀ, ଗାଜା ପଚିଁର ମେଡିକାଲଗୁଡ଼ିକ ସୂଚନା ଦେଇଛନ୍ତି ଯେ, ଏହି ଆକ୍ରମଣରେ ଦୁଇଟି ପରିବାରର ସଦସ୍ୟମାନେ ମୃତ୍ୟୁବରଣ କରିଛନ୍ତି। ଏହି ଆକ୍ରମଣ ଉତ୍ତର ଓ ଦକ୍ଷିଣ ଗାଜାର ଏକ ଆପାର୍ଟମେଣ୍ଟ ବିଲ୍ଡିଂ ଓ ରିଲିଫ କ୍ୟାମ୍ପକୁ ଟାର୍ଗେଟ କରାଯାଇଥିଲା। ଆକ୍ରମଣ ଯୋଗୁଁ କ୍ୟାମ୍ପରେ ଭୟଙ୍କର ଭାବେ ନିଆଁ ଲାଗିଥିଲା। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଗତ ଅକ୍ଟୋବର ୧୦ରୁ ଅସ୍ତ୍ରବିରତି ଲାଗୁ ହେବା ପରେ ଇସ୍ରାଏଲ ଗୁଳିମାଡ଼ରେ ୫୦୦ରୁ ଅଧିକ ପାଲେଷ୍ଟାଇନ ନାଗରିକ ମୃତ୍ୟୁବରଣ କରିଛନ୍ତି। ଏହି ଆକ୍ରମଣ ଏପରି ଏକ ସମୟରେ ହୋଇଛି, ସେତେବେଳେ ରବିବାରଠାରୁ ମିଶର ସୀମାରେ ଥିବା ରଫା କ୍ରସିଂ ଖୋଲିବାକୁ ଯାଉଛି। ଏହା ଆମେରିକା ମଧ୍ୟସ୍ଥତାରେ ହେଉଥିବା ଅସ୍ତ୍ରବିରତି ଚୁକ୍ତିର ଦ୍ୱିତୀୟ ପର୍ଯ୍ୟାୟର ଅଂଶ। ଗୋଟିଏ ପଟେ ଅସ୍ତ୍ରବିରତି ବିକ୍ରି (ଆମେରିକା- ଇସ୍ରାଏଲ ଚୁକ୍ତି) ଓ ଅନ୍ୟପଟେ ଲୋକଙ୍କ ଜୀବନହାନୀ, ଏଭଳି ସ୍ଥିତି ମଧ୍ୟପ୍ରାଚ୍ୟରେ ମାନବିକ ସଙ୍କଟକୁ ଆହୁରି ଗମ୍ଭୀର କରିଦେଇଛି।

ଭେଜାଲ୍ ଲଡୁ ମାମଲା: କାହାକୁ କ୍ଲିନ୍ ଚିଟ୍ ଦିଆଯାଇନାହିଁ

ତିରୁପତି, ୩୧।୧(ଏଜେନ୍ସି): ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ସ୍ପଷ୍ଟ କରିଛି ଯେ, ବହୁ ଚର୍ଚ୍ଚିତ ଲଡୁ ଭେଜାଲ ମାମଲାରେ କାହାକୁ କ୍ଲିନ ଚିଟ୍ ଦିଆଯାଇନାହିଁ। ବିଭିନ୍ନ ମହଲରେ ଚାଲିଥିବା ଚର୍ଚ୍ଚା ମଧ୍ୟରେ ବୋର୍ଡ ପକ୍ଷରୁ ଏହି ସ୍ପଷ୍ଟୀକରଣ ଦିଆଯାଇଛି। ଶୁକ୍ରବାର ତିରୁପତିରେ ଗଣମାଧ୍ୟମକୁ ସମ୍ବୋଧିତ କରି ଟିଟିଡି ବୋର୍ଡ ଅଧ୍ୟକ୍ଷ ବିଆର ନାଇଡୁ ଏ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ, ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଟିଏଫ୍)ର ଚାର୍ଜସିଟ୍‌ରେ ଶ୍ରୀବାରୀ ଲଡୁ ପ୍ରସ୍ତୁତିରେ ବ୍ୟବହୃତ ଘିଅରେ ଭେଜାଲ ଥିବା କଥାକୁ ସ୍ପଷ୍ଟ ଭାବେ ପ୍ରମାଣିତ କରିଛି। କିଛି ଗୋଷ୍ଠୀ ମିଥ୍ୟା ଗୁଜବ ପ୍ରଚାର କରି ଭକ୍ତମାନଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସିବିଆଇ ନେଲୋର କୋର୍ଟରେ ଦାଖଲ କରିଥିବା ଚୂଡାନ୍ତ ଚାର୍ଜସିଟ୍ ଅନୁଯାୟୀ, ଉତ୍ତରାଖଣ୍ଡ ଭଗବାନପୁରର 'ଭୋଲେବାବା ଡାଏରୀ' ଦିଆଯାଇଥିବା ଘିଅ ଅପମିଶ୍ରିତ ଥିଲା। ତେବେ ଏଥିରେ ପ୍ରାଣୀଙ୍କ ଚର୍ବିର ବ୍ୟବହାର ହୋଇନାହିଁ ବୋଲି ଉଲ୍ଲେଖ କରାଯାଇଛି। ପୁଣି ଟେଣ୍ଡର ପ୍ରଦାନରେ ଅନିୟମିତତା ହୋଇଥିବା କୁହାଯାଇଛି। ଆବଶ୍ୟକ ଉତ୍ପାଦନ କ୍ଷମତା ନଥିବା କମ୍ପାନୀଗୁଡ଼ିକୁ ଘିଅ ଯୋଗାଣ ଟେଣ୍ଡର ଦିଆଯାଉଥିଲା ବୋଲି ନାଇଡୁ ଅଭିଯୋଗ କରିଛନ୍ତି। ପ୍ରାୟ ୨୫୦ କୋଟି ଟଙ୍କାରେ ୬୦ ଲକ୍ଷ ଭେଜାଲ ଘିଅ କିଣା ଯାଇଥିଲା ବୋଲି ସେ କହିଛନ୍ତି।

ଇରାନର ବନ୍ଦର ଆବାସ୍ ଓ ଆହୱାଜରେ ବିସ୍ଫୋରଣ; ୪ ମୃତ

ତେହେରାନ, ୩୧।୧(ଏଜେନ୍ସି): ଆମେରିକା ସହ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଇରାନର ଦକ୍ଷିଣାଞ୍ଚଳରେ ଥିବା ରଣନୈତିକ ବନ୍ଦର ସହର ବନ୍ଦର ଆବାସ ଓ ଆହୱାଜ ସହରରେ ଭୟଙ୍କର ବିସ୍ଫୋରଣ ଘଟିଛି। ବନ୍ଦର ଆବାସରେ ବିସ୍ଫୋରଣ କାରଣରୁ ଏକ ଅଟ୍ଟାଳିକାର ଦୁଇଟି ମହଲା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ବିସ୍ଫୋରଣର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏଥିରେ ଦୋକାନ ଓ ଯାନବାହନ କ୍ଷତିଗ୍ରସ୍ତ ହୋଇଛି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କାରାଯାଇଥିବା ବେଳେ କେହି ମୃତାହତ ହୋଇନାହାନ୍ତି। ବନ୍ଦର ଆବାସ ତୈଳ ବାଣିଜ୍ୟ ପାଇଁ ଅତ୍ୟନ୍ତ ପ୍ରସିଦ୍ଧ। ସେହିପରି ଅନ୍ୟଏକ ପୃଥକ ଘଟଣାରେ ଦକ୍ଷିଣ- ପଶ୍ଚିମ ଖୁଜେସ୍ତାନ ରାଜ୍ୟର ଆହୱାଜ ସହରରେ ଏକ ଗ୍ୟାସ ବିସ୍ଫୋରଣ ହୋଇଛି। ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଗ୍ୟାସ୍ ଲିକ୍ କାରଣରୁ ଏହି ବିସ୍ଫୋରଣ ହୋଇଛି ବୋଲି କୁହାଯାଇଛି। ଭଗ୍ନାବଶେଷ ତଳେ ଫସି ରହିଥିବା ଲୋକଙ୍କୁ ବାହାର କରିବାକୁ ଚେଷ୍ଟା କରାଯାଉଛି। ଏହି ବିସ୍ଫୋରଣ ଆମର କୌଣସି ଭୂମିକା ନାହିଁ ବୋଲି ଇସ୍ରାଏଲ ତରଫରୁ କୁହାଯାଇଛି।

ଡଙ୍କି ରୁଟ୍‌ରେ ଏବେ ବି ଯାଉଛନ୍ତି ଆମେରିକା

ପ୍ରତିଦିନ ଧରା ପଡୁଛନ୍ତି ୬୫ ଭାରତୀୟ; ବର୍ଷକରେ ୨୩ ହଜାର ଗିରଫ

ନ୍ୟୁୟର୍କ/ନୂଆଦିଲ୍ଲୀ, ୩୧।୧(ଏଜେନ୍ସି): ଆମେରିକାରେ ବେଆଇନ୍ ଭାବେ ପ୍ରବେଶ କରୁଥିବା ଭାରତୀୟଙ୍କ ସଂଖ୍ୟା ଓ ସେମାନଙ୍କ ପ୍ରଣାଳୀକୁ ନେଇ ଏକ ଚକିତ କଲାଭଳି ଏକ ରିପୋର୍ଟ ସାମ୍ନାକୁ ଆସିଛି। ଡଙ୍କି ରୁଟ୍ ମାଧ୍ୟମରେ ଆମେରିକା ଯାଉଥିବା ଲୋକଙ୍କ ଉପରେ କଡ଼ା ନଜର ରଖାଯାଉଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇନାହିଁ। ଡଙ୍କି ରୁଟ୍ ହେଉଛି ଏକ ବେଆଇନ ପନ୍ଥା ବା ବ୍ୟବସ୍ଥା ଯେଉଁଠାରେ ଲୋକମାନେ ଏଜେଣ୍ଟମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ପ୍ରଦାନକରି ବିଭିନ୍ନ ଦେଶ ଦେଇ ଲୁଚିଛପି ଆମେରିକା ସୀମାରେ ପହଞ୍ଚିବାକୁ ଚେଷ୍ଟା କରିଥାନ୍ତି। ଏହି ଡଙ୍କି ରୁଟ୍ ଅତ୍ୟନ୍ତ ବିପଜ୍ଜନକ ଓ ଏଥିରେ ଅନେକ ସମୟ ଲୋକଙ୍କ ଜୀବନ ମଧ୍ୟ ଚାଲିଯାଇଥାଏ। ଡଙ୍କି ରୁଟ୍ ଦେଇ ପ୍ରତିଦିନ ୨୫ ଜଣ ଭାରତୀୟ ଧରା ପଡୁଛନ୍ତି। ୨୦୨୫ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ପରିସଂଖ୍ୟାନ ଅନୁଯାୟୀ, ଆମେରିକୀୟ ବର୍ଡର ଆଣ୍ଡ କଷ୍ଟମ ବିଭାଗ ମୋଟ୍ ୨୩, ୮୩୦ ଭାରତୀୟଙ୍କୁ ଅଟକ ରଖିଛି। ବିଭାଗର ସୂଚନା ଅନୁଯାୟୀ, ବେଆଇନ ପ୍ରବେଶ ମାମଲା ପୂର୍ବାପେକ୍ଷା ହ୍ରାସ ପାଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇନାହିଁ। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ କାର୍ଯ୍ୟକାଳ ସମୟରେ ୨୦୨୪ରେ ମୋଟ୍ ୮୫, ୧୧୯ ଭାରତୀୟ ଧରାପଡ଼ିଥିଲେ। ଅଧିକାରମାନ କହିଛନ୍ତି ଯେ, ଏବେ ଏକ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳିଛି। ଆମେରିକାରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଲୋକମାନେ ଏକା ଥିଲେ। କୌଣସି ଭାରତୀୟ ପରିବାର ସହିତ ଗିରଫ ହୋଇ ନଥିଲେ। କିନ୍ତୁ ୨୦୨୪ରେ ଗିରଫ ହୋଇଥିବା ଭାରତୀୟଙ୍କ ମଧ୍ୟରୁ ୨୦, ୦୦୦ ସେମାନଙ୍କ ଭାଇ, ସ୍ତ୍ରୀ କିମ୍ବା ପିଲାମାନଙ୍କ ସହ ଆମେରିକାରେ ଅବୈଧ ଭାବେ ପ୍ରବେଶ କରୁଥିଲେ। ପୂର୍ବରୁ କାନାଡ଼ା ଓ ମେକ୍ସିକୋ ସୀମା ଦେଇ ଅଧିକ ପ୍ରବେଶ ହେଉଥିଲା। କିନ୍ତୁ ଏବେ ତୁର୍କୀ ଓ ଦୁବାଇ ରୁଟ୍ ବ୍ୟବହାର କରି ଆମେରିକା ଯିବାର ପ୍ରବଣତା ବୃଦ୍ଧି ପାଇଛି।

ଋଣ ମାଗିବାକୁ ଏବେ ଲାଜ ଲାଗୁଛି

ଇସଲାମାବାଦ୍, ୩୧।୧(ଏଜେନ୍ସି): ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସିରଫ ବିଦେଶୀ ଋଣ ଉପରେ ଦେଶର ବଢୁଥିବା ନିର୍ଭରଶୀଳତାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏକ ଜଣାଶୁଣା ନ୍ୟୁଜି ଏଜେନ୍ସି ଅନୁଯାୟୀ, ଶେହବାଜ ସ୍ୱୀକାର କରିଛନ୍ତି ଯେ, ଦେଶର ଆର୍ଥିକ ଦୁର୍ବଳ ସ୍ଥିତି ଯୋଗୁଁ ତାଙ୍କୁ ବାରମ୍ବାର ବିଦେଶ ଗସ୍ତ କରି ଋଣ ମାଗିବାକୁ ପଡୁଛି ଓ ଏଥିପାଇଁ ଆମକୁ ଲାଜ ଲାଗୁଛି। ଇସଲାମାବାଦ୍‌ରେ ବ୍ୟବସାୟିକ ନେତାମାନଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ଯେତେବେଳେ ଫିଲ୍ଡ ମାର୍ଶାଲ ଆସିମ ମୁନିର ଓ ମୁଁ ସାରା ବିଶ୍ୱରେ ଟଙ୍କା ଋଣ ମାଗିବାକୁ ଯାଉ, ସେତେବେଳେ ଆମକୁ ଭାରୀ ଲାଜ ଲାଗେ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଋଣ ନେବା ଆତ୍ମସମ୍ମାନ ଉପରେ ଏକ ବଡ଼ ବୋଝ। ଅନେକ ସମୟରେ ଆମକୁ ସାଲିସ କରିବାକୁ ପଡ଼େ ଓ ଆମେ ସେମାନଙ୍କ ସର୍ତ୍ତକୁ ଅନିଚ୍ଛା ସତ୍ତ୍ୱେ ନ ବୋଲି କହିପାରୁନାହିଁ। ଋଣର ବୋଝ ଏବେ ପାକିସ୍ତାନର ସମ୍ମାନ ଉପରେ ଭାରି ପଡୁଛି। ଏବେ ବିକଳ୍ପ ଆର୍ଥିକ ମାର୍ଗ ଖୋଜିବାର ଆବଶ୍ୟକତା ରହିଛି। ପାକିସ୍ତାନ ଆଇଏମ୍‌ଏଫ୍‌ରୁ ସାହାଯ୍ୟ ଓ ପୁରୁଣା ଋଣର ଅବଧି ବଢ଼ାଇବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କର ଏହି ବୟାନ ଆସିଛି। ସେ ଚୀନ୍‌କୁ ସବୁ ସମୟର ବନ୍ଧୁ ବୋଲି କହିଛନ୍ତି। ସାଉଦି ଆରବ, ୟୁଏଇ ଓ କତାର ମଧ୍ୟ ଭଲ-ମନ୍ଦ ସବୁ ସମୟରେ ପାକିସ୍ତାନକୁ ସାହାଯ୍ୟ କରିଆସିଛନ୍ତି ବୋଲି ସେ କହିଛନ୍ତି। ଦେଶରେ ଦାରିଦ୍ର୍ୟ ଓ ବେକାରୀ ସମସ୍ୟାକୁ ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି। ଏବେ ପାକିସ୍ତାନରେ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବେକାର ଅଛନ୍ତି। ୨୦୨୫ ମାର୍ଚ୍ଚ ସୁଦ୍ଧା ପାକିସ୍ତାନର ଋଣ ୭୬, ୦୦୦ ବିଲିଅନ (୭୬ ଲକ୍ଷ କୋଟି) ଟଙ୍କାରୁ ଅଧିକ ହୋଇଛି। ଏହା ଗତ ୪ ବର୍ଷରେ ପ୍ରାୟ ଦୁଇଗୁଣ ହୋଇଛି।

ମୋଦୀଙ୍କ ପଞ୍ଜାବ ଗସ୍ତ ପୂର୍ବରୁ ବିସ୍ଫୋରଣ ଧମକ

ଜଲନ୍ଧର, ୩୧।୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଞ୍ଜାବ ଗସ୍ତର ଠିକ୍ ଗୋଟିଏ ଦିନ ପୂର୍ବରୁ (୩୧ ଜାନୁଆରୀ) ଜଲନ୍ଧରରେ ୪ଟି ସ୍କୁଲ୍‌ରେ ବୋମା ବିସ୍ଫୋରଣ କରିବାକୁ ଧମକ ଦିଆଯାଇଛି। ସୂଚନା ପାଇବା ମାତ୍ରେ ଥାନା-୭ ଅର୍ବାନ ଷ୍ଟେଟ୍ ପୁଲିସ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ସକ୍ରିୟହୋଇ ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି। ପୁଲିସ କହିବା ଅନୁଯାୟୀ, ପ୍ରଥମେ କ୍ୟାମ୍ବ୍ରିଜ୍ ସ୍କୁଲ୍‌କୁ ଧମକ ମିଳିଥିଲା। ଏବେ ଆଉ ୩ଟି ସ୍କୁଲ- ପଠାନକୋଟ ଚୌକ ନିକଟରେ ଥିବା କେଏମ୍‌ଭି ସଂସ୍କୃତି ସ୍କୁଲ, ବ୍ରିଟିଶ ଓଲିଭା ସ୍କୁଲ ଓ ଡିଜେଏସ୍ ପବ୍ଲିକ ସ୍କୁଲକୁ ଧମକପୂର୍ଣ୍ଣ ଇମେଲ ମିଳିଛି। କିନ୍ତୁ ତଦନ୍ତ ସମୟରେ କୌଣସି ସନ୍ଦେହଜନକ ବସ୍ତୁ ମିଳିନାହିଁ। ଆଜି ଗୁରୁ ରବିଦାସ ମହାରାଜଙ୍କ ଜୟନ୍ତୀ ଅବସରରେ ଶୋଭାଯାତ୍ରା ପାଇଁ ଜଲନ୍ଧରର ସ୍କୁଲଗୁଡ଼ିକ ଛୁଟି ରହିଛି। ଏହି ମେଲ୍ ବିଲ୍ଲୀ- ହାଲୀ ନାମରେ ପଠାଯାଇଛି। ମୋଦୀଙ୍କ ଗସ୍ତରେ ବୋମା ବିସ୍ଫୋରଣ ହେବ ଓ ୩-୪ଟି ସ୍କୁଲରେ ଏହା ହେବ। ଆମେ ଗୁରୁ ରବିଦାସଙ୍କୁ ସମ୍ମାନ କରୁ। କିନ୍ତୁ ମୋଦୀ ଖଲିସ୍ତାନୀଙ୍କ ଶତ୍ରୁ ବୋଲି ମେଲ୍‌ରେ ଉଲ୍ଲେଖ କରାଯାଇଛି। ଜଣାଶୁଣା ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜର ମୃତ୍ୟୁର ପ୍ରତିଶୋଧ ନେବା ଓ ଏଥିପାଇଁ ଡେରା ବଲ୍ଲାଁ ହେଉଛି ଆମର ଟାର୍ଗେଟ ବୋଲି ଉଲ୍ଲେଖ କରାଯାଇଛି। ଜଲନ୍ଧରର ବଲ୍ଲାଁ ଗାଁରେ ରବିଦାସଙ୍କ ଧାର୍ମିକ ପ୍ରତିଷ୍ଠାନକୁ ଡେରା ବଲ୍ଲାଁ କୁହାଯାଇଥାଏ। ଏହା ୧୯୦୦ରେ ସ୍ଥାପିତ ହୋଇଥିଲା।

■ ନିଶାଣରେ ଡେରା ବଲ୍ଲାଁ, ୪ ବିଦ୍ୟାଳୟ

ପ୍ରଧାନମନ୍ତ୍ରୀ ରବିବାର ଜଲନ୍ଧର ଗସ୍ତ କରି ଦୁଇଟି ବଡ଼ ଘୋଷଣା କରିବେ। ଆଦମପୁର ବିମାନବନ୍ଦରକୁ ଶ୍ରୀ ଗୁରୁ ରବିଦାସ ଜୀଙ୍କ ନାମରେ ନାମକରଣ କରାଯିବ। ସେହିପରି ଲୁଧିଆନାର ହଲୱାରା ବିମାନବନ୍ଦର ନୂତନ ଟର୍ମିନାଲକୁ ଆଭାସୀ ଭାବେ ଉଦ୍‌ଘାଟନ କରିବେ।

ଇସ୍ରାଏଲ୍‌କୁ ୬.୬ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର ବିକିବ ଆମେରିକା

ୱାସିଂଟନ, ୩୧।୧(ଏଜେନ୍ସି): ଆମେରିକା ଇସ୍ରାଏଲକୁ ୬.୬ ବିଲିଅନ୍ ଡଲାରର ଅସ୍ତ୍ରଶସ୍ତ୍ର ବିକ୍ରି କରିବାକୁ ମଞ୍ଜୁରୀ ଦେଇଛି। ଆମେରିକା ବୈଦେଶିକ ବିଭାଗ ଶୁକ୍ରବାର କହିଛି ଯେ, ଇସ୍ରାଏଲ ଏବେ ଆମେରିକାରେ ନିର୍ମିତ ଅସ୍ତ୍ରଶସ୍ତ୍ର କିଣି ପାରିବ। ଏଥିରେ ୩୦ଟି ଆପାଚେ ଆଟାକ୍ ହେଲିକପ୍ଟର ସାମିଲ ରହିଛି ଓ ଏଗୁଡ଼ିକର ମୂଲ୍ୟ ୩.୮ ବିଲିଅନ ଡଲାର। ଏହି ହେଲିକପ୍ଟରଗୁଡ଼ିକୁ ବୋଇଂ ଓ ଲକ୍‌ହିଡ଼ ମାର୍ଟିନ କମ୍ପାନୀ ଇସ୍ରାଏଲକୁ ବିକ୍ରି କରିବ। ଏହା ବ୍ୟତୀତ, ଇନ୍‌ଫାଣ୍ଟ୍ରି ଆସଲ୍ଟ ଭେଇକଲ ବା ଜଏଣ୍ଟ ଲାଇଟ୍ ଟାକ୍ଟିକାଲ ଭେଇକଲ (ଜେଏଲଟିଭି)ର ବ୍ରିକି ହେବ। ଏଥିରେ ୩, ୨୫୦ଟି ଯାନ ସାମିଲ ରହିଛି। ସେହିପରି ଆର୍ମଡ୍ ପର୍ସନାଲ କ୍ୟାରିଅର ପାଇଁ ୭୪୦ ମିଲିୟନ ଡଲାର ପ୍ୟାକ୍ ଯୋଗାଇ ଦିଆଯିବ। ସୂଚନାଯୋଗ୍ୟ ଯେ, ଇସ୍ରାଏଲ ପୂର୍ବରୁ ୱେଷ୍ଟବ୍ୟାଙ୍କ ଓ ଗାଜାରେ ପାଲେଷ୍ଟାଇନ ନାଗରିକଙ୍କ ଉପରେ ଆକ୍ରମଣ କରିବାକୁ ଆପାଚେ ହେଲିକପ୍ଟରଗୁଡ଼ିକୁ ବ୍ୟବହାର କରିଛି। ଏଥିସହ ସାଉଦି ଆରବର ପ୍ରତରକ୍ଷା ବ୍ୟବସ୍ଥାକୁ ବଜବୁତ କରିବା ପାଇଁ ଆମେରିକା ଏକ ଅଲଗା ଚୁକ୍ତି କରିଛି। ସାଉଦିକୁ ୯ ବିଲିଅନ ଡଲାରର ପ୍ୟାଟ୍ରିଅଟ ମିସାଇଲ ଓ ସମ୍ବନ୍ଧିତ ଉପକରଣ ବିକ୍ରି କରିବାକୁ ମଞ୍ଜୁରୀ ଦେଇଛି ଆମେରିକା। ଏଥିରେ ୭୩୦ଟି ପାଟ୍ରିଅଟ ମିସାଇଲ ସାମିଲ ରହିଛି। ଏହା ସାଉଦିର ସାମରିକ ଶକ୍ତିକୁ ବୃଦ୍ଧି କରିବ ଓ ଆଞ୍ଚଳିକ ବାୟୁ ଓ କ୍ଷେପଣାସ୍ତ୍ର ପ୍ରତିରକ୍ଷାର ବ୍ୟବସ୍ଥାରେ ଅବଦାନକୁ ବୃଦ୍ଧି କରିବା ବୋଲି କୁହାଯାଇଛି।

୩୦ ଆଟାକ୍ ହେଲିକପ୍ଟର, ୩,୦୦୦ରୁ ଅଧିକ ଗାଡ଼ି

ଅନୁପ୍ରବେଶକାରୀଙ୍କୁ ବିଦା କରିବ ଏସ୍‌ଆଇଆର୍: ଶାହା

କୋଲକାତା, ୩୧।୧(ଏଜେନ୍ସି): କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ଦୁଇଦିନିଆ ଗସ୍ତରେ ପଶ୍ଚିମବଙ୍ଗ ଯାଇଛନ୍ତି। ପଶ୍ଚିମବଙ୍ଗର ଉତ୍ତର ୨୪ ପରଗଣା ଜିଲ୍ଲାରେ ସେ କହିଛନ୍ତି ଯେ, ମମତା ବାନାର୍ଜୀଙ୍କ ସରକାର ରାଜ୍ୟରେ ଅନୁପ୍ରବେଶକାରୀଙ୍କୁ ସଂରକ୍ଷଣ ଦେଉଛନ୍ତି।

ରାଜ୍ୟର ଲୋକମାନେ ଏଥର ତୃଣମୂଳ କଂଗ୍ରେସ(ଟିଏମ୍‌ସି)କୁ ଉପାଡ଼ି ଫୋପାଡ଼ି ଦେବେ ଓ ସେମାନଙ୍କ ବିଦାୟ ନେବାର ସମୟ ଉପନୀତ ହୋଇଛି। ସେ କହିଛନ୍ତି ଯେ, ମମତା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)କୁ ଯେତେ ବିରୋଧ କରିବା କଥା କରନ୍ତୁ। କିନ୍ତୁ ଭୋଟର ତାଲିକାରୁ ଅନୁପ୍ରବେଶକାରୀଙ୍କୁ ବାହାର କରିବାକୁ ପଡ଼ିବ। ଯେଉଁମାନେ ବାକି ରହିଯିବେ, ସେମାନଙ୍କୁ ବିଜେପିର ମୁଖ୍ୟମନ୍ତ୍ରୀ ରାଜ୍ୟରୁ ବାହର କରିବେ। ୨୦୨୬ ବର୍ଷ ହେଉଛି ଟିଏମ୍‌ସିକୁ ଟାଟା, ବାଏ-ବାଏ କହିବାର ବର୍ଷ। ଆମେ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଅରୁଣାଚଳ ପ୍ରଦେଶ, ହରିୟାଣା, ମହାରାଷ୍ଟ୍ର ଓ ଦିଲ୍ଲୀରେ ସରକାର ଗଢ଼ିଛୁ। ସେହିପରି ବର୍ଷ ଶେଷରେ ବିହାରରେ ପ୍ରଚଣ୍ଡ ବହୁମତରେ ସରକାର ଗଢ଼ିଛୁ। ଏଥର ପଶ୍ଚିମବଙ୍ଗର ପାଳି ବୋଲି ସେ କହିଛନ୍ତି। ସେହିପରି ସେ ଆନନ୍ଦପୁର ମୋମୋ କାରଖାନରେ ହୋଇଥିବା ଅଗ୍ନିକାଣ୍ଡ ଘଟଣାରେ ୨୫ ଜଣଙ୍କ ଜୀବନ ଯାଇଥିବା ବେଳେ ୨୭ ଜଣ ନିଖୋଜ ଅଛନ୍ତି। ଏହି କାରଖାନ କାହର ଟଙ୍କାରେ ଚାଲିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଦୋଷୀମାନଙ୍କୁ ସରକାର ଘଣ୍ଟା ଘୋଡ଼ାଉଛନ୍ତି ବୋଲି ସେ କହିଛନ୍ତି। ଏପ୍ରିଲରେ ବିଜେପି ସରକାର ଆସିଲେ, ଦୋଷୀମାନଙ୍କୁ ଖୋଜି ଖୋଜି ଜେଲ୍ ପଠାଇବୁ ବୋଲି ଶାହା କହିଛନ୍ତି।

ବେଲୁଚିସ୍ତାନରେ ୧୨ଟି ସ୍ଥାନରେ ଆକ୍ରମଣ, ୨୭ ପୁଲିସ ମୃତ

କ୍ୱେଟା, ୩୧।୧(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ଶନିବାର ବେଲୁଚ୍ ଲିବରେସନ ଆର୍ମି (ବିଏଲ୍‌ଏ) ଏକାସାଙ୍ଗରେ ୧୨ଟି ସ୍ଥାନରେ ଆକ୍ରମଣ କରିଛି। ନ୍ୟୁଜ ଏଜେନ୍ସି ଏଏଫ୍‌ପି ଅନୁଯାୟୀ, ଏହି ଆକ୍ରମଣରେ ଅତିକମ୍‌ରେ ୨୭ ଜଣ ପୁଲିସକର୍ମୀ ମୃତ୍ୟୁବରଣ କରିଛନ୍ତି। ଅପରପକ୍ଷରେ ପାକିସ୍ତାନ ସୁରକ୍ଷା ବାହିନୀର ପାଲଟା କାର୍ଯ୍ୟକ୍ରମରେ ୩୬ ଜଣ ବିଦ୍ରୋହୀ ନିହତ ହୋଇଛନ୍ତି ବୋଲି କୁହାଯାଉଛି। ଜଣେ ଅଧିକାରୀଙ୍କ କହିଛନ୍ତି ଯେ, ବିଦ୍ରୋହୀମାନେ କ୍ୱେଟା, ପସନୀ, ନୁଶ୍କି ଓ ଗ୍ୱାଦ ଜିଲ୍ଲାରେ ଶନିବାର ସକାଳେ ୧୨ଟି ସ୍ଥାନରେ ଏକାସାଙ୍ଗରେ ଆକ୍ରମଣ କରିଥିଲେ। ରାଜଧାନୀ କ୍ୱୋଟାରେ ଅତିକମ୍‌ରେ ୪ ଜଣ ପୁଲିସକର୍ମୀ ପ୍ରାଣ ହରାଇଛନ୍ତି। ବିଦ୍ରୋହୀମାନେ ନୁଶ୍କି ଜିଲ୍ଲାର ଡେପୁଟି କମିଶନରଙ୍କୁ ଅପହରଣ କରିନେଇଛନ୍ତି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଆକ୍ରମଣ ପଛରେ ଭାରତର ହାତ ଓ ଷଡ଼ଯନ୍ତ୍ର ରହିଛି ବୋଲି ପାକିସ୍ତାନ ପ୍ରଧାମନମନ୍ତ୍ରୀ ଶେହବାଜ ସରିଫ କହିଛନ୍ତି। ଏହି ଆକ୍ରମଣ ପାଇଁ ବିଏଲ୍‌ଏ ନିଜକୁ ଦାୟୀ କରିଛି। ସଂଗଠନ ତରଫରୁ କୁହାଯାଇଛି ଯେ, ସେମାନେ ସେନା ଘାଟି, ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ଟାର୍ଗେଟ କରିଛନ୍ତି। ଏଥିପାଇଁ ସେମାନେ ମୁଖ୍ୟ ରାଜପଥକୁ ବନ୍ଦ କରି ଦେଇଥିଲେ। ସେମାନେ କ୍ୱେଟାର ଏକ ବଜାର ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି।

ଏପ୍‌ଷ୍ଟିନ ଫାଇଲ୍ସରେ ସିନେ ନିର୍ଦ୍ଦେଶିକା ମୀରା ନାୟାର

ୱାସିଂଟନ, ୩୧।୧(ଏଜେନ୍ସି): ଆମେରିକା ନ୍ୟାୟ ବିଭାଗ ଶୁକ୍ରବାର ବିଳମ୍ବିତ ରାତିରେ ଏପ୍‌ଷ୍ଟିନ ଯୌନ କାଣ୍ଡ ସହିତ ଜଡ଼ିତ ନୂତନ ଫାଇଲ ପ୍ରକାଶ କରିଛି। ଏଥିରେ ଜେଫ୍ରି ଏପଷ୍ଟିନଙ୍କ କିଛି ଇମେଲ୍ ଅନ୍ତର୍ଭୁକ୍ତ। ନ୍ୟୁୟର୍କ ପୋଷ୍ଟ ଅନୁଯାୟୀ, ପ୍ରସିଦ୍ଧ ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶିକା ତଥା ନ୍ୟୁୟର୍କ ସିଟି ମେୟର ଜୋହରାନ ମମଦାନୀଙ୍କ ମା ମୀରା ନାୟାରଙ୍କ ନାମ ଏହି ଫାଇଲରେ ରହିଛି। ମୀରାଙ୍କ ସହିତ ଜଡ଼ିତ ଇମେଲ୍ ଆମେରିକୀୟ ଚଳଚ୍ଚିତ୍ର ପ୍ରଚାରକ ପେଗି ସଗେଲ ୨୦୦୯ ଅକ୍ଟୋବର ୨୧ରେ ଏପଷ୍ଟିନଙ୍କୁ ପଠାଇଥିଲେ। ଏଥିରେ ପୋଗି ସିଗେଲ ଲେଖିଛନ୍ତି ଯେ, ସେ ଘିସଲେନ ମ୍ୟାକ୍ସୱେଲ (ଏପଷ୍ଟାଇନ୍‌ଙ୍କ ପ୍ରେମିକା ଓ ଦୋଷୀ ସାବ୍ୟସ୍ତ ଅପରାଧୀ) ମାନହାସନ ଟାଉନ୍‌ହାଉସ୍‌ରେ ଆୟୋଜିତ ଏକ ଆଫ୍ଟର-ପାର୍ଟିରୁ ଫେରିଛନ୍ତି। ଏହି ନୂଆ ଫାଇଲ୍‌ଗୁଡ଼ିକରେ ୩୦ ଲକ୍ଷ ପୃଷ୍ଠା, ଏକ ଲକ୍ଷ ୮୦ ହଜାର ଫଟୋ ଏବଂ ୨ ହଜାରରୁ ଅଧିକ ଭିଡ଼ିଓ ସାମିଲ ରହିଛି। ମୀରା ନାୟାର ହେଉଛନ୍ତି ଜଣେ ପ୍ରସିଦ୍ଧ ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶିକା, ଲେଖିକା ଓ ପ୍ରଯୋଜିକା। ୨୦୦୯ ରେ ମୀରାଙ୍କ ନିର୍ଦ୍ଦେଶିତ ସିନେମା 'ଆମେଲିଆ' ପାଇଁ ମ୍ୟାକ୍ସୱେଲ ଖୁସିରେ ଘରେ ଏହି ପାର୍ଟି ଦେଇଥିଲେ। ଏହି ଆଫ୍ଟରର ପାର୍ଟି ଏପଷ୍ଟିନଙ୍କ ସହଯୋଗୀ ଗିସଲେନ ମ୍ୟାକ୍ସୱେଲଙ୍କ ଘରେ ଆୟୋଜିତ ହୋଇଥିଲା। ପୋନଗି ସେଗେଲ ପଠାଇଥିବା ଇମେଲ୍‌ରେ ଏହି ପାର୍ଟି ବିଷୟରେ ଉଲ୍ଲେଖ କରାଯାଇଥିଲା। ଏଥିରେ ମୀରାଙ୍କ ସମେତ ବିଲ୍ କ୍ଲିଣ୍ଟନ ଏବଂ ଜେଫ୍ ବେଜୋସଙ୍କ ଭଳି ବଡ଼ ବଡ଼ ବ୍ୟକ୍ତି ଯୋଗ ଦେଇଥିବା କୁହାଯାଇଛି। ଏହି ଫାଇଲ ଅନୁସାରେ ଏପଷ୍ଟିନ ୨୦୧୨ ଓ ୨୦୧୩ରେ ଏଲନ ମସ୍କଙ୍କୁ ନିଜର ବେସରକାରୀ ଦ୍ୱୀପକୁ ବାରମ୍ବାର ନିମନ୍ତ୍ରଣ କରିଥିଲେ। ଇମେଲ୍‌ରେ ହେଲିକପ୍ଟର ବ୍ୟବସ୍ଥା ଓ ୱାଇଲ୍ଡ ପାର୍ଟି ବିଷୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏପଷ୍ଟିନ ନାବାଳିକା ଝିଅଙ୍କୁ ପ୍ରତିଦିନ ଦୁଷ୍କର୍ମ କରୁଥିଲା ବୋଲି ଫାଇଲରୁ ମିଳିଥିବା କାଗଜପତ୍ରରେ ଉଲ୍ଲେଖ କରାଯାଉଛି। କେବଳ ସେତିକି ନୁହେଁ, ଝିଅମାନଙ୍କୁ ନିଜନିଜ ସହ ଯୌନ ସମ୍ପର୍କ ରଖିବାକୁ ସେ ବାଧ୍ୟ କରୁଥିଲା। ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ବିଲ ଗେଟ୍ସ ରୁଷୀୟ ଝିଅଙ୍କଠାରୁ ଯୌନ ରୋଗରେ ସଂକ୍ରମିତ ହୋଇଥିଲେ ବୋଲି ମଧ୍ୟ ଉଲ୍ଲେଖ କରାଯାଇଛି। ଏପଷ୍ଟିସନଙ୍କ ସହ ସମ୍ପର୍କକୁ ନେଇ ଗେଟ୍ସ ନିଜର ଅବସୋସ ଜାହିର କରିସାରିଛନ୍ତି।

■ ଯୌନ ଅପରାଧୀଙ୍କ ଘର ପାର୍ଟିକୁ ଯାଇଥିଲେ ମମ୍‌ଦାନୀଙ୍କ ମା' ମୀରା
■ ରୁଷୀୟ ଯୁବତୀଙ୍କ ଠାରୁ ଯୌନ ସଂକ୍ରମିତ ହୋଇଥିଲେ ବିଲ୍ ଗେଟ୍ସ

ସମ୍ପତ୍ତି ପାଇଁ ବାପା-ମା, ଉଉଣୀକୁ ହତ୍ୟା

ବେଙ୍ଗାଲୁରୁ, ୩୧।୧(ଏଜେନ୍ସି): କର୍ଣ୍ଣାଟକର ବିଜୟ ନଗରରେ ଜଣେ ବ୍ୟକ୍ତି ନିଜ ବାପା-ମା ଓ ଭଉଣୀଙ୍କୁ ହତ୍ୟା କରିବାର ଖବର ସାମ୍ନାକୁ ଆସିଛି। ପୁଲିସ ଶନିବାର ଏହି ମାମଲାରେ ଜଣେ ୨୪ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି। ସମ୍ପତ୍ତି ପାଇଁ ସେ ଏହି କାଣ୍ଡ ଘଟାଇଥିଲା ବୋଲି ପୁଲିସ କହିଛି। ହତ୍ୟା କରିବା ପରେ ଅଭିଯୁକ୍ତ ୩ ଜଣଙ୍କ ଶବକୁ କୋଟ୍ଟୁରସ୍ଥିତ ସେମାନଙ୍କ ଭଡ଼ା ଘର ଭିତରରେ ପୋତି ଦେଇଥିଲା। ତିଳକନଗର ଥାନ ପୁଲିସ ମୃତଦେହଗୁଡ଼ିକୁ ଉଦ୍ଧାର କରିଛି। ଅଭିଯୁକ୍ତ ହେଉଛନ୍ତି ଅକ୍ଷୟ କୁମାର। ହତ୍ୟା କରିବା ପରେ ଅକ୍ଷୟ ଥାନାରେ ୩ ଜଣ ନିଖୋଜ ହୋଇଥିବାର ଅଭିଯୋଗ କରିଥିଲା ଓ ବାପା-ମା ଓ ଭଉଣୀଙ୍କୁ ଖୋଜିବାର ନାଟକ କରିଥିଲା। କିନ୍ତୁ ତଦନ୍ତ ସମୟରେ ଅକ୍ଷୟ ନିଜର ବୟାନକୁ ବାରମ୍ବାର ବଦଳାଇଥିଲା। ଫଳରେ ପୁଲିସର ସନ୍ଦେହ ଘେରକୁ ଆସିଥିଲା। ପୁଲିସ କଠୋର ଭାବେ ପଚରା ଉଚରା କରିବା ପରେ ଅକ୍ଷୟ ବାପା ଭୀମରାଜ, ମା ଜୟଲକ୍ଷ୍ମୀ ଓ ଭଉଣୀ ଅମୃତାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲା। ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ଏହି ହତ୍ୟାକାଣ୍ଡ ଜାନୁଆରୀ ୨୭ରେ ଘଟିଥିଲା। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

ବିୟୁକ୍ତ ୩୫ ଡିଗ୍ରୀରେ ଚୀନ, ନେପାଳ ସୀମାରେ ପାଟ୍ରୋଲିଂ କରୁଛନ୍ତି ଯବାନ

ଡେରାଡୁନ, ୩୧।୧(ଏଜେନ୍ସି): ଉତ୍ତରାଖଣ୍ଡ ପିଥୋରାଗଡ଼ ଜିଲ୍ଲାର ଉଚ୍ଚ ହିମାଳୟ ସୀମାବର୍ତ୍ତୀ ଅଞ୍ଚଳରେ ତାପାମାତ୍ରା ବିୟୁକ୍ତ ୩୫ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ଖସିଆସିଛି। ଏହି ପ୍ରବଳ ତଥା ହାଡ଼ଭଙ୍ଗା ଶୀତ ସତ୍ତ୍ୱେ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି)ର ଯବାନମାନେ ଚୀନ୍ ଓ ନେପାଳ ସୀମାରେ ସକ୍ରିୟ ଭାବେ ପାଟ୍ରୋଲିଂ କରୁଛନ୍ତି। ଶୀତ ଏତେ ଭୟଙ୍କର ଯେ, ବାହାରକୁ ଗୋଡ଼ କାଢ଼ିବା ମାତ୍ରେ ଆଖିରୁ ଲୁହ ମଧ୍ୟ କିଛି ମୁହୂର୍ତ୍ତ ମଧ୍ୟରେ ବରଫ ପାଲଟି ଯାଉଛି। ଚୀନ୍ ସୀମାରେ ପାଟ୍ରୋଲିଂ ସମୟରେ ଏସଏସ୍‌ବି ଯବାନମାନେ ସ୍ୱତନ୍ତ୍ର ସୁରକ୍ଷା ଚଷମା ବ୍ୟବହାର କରୁଛନ୍ତି। ପ୍ରବଳ ତୁଷାରପାତ ଓ ବରଫ ପବନ ସତ୍ତ୍ୱେ, ଦେଶର ସୁରକ୍ଷା ପାଇଁ ସୈନିକମାନେ ନିୟମିତ ପାଟ୍ରୋଲିଂ କରୁଛନ୍ତି। ଏହା ଯବାନମାନଙ୍କ ଅଦମ୍ୟ ସାହସକୁ ସୂଚିତ କରୁଛି। ଜାନୁଆରୀ ୨୩ ପରେ ସେଠାରେ ହୋଇଥିବା ପ୍ରବଳ ତୁଷାରପାତ ଯୋଗୁଁ ଜନସାଧାରଣଙ୍କ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ଏହି ଅଞ୍ଚଳର ନଦୀ, ନାଳ ଓ ଝରଣାଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଜମାଟ ବାନ୍ଧି ବରଫରେ ପରଣିତ ହୋଇଛି। ଜଳର ସମସ୍ତ ଉତ୍ସ ବରଫ ହୋଇଥିବାରୁ, ପିଇବା ପାଇଁ ଯବାନମାନଙ୍କୁ ପ୍ରତିଦିନ ବରଫ ତରଳାଇବାକୁ ପଡୁଛି। ଭାରତ- ନେପାଳ ସୀମାରେ ଥିବା କଳାପାଣି ଓ ଆଦି କୈଳାଶ ଅଞ୍ଚଳରେ ତାପାମାତ୍ର ବିୟୁକ୍ତ ୩୦ ଡିଗ୍ରୀରେ ପହଞ୍ଚିଛି।

କାଳ ହେଲା ସମୁଦ୍ର ସ୍ନାନ

ମହୋଦଧିରେ ଭାସି ମା'-ପୁଅ ମୃତ

ପୁରୀ, ୩୧ା୧(ସମିସ): ପୁରୀ ବୁଲିବାକୁ ଆସିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରି ବୁଲାବୁଲି ସାରିବା ପରେ ପୁଣି ଖୁସିରେ ଘରକୁ ଫେରିଥା'ନ୍ତେ। ହେଲେ ବିଧିର ବିଧାନ ଥିଲା ଅଲଗା। ପୁରୀ ସମୁଦ୍ରରେ ଛକି ବସିଥିଲା ମୃତ୍ୟୁ। ଗାଧୋଇବା ମା'-ପୁଅଙ୍କ ପାଇଁ ହୋଇଥିଲା କାଳ। ସମୁଦ୍ରରେ ଚାଲି ଯାଇଥିଲା ଦୁହିଁଙ୍କ ଜୀବନ। ମୃତ ମା'-ପୁଅ ହେଉଛନ୍ତି ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର କୁସୁମ ଓ ଅଙ୍କିତ ଗୁପ୍ତା। ଶନିବାର ପୁରୀ ସମୁଦ୍ରରେ ଘଟିଥିଲା ଏଭଳି ଏକ ଅଘଟଣ।

କୁସୁମ ତାଙ୍କ ପରିବାର ଓ ସମ୍ପର୍କୀୟଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ। ସାଙ୍ଗରେ ସ୍ୱାମୀଙ୍କ ସମେତ ପୁଅ ଅଙ୍କିତ ମଧ୍ୟ ଆସିଥିଲେ। ପୂର୍ବାହ୍ନରେ ସମସ୍ତେ ଚକ୍ରତୀର୍ଥ ରୋଡ୍ ପିଙ୍କ୍ ହାଉସ୍ ନିକଟ ବେଳାଭୂମିରେ ସମୁଦ୍ର ସ୍ନାନର ମଜା ନେଉଥିଲେ। ଏହି ସମୟରେ କୁସୁମ ରିପ୍ କରେଣ୍ଟରେ ପଡ଼ି ଯାଇଥିଲେ। ସେ ବୁଡ଼ିଯାଇ ସମୁଦ୍ର ଭିତରକୁ ଟାଣି ହୋଇଯାଉଥିଲେ। ସମ୍ପର୍କୀୟମାନେ ଦେଖି ଡାକ ପକାଇଥିଲେ। ଆଖି ଆଗରେ ମା' ବୁଡ଼ି ଯାଉଥିବା ଦେଖି ସମ୍ଭାଳିପାରି ନଥିଲା ପୁଅ ଅଙ୍କିତ। ମା'ଙ୍କୁ ବଞ୍ଚାଇବାକୁ ଯାଇ ସମୁଦ୍ର ଭିତରକୁ ଡେଇଁ ପଡ଼ିଥିଲେ। ହେଲେ ସେ ମଧ୍ୟ ରିପ୍ କରେଣ୍ଟରେ ପଡ଼ିଯାଇଥିଲେ। ପରିବାରର ଅନ୍ୟ ସଦସ୍ୟମାନେ ଚିତ୍କାର କରିବାରୁ ନିକଟରେ ଉପସ୍ଥିତ ଥିବା ପ୍ରାଇଭେଟ୍ ଲାଇଫଗାର୍ଡ ଓ ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ଯାଇ ମା'-ପୁଅଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ସଙ୍ଗେସଙ୍ଗେ ଉଭୟଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ।



ବୁଡ଼ି ଯାଉଥିବା ମା'ଙ୍କୁ ଉଦ୍ଧାର ପାଇଁ ଡେଇଁ ପଡ଼ିଥିଲା ପୁଅ

ସମୁଦ୍ରକୂଳ ଥାନା ପୁଲିସ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ମାନସ ଚକ୍ର କହିଛନ୍ତି। ତେବେ ଚକ୍ରତୀର୍ଥ, ପେଣ୍ଠକଟା ବେଳାଭୂମିରେ ପ୍ରଶାସନ ପକ୍ଷରୁ ଲାଇଫଗାର୍ଡ ମୁତୟନ ହୋଇ ନ ଥିବାରୁ ପ୍ରତି ସମୟରେ ଏଭଳି ଅଘଟଣ ଘଟୁଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହୋଇଛି।

ଚୋର ସନ୍ଦେହରେ ଯୁବକଙ୍କୁ ପିଟି ମାରିଦେଲେ

ଗ୍ରାମବାସୀ ଓ ବନ କର୍ମଚାରୀଙ୍କ ମାଡ଼ରେ ଯୁବକଙ୍କ ମୃତ୍ୟୁ

ପାଲଲହଡ଼ା, ୩୧ା୧ (ସମିସ): ଚୋର ସନ୍ଦେହରେ ଯୁବକଙ୍କୁ ପିଟି ମାରିଦେଲେ। ପ୍ରଥମେ ଗାଁ ଲୋକ ମାଡ଼ ମାରି ଦରମରା କରି ବନ ବିଭାଗକୁ ଜିମା ଦେଲେ। ବନ କର୍ମଚାରୀ ତାଙ୍କୁ ହସ୍ପିଟାଲ ନେବା ପରିବର୍ତ୍ତେ ଆହୁରି ମାଡ଼ ମାରିଲେ। ପାଲଲହଡ଼ା ଥାନାରେ ଏପରି ଏକ ସାଂଘାତିକ ଅଭିଯୋଗ ହୋଇଛି। ମୃତକ ହେଲେ, ତେଲକୋଇ ଥାନା ଶିରିଗିଡ଼ା ଅଞ୍ଚଳର ବିପିନ ଦାସ। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଗତରାତିରେ ତାଙ୍କର ମୃତ୍ୟୁ ଘଟିଛି। ଅପରପକ୍ଷେ, ଏହି ଘଟଣାରେ ପାଲଲହଡ଼ା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ପାଲଲହଡ଼ା ଥାନା ଅଧୀନ ଡଙ୍ଗାଧର ଗାଁର ପରମେଶ୍ୱର ହେମ୍ବ୍ରମ(୪୧), ସିଦ୍ଧେଶ୍ୱର ହେମ୍ବ୍ରମ(୨୫) ଓ ପିବିନ ହେମ୍ବ୍ରମ(୩୬)। ବିପିନଙ୍କୁ ମାଡ଼ ମରାଯାଇଥିବା ବାଡ଼ିକୁ ପୁଲିସ ଜବତ କରିଛି।

ସୂଚନାନୁଯାୟୀ, ପାଲଲହଡ଼ା ଉପଖଣ୍ଡ ସଇଡ଼ା ପଞ୍ଚାୟତ ଡଙ୍ଗାଧର ଗ୍ରାମରେ ହାତୀପଲଙ୍କ ଗତିବିଧି ନିରୀକ୍ଷଣ ପାଇଁ ବନ ବିଭାଗ ପକ୍ଷରୁ ସୌର ଲାଇଟ୍ ଲଗାଯାଇଛି। ବିପିନ ତାଲୋ ଗ୍ରାମରେ ସମ୍ପର୍କୀୟ ମାମୁ ଘରେ ରହୁଥିବା ବେଳେ ଗତ ଗୁରୁବାର ସନ୍ଧ୍ୟାରେ ଡଙ୍ଗାଧର ଗାଁରେ ବୁଲୁଥିଲେ। ତେବେ, ସେ ସୌର ଲାଇଟ୍ ଉପକରଣ ଚୋରି କରିବାକୁ ଆସିଥିବା ସନ୍ଦେହ କରି ଡଙ୍ଗାଧର ଗ୍ରାମବାସୀ ତାଙ୍କୁ କାବୁ କରି ପ୍ରବଳ ମାଡ଼ ମାରିବା ସହ ଗୁରୁତର ଅବସ୍ଥାରେ ପାଲଲହଡ଼ା ବନ ବିଭାଗକୁ ଜିମା ଦେଇଥିଲେ। ସେଠାରେ ବନ କର୍ମଚାରୀ ତାଙ୍କୁ ଚିକିତ୍ସା କରାଇବା ପରିବର୍ତ୍ତେ ଡରାଇ ଧମକାଇ ମାଡ଼ ମାରି ଆଗରୁ ଚୋରି ହୋଇଥିବା ସମସ୍ତ ସମାଗ୍ରୀ ଫେରାଇବା ପାଇଁ ଲିଖିତ ଚୁକ୍ତିନାମା କରାଇବା ସହ ପରିବାରଲୋକଙ୍କୁ ଜିମା ଦେଇଥିଲେ। ବିପିନଙ୍କ ଗୁରୁତର ଅବସ୍ଥା ଦେଖି ତାଙ୍କୁ ଡାକ୍ତରଖାନା ନେବାକୁ ପରିବାରଲୋକେ ବନ ବିଭାଗକୁ ନିବେଦନ କରିଥିଲେ। କିନ୍ତୁ, ବନ ବିଭାଗ ଅଧିକାରୀମାନେ କିଛି ଶୁଣିନଥିଲେ। ପରିବାରଲୋକ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପାଲଲହଡ଼ା ଡାକ୍ତରଖାନରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ବିପିନଙ୍କ ମୃତ୍ୟୁ ଘଟିଥିଲା। ପରେ, ଦୋଷୀଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ପରିବାରଲୋକେ ଶୁକ୍ରବାର ରାତି ପ୍ରାୟ ୧୨ଟାରେ ପାଲଲହଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ। ଏନେଇ ପାଲଲହଡ଼ା ଥାନାରେ ଲିଖିତ ଅଭିଯୋଗ ପରେ ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ଶନିବାର ସକାଳେ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପରିବାରଲୋକଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ପରିବାରଲୋକ ନିଜ ଜିଦ୍‌ରେ ଅଡ଼ି ବସିଥିଲେ। ହତ୍ୟାକାରୀମାନଙ୍କୁ ଗିରଫ କରାନଯିବା ପର୍ଯ୍ୟନ୍ତ ଶବ ଉଠାଇବୁ ନାହିଁ ବୋଲି କହିଥିଲେ। ଫଳରେ ପାଖାପାଖି ୧୬ ଘଣ୍ଟା ଧରି ଶବ ପଡ଼ି ରହିଥିଲା। ଥାନା ଅଧିକାରୀ ମହାନ୍ତଙ୍କ ନେତୃତ୍ୱରେ ପୁଲିସ ଡଙ୍ଗାଧର ଗାଁରେ ଚଢ଼ଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରିବାରଲୋକ ଧାରଣରୁ ଉଠିଥିଲେ। ଏହି ଘଟଣାରେ ଆଉ କିଏ ସମ୍ପୃକ୍ତ ଅଛନ୍ତି, ସେନେଇ ପୁଲିସ ତଦନ୍ତ ଜାରି ରଖିଛି। ଅପରପକ୍ଷେ, ବନାଞ୍ଚଳ ଅଧିକାରୀ କହିଛନ୍ତି ଯେ ତଦନ୍ତରେ ଆମେ ସହଯୋଗ କରୁଛୁ। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

୩ ଗିରଫ; ରେଞ୍ଜର୍ ଅଫିସ୍ ଆଗରେ ଶବ ରଖି ଧାରଣା

ନବୀନଙ୍କୁ ଭେଟିଲେ ୧୫ପୌର ପରିଷଦ ଅଧ୍ୟକ୍ଷ

ଭୁବନେଶ୍ୱର,୩୧ା୧(ସମିସ): ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ଓଡ଼ିଶା ରାଜ୍ୟ ପୌର ପରିଷଦ ମହାସଂଘ ପକ୍ଷରୁ ୧୫ଟି ପୌର ପରିଷଦର ଅଧ୍ୟକ୍ଷ/ଅଧ୍ୟକ୍ଷା ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା

- **ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଂକୋଚନ ପାଇଁ ସରକାରୀ ନିର୍ଦ୍ଦେଶନାମାକୁ ବିରୋଧ**
- **ନିର୍ବାଚିତ ପ୍ରତିନିଧିମାନଙ୍କୁ ନ୍ୟୂନ କରିବାକୁ ସରକାରଙ୍କ ଉଦ୍ୟମକୁ ନବୀନଙ୍କ ନାପସନ୍ଦ**

ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଶନିବାର ପୂର୍ବାହ୍ନରେ ଏହି ସାକ୍ଷାତ ସମୟରେ ବିଭିନ୍ନ ବିକାଶ ଓ କଲ୍ୟାଣ କାର୍ଯ୍ୟକୁ କାର୍ଯ୍ୟକାରୀ କରିବାରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଦୃଷ୍ଟି ଆକର୍ଷଣକରିଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ନୂତନ ପ୍ରଶାସନିକ ନିର୍ଦ୍ଦେଶନାମା ସମ୍ପର୍କରେ ମଧ୍ୟ ସେମାନେ ନବୀନଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ପୌର ଅଧ୍ୟକ୍ଷ ମାନଙ୍କ କ୍ଷମତା ସଂକୁଚିତ କରାଯାଇଥିବାରୁ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବାରେ ସେମାନେ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ବିଷୟରେ ନବୀନଙ୍କୁ ଅବଗତ କରିଥିଲେ। ନିର୍ବାଚିତ ପୌର ପ୍ରତିନିଧିମାନଙ୍କ କ୍ଷମତାକୁ ପ୍ରଶାସନିକ ଆଦେଶ ବଳରେ ରାଜନୈତିକ ସୁବିଧା ପାଇଁ କ୍ଷୁଣ୍ଣ କରିବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ନାପସନ୍ଦ କରିଥିଲେ। ତେବେ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଲୋକଙ୍କ ସହ ରହି ଲୋକଙ୍କ କାମ ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ସେମାନଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗର ତା ୫/୧/୨୬ ରିଖ ପତ୍ର ଅନୁଯାୟୀ ନିର୍ବାହୀ ଅଧିକାରୀମାନଙ୍କ ଆର୍ଥିକ କ୍ଷମତା ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ବିନା କାଉଣ୍ଟର ସାଇନରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚେକ ପ୍ରଦାନ ଆଦି ଅଗଣତନ୍ତ୍ର ବିଭିନ୍ନ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ନିର୍ବାଚିତ ପ୍ରତିନିଧିମାନେ ବିରୋଧ କରି ଆସୁଛନ୍ତି।

ଡ. କେ. ମୁରୁଗେସାନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ନିଯୁକ୍ତ

ଭୁବନେଶ୍ୱର,୩୧ା୧(ସମିସ): ୧୯୯୪ ବ୍ୟାଚର ବରିଷ୍ଠ ଆଇଏଫଏସ ଡ. କେ. ମୁରୁଗେସାନଙ୍କୁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ) ଓ ରାଜ୍ୟ ବନ ବାହିନୀ ମୁଖ୍ୟ ଭାବେ ନିଯୁକ୍ତି ମିଳିଛି। ଏନେଇ ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବାଲିଗୁଡ଼ା ହାତୀ ମୃତ୍ୟୁ ଘଟଣା

ନିଲମ୍ବିତ ହେଲେ ଏସିଏଫ ସୂର୍ଯ୍ୟକାନ୍ତ ବେହେରା

ଭୁବନେଶ୍ୱର,୩୧ା୧(ସମିସ): ବାଲିଗୁଡ଼ା ବନଖଣ୍ଡ ଅଧିନ ବେଲଘର ରେଞ୍ଜର ଅଞ୍ଚଳରେ ଏକ ହାତୀର ମୃତ୍ୟୁ ଘଟିଥିଲା। ଏହାପରେ କିଛି ବନ କର୍ମଚାରୀ ଉପରିସ୍ଥିତ ଅଧିକାରୀଙ୍କୁ ନଜଣାଇ ଏହାକୁ ୩୨ ଖଣ୍ଡରେ କାଟି ପୋତି ଜେଇଥିଲେ। ଗତ ଜନୁଆରୀ ୫ ତାରିଖରେ ଏହି ଘଟଣା ଘଟିଥିବା ବଳେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେଇଛି ବନ ବିଭାଗ। ବାଲିଗୁଡ଼ା ବନଖଣ୍ଡର ଏସିଏଫ ସୂର୍ଯ୍ୟକାନ୍ତ ବେହେରାଙ୍କୁ ବିଭାଗ ନିଲମ୍ବନ କରିଛି। ଏହାସହ ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଆରମ୍ଭ କରାଯାଇଛି। ଏନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ନବମ ଛାତ୍ରକୁ ହାଣିଲା ଦଶମ ଛାତ୍ର

ବାଲେଶ୍ୱର,୩୧ା୧(ସମିସ): ବାଲେଶ୍ୱର ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଅପରାଧିକ କାର୍ଯ୍ୟକଳାପରେ ସ୍କୁଲ ଛାତ୍ର ମଧ୍ୟ ସାମିଲ ହେଲେଣି। ଦୁଇ ଦିନ ତଳେ ଶ୍ରୀଜଙ୍ଗସ୍ଥିତ ଏକ ବିଦ୍ୟାଳୟର ଜଣେ ଛାତ୍ରଙ୍କ ବ୍ୟାଗରୁ ବନ୍ଧୁକ ଜବତ ହୋଇଥିବା ବେଳେ ଆଜି ରେମୁଣା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଛାତ୍ର ଜଣେ ନବମ ଛାତ୍ରକୁ ଖଣ୍ଡାରେ ହାଣି ଥାନାରେ ଆତ୍ମସମର୍ପଣ କରିଛି। ଗୁରୁତର ଛାତ୍ରଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଛି। ଏ ସଂପର୍କରେ ତାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ରେମୁଣା ଏନ୍‌ଏସି ଅନ୍ତର୍ଗତ ପିଏମଶ୍ରୀ ରେମୁଣା ହାଇସ୍କୁଲର ଆଜି ବାର୍ଷିକ ଉତ୍ସବ ଥିଲା। ସ୍କୁଲ ଭିତରେ ଜଣେ ଦଶମ ଶ୍ରେଣୀ ଛାତ୍ର ତା'ର ଜଣେ ସାଙ୍ଗ ମାଧ୍ୟମରେ ନବମ ଛାତ୍ରକୁ ଡକାଇଥିଲା। ପରେ ସେମାନେ ଉକ୍ତ ଛାତ୍ରଙ୍କୁ ସ୍କୁଲ ପରିସରରେ ଥିବା ଏକ ଭଙ୍ଗା ଶୌଚାଳୟ ନିକଟକୁ ନେଇଯାଇ ସେଠାରେ ଅତର୍କିତ ଆକ୍ରମଣ କରିଥିଲା। ପୂର୍ବରୁ ସେଠାରେ ରଖିଥିବା ଏକ ଖଣ୍ଡାରେ ନବମ ଛାତ୍ରଙ୍କୁ ହାଣି ପକାଇଥିଲା। ସ୍କୁଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଏହା ଆସିବା ପରେ ରକ୍ତଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟପଟେ, ଏହି ଆପରାଧିକ କାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଛାତ୍ରଜଣଙ୍କ ରେମୁଣା ଥାନାରେ ଆତ୍ମସମର୍ପଣ କରିଥିଲା। ପୁଲିସ ଘଟଣାସ୍ଥଳରୁ ଖଣ୍ଡାକୁ ଜବତ କରିଛି। ପ୍ରେମ ବ୍ୟାପାରକୁ ନେଇ ଏହି ହଣାକଟା ହୋଇଥିବା ଚର୍ଚ୍ଚା ହେଉଛି। ଗୁରୁତର ଆହତ ଛାତ୍ରଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୁଲିସ ଘଟଣାର ତଦନ୍ତ ଚଳାଇଛି।

+୨ ପରୀକ୍ଷା ପ୍ରସ୍ତୁତି

ପ୍ରଶ୍ନପତ୍ର ନେଇ ଯାଉଥିବା ଭ୍ୟାନ୍‌ରେ ଲାଗିବ ଜିପିଏସ୍

ଭୁବନେଶ୍ୱର, ୩୧ା୧(ସମିସ): ଆଉ ମାତ୍ର ଦୁଇ ସପ୍ତାହ ପରେ +୨ ପରୀକ୍ଷା ଆରମ୍ଭ ହେବ। ଫେବୃଆରୀ ୧୮ରୁ ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସମ୍ପୂର୍ଣ୍ଣ ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ପ୍ରଶ୍ନପତ୍ର ରଖିବାକୁ ପ୍ରସ୍ତୁତ ହୋଇଥିବା ହବ୍‌ରେ କୃତ୍ରିମ ବୁଦ୍ଧିମତା (ଏଆଇ) ପରିଚାଳିତ କ୍ୟାମେରା ଲଗାଯିବ। ସେହିପରି ହବ୍‌କୁ ପ୍ରଶ୍ନପତ୍ର ନେଉଥିବା ଗାଡ଼ିରେ ପ୍ରଥମଥର ପାଇଁ ଜିପିଏସ୍ ଲଗାଇବାକୁ ବ୍ୟବସ୍ଥା କରାଯାଇଛି। ପ୍ରଶ୍ନପତ୍ର ଯେପରି ଲିକ୍ ନ ହେବ ବା ଯୋଗାଣରେ କୌଣସି ବିଭ୍ରାଟ ନ ହେବ ସେଥିପାଇଁ ସିଏଚ୍‌ଏସ୍‌ଇ କର୍ତ୍ତୃପକ୍ଷ ତୀକ୍ଷ୍ଣ ନଜର ରଖିଛନ୍ତି।

ପ୍ରଶ୍ନପତ୍ରକୁ ସୁରକ୍ଷିତ ଭାବେ ଓ ଠିକଣା ସମୟରେ ହବ୍‌ରେ ପହଞ୍ଚାଇବା ପାଇଁ ଏକାଧିକ ପଦକ୍ଷେପ ନିଆଯାଇଛି। ପ୍ରିଣ୍ଟିଂ ପ୍ରେସ୍‌ରୁ ହବ୍‌କୁ ପ୍ରଶ୍ନପତ୍ର ନେଉଥିବା ଗାଡ଼ିରେ ଜିପିଏସ୍ ଲଗାଇବାକୁ ପରିଷଦ ନିଷ୍ପତ୍ତି ନେଇଛି। କେଉଁ ରାସ୍ତାରେ ଗାଡ଼ି ଯାଉଛି ଓ କେଉଁଠାରେ କେତେ ସମୟ ରହୁଛି, ତାକୁ ପରିଷଦ କାର୍ଯ୍ୟାଳୟରୁ ନିରୀକ୍ଷଣ କରାଯିବ। ଆବଶ୍ୟକତା ଠାରୁ ଅଧିକ ସମୟ ଗାଡ଼ି ଅଟକିଲେ ବା ବିନା ଅନୁମତିରେ ରହିଲେ କର୍ତ୍ତୃପକ୍ଷ ତତ୍‌କ୍ଷଣାତ ପଦକ୍ଷେପ ନେବେ। ପ୍ରଶ୍ନପତ୍ର ଯେପରି ଲିକ୍ ନ ହେବ ସେଥିପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଛି।

ହବ୍‌ରେ ଲାଗିବ ଏଆଇ କ୍ୟାମେରା

ପ୍ରଶ୍ନପତ୍ର ପହଞ୍ଚିବା ପରେ ହବ୍‌ରେ ସୁରକ୍ଷିତ ଭାବେ ରଖାଯିବ। ହବ୍‌ରେ ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ଏଆଇ ପରିଚାଳିତ ସିସିଟିଭି କ୍ୟାମେରା ଲଗାଯାଇଛି। ଷ୍ଟ୍ରଙ୍ଗ ରୁମ୍ ଭିତରେ କୌଣସି ପ୍ରକାର ହଲଚଲ ହେଲେ ଏଆଇ ତୁରନ୍ତ ପରିଷଦ କାର୍ଯ୍ୟାଳୟକୁ ସୂଚନା ପହଞ୍ଚିବ। ଏପରିକି ଝିଟିପିଟି ଚାଲିଲେ ମଧ୍ୟ ସିଏଚ୍‌ଏସ୍‌ଇ ମୁଖ୍ୟାଳୟକୁ ନୋଟିଫିକେସନ୍ ପହଞ୍ଚିବ। ଅନୁରୂପ ଭାବେ ପରୀକ୍ଷାରେ କପି ରୋକିବା ପାଇଁ ଏକାଧିକ ପଦକ୍ଷେପ ନିଆଯାଇଛି। ସମସ୍ତ ପରୀକ୍ଷା ହଲ୍‌ରେ ସିସିଟିଭି କ୍ୟାମେରା ଲଗାଯାଇଛି। ସମସ୍ତ ସିସିଟିଭି କ୍ୟାମେରାକୁ ପରିଷଦ କାର୍ଯ୍ୟାଳୟରେ ହୋଇଥିବା ପରୀକ୍ଷା ନିୟନ୍ତ୍ରଣ କକ୍ଷରେ ଡିସପ୍ଲେ କରାଯିବ। ଅଭିଯୋଗ ଆସୁଥିବା ବିଦ୍ୟାଳୟର ସିସିଟିଭିକୁ ଏଠାରୁ ପର୍ଯ୍ୟବେକ୍ଷମ କରାଯିବ। କୌଣସି ପିଲା କପି କରୁଥିଲେ ବା ପରୀକ୍ଷା ନିରୀକ୍ଷକ କୌଣସି ଅସଙ୍ଗତି କାର୍ଯ୍ୟ କରୁଥିବା ଦେଖାଦେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ପରୀକ୍ଷା ହଲ୍‌ରେ କପି ଯାଞ୍ଚ କରିବାକୁ ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଜିଲ୍ଲା ସ୍ତରରେ ଗୋଟିଏ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ମୃତୟନ ହେଉଥିବାବେଳେ ଏ ଚଳିତ ଥର ଦୁଇଟି ଟିମ୍ ରହିବେ। ଜିଲ୍ଲା ମୁଖ୍ୟାଳୟରେ ରହିବା ସହ ଅଚାନକ ପରୀକ୍ଷା କେନ୍ଦ୍ର ଗସ୍ତ କରି କପି ଯାଞ୍ଚ କରିବେ। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବର୍ଗରେ ପରୀକ୍ଷା ଦେବା ପାଇଁ ମୋଟ୍ ୪ ଲକ୍ଷ ୧ ହଜାର ୬୨୩ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି। ତନ୍ମଧ୍ୟରେ ପ୍ରାୟ ୨୫ହଜାର ଏକ୍ସ-ରେଗୁଲାର୍ ପିଲା ରହିଛନ୍ତି।

ହବ୍‌ରେ ୧୨ରୁ ପହଞ୍ଚିବ ପ୍ରଶ୍ନପତ୍ର

ଭୁବନେଶ୍ୱର, ୩୧ା୧(ସମିସ): ଯୁକ୍ତ ୨ ପରୀକ୍ଷା ପାଇଁ ଦୁଇଟି ପର୍ଯ୍ୟାୟରେ ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚିବ। ମୋଟ୍ ୨୧୧ ଟି ପରୀକ୍ଷା ପରିଚାଳନା ହବ୍ (ଇଏମ୍‌ଏଚ୍‌ଏସ୍) ହୋଇଥିବାବେଳେ ଆସନ୍ତା ୧୨ରୁ ୧୪ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପ୍ରଶ୍ନପତ୍ର ପ୍ରେରଣ କରାଯିବ। ୧୫ ତାରିଖ ସୁଦ୍ଧା ସମସ୍ତ ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚିବ। ସେହିପରି ମାର୍ଚ୍ଚ ୪ ରୁ ୬ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶ୍ନପତ୍ର ହବ୍‌କୁ ପ୍ରେରଣ କରାଯିବାକୁ ଥିବାବେଳେ ୭ ତାରିଖ ସୁଦ୍ଧା ପହଞ୍ଚିବ। ନିର୍ଦ୍ଧାରିତ ସମୟରେ ପ୍ରଶ୍ନପତ୍ର ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଗ୍ରହଣ କରିବାକୁ ପରିଷଦ ପକ୍ଷରୁ ସମସ୍ତ ହବ୍‌ର ସୁପରିଟେଣ୍ଡେଣ୍ଟଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ଶନିବାର ଅବଗତ କରାଯାଇଛି।

ହବ୍‌ରେ ପ୍ରଶ୍ନପତ୍ର ଗ୍ରହଣ କରିବା ସମୟରେ ଓ ଏହା ପରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ପରିଷଦ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ସିସିଟିଭି ଲାଗିଥିବା ଅଞ୍ଚଳରେ ହିଁ ପ୍ରଶ୍ନପତ୍ର ହସ୍ତାନ୍ତର କରାଯିବ। ପ୍ରଶ୍ନପତ୍ର ଗ୍ରହଣ କରିବା ପୂର୍ବରୁ ସିଏଚ୍‌ଏସ୍‌ଇ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ମେଳ କରିବା ଆବଶ୍ୟକ। ହବ୍‌ର ସମସ୍ତ ପାୱାର୍ ବନ୍ଦ ଥିବା ବାଧ୍ୟତାମୂଳକ କରିବା ସହ ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ ଏହାକୁ ସୁନିଶ୍ଚିତ କରିବାକୁ କୁହାଯାଇଛି। ସେହିପରି ସ୍ଥାନୀୟ ପ୍ରଶାସନ ସହିତ ପୁଲିସ ଆଇଆଇସିଙ୍କୁ ଆବଶ୍ୟକ ସୁରକ୍ଷା ସମ୍ପର୍କରେ ଅବଗତ କରି ସୁରକ୍ଷା ସୁନିଶ୍ଚିତ କରିବେ। ଅନ୍ତରିଣ ଓ ବାହ୍ୟ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବନ୍ଧୁକଧାରୀ ପୁଲିସ୍ ରହିବେ। ପରୀକ୍ଷା ସରିବା ଯାଏଁ ବନ୍ଧୁକଧାରୀଙ୍କ ସୁରକ୍ଷାରେ ପ୍ରଶ୍ନପତ୍ର ରହିବ। ଏହାସହ ୨୪ ଘଣ୍ଟିଆ ସୁରକ୍ଷା ସୁନିଶ୍ଚିତ କରିବା ସହିତ ଏକ ମୋବାଇଲ୍ ନମ୍ବର ପ୍ରଦାନ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ଗଣଶିକ୍ଷା ସଚିବଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୩୧ା୧ (ସମିସ): ଏକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ସ୍କୁଲ ଓ ଗଣଶିକ୍ଷା ସଚିବଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅନ୍ୟ ଅଧିକାରୀ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ମାମଲାର ପରବର୍ତ୍ତୀ ଶୁଣାଣି ବେଳେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ରହିଛି। ବିଜୟକୃଷ୍ଣ ପ୍ରଧାନଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପ୍ରତିପକ୍ଷ ଗଣଶିକ୍ଷା ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, କେନ୍ଦୁଝର ଡିଇଓଙ୍କୁ ପୁଲିସ ମାଧ୍ୟମରେ ନୋଟିସ ଜାରି କରିଛନ୍ତି ଅଦାଲତ। ତେବେ ପୂର୍ବ ନିର୍ଦ୍ଦେଶ ପାଳନ କରାଯିବା ସହ ପରବର୍ତ୍ତୀ ଶୁଣାଣି ପୂର୍ବରୁ କାର୍ଯ୍ୟକାରିତା ରିପୋର୍ଟ ଦାଖଲ କରାଗଲେ ପ୍ରତିପକ୍ଷ ହାଜର ହେବା ଆବଶ୍ୟକ ପଡ଼ିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବ୍ରୁଆରି ୧୩କୁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କୁ କେନ୍ଦୁଝରର ଏକ ସ୍କୁଲରେ ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ ସପକ୍ଷରେ ହାଇକୋର୍ଟ ୨୦୨୫ ଡିସେମ୍ବର ୮ ରେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପାଳନ କ୍ଷେତ୍ରରେ କର୍ତ୍ତୃପକ୍ଷ ଅବହେଳା କରିଥିବା ଅଭିଯୋଗ କରି ଉପରୋକ୍ତ ଅଦାଲତ ଅବମାନନା ମାମଲା ଦାୟର ହୋଇଛି।

ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ

ପୁରୀବାସୀଙ୍କ କଟା ଘା'ରେ ସରକାରଙ୍କ ଚୂନ

ପୁରୀ, ୩୧ା୧(ସମିସ): ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ପୁରୀବାସୀଙ୍କ କଟା ଘା'ରେ ଚୂନ ସଦୃଶ ହୋଇଛି। ନିକଟରେ ସରକାର ବରିଷ୍ଠ ନାଗରିକଙ୍କ ପାଇଁ ନୂଆ ଯୋଜନା ଆଣିଛନ୍ତି। ବରିଷ୍ଠ ନାଗରିକଙ୍କୁ ପୁରୀ ବୁଲାଇବେ। ୬୦ରୁ ୭୫ବର୍ଷ ବୟସ୍କ ଓ ବିଧବା ମହିଳାଙ୍କୁ ଜଗନ୍ନାଥ ଦର୍ଶନ କରାଇବେ। ଖୁବ୍‌ଶୀଘ୍ର ଆରମ୍ଭ ହେବ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା। ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ପର୍ଯ୍ୟଟନ ବିଭାଗ ଚିଠି ଦେଇଛି। ପ୍ରାୟ ୩୫ହଜାର ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ପଞ୍ଚାୟତସ୍ତରରେ ହିତାଧିକାରୀ ଚୂଡ଼ାନ୍ତ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପରିଣତ ବୟସରେ ପହଞ୍ଚିଥିବା ବରିଷ୍ଠ ନାଗରିକ ଏହାଦ୍ୱାରା ଉପକୃତ ହେବେ। କିନ୍ତୁ, ୭/୮ ମାସ ହେବ ସେମାନଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବାକୁ ପୁରୀବାସୀ ଦାବି କରିଆସୁଛନ୍ତି। ହେଲେ ସରକାର ଶୁଣୁନାହାନ୍ତି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସହରବାସୀ।

ପୂର୍ବଭଳି ଆଉ ପୁରୀ ସହରବାସୀ ଶ୍ରୀମନ୍ଦିରକୁ ଯାଉ ନାହାନ୍ତି। ସମୟ ଥିଲା, ଅନେକ ସହରବାସୀ ଦିନକୁ ଏକାଧିକ ଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଇ ଅବଢ଼ା ଖାଇବା ସହ ପରିବାର ପାଇଁ ଧରି ଆସୁଥିଲେ। ହେଲେ, କିଛି ବର୍ଷ ହେବ ଏଭଳି ସୁଯୋଗ ଆଉ ନାହିଁ। ପ୍ରଶାସନିକ କଟକଣାରେ ରୁଦ୍ଧି ହୋଇଯାଉଛନ୍ତି ପୁରୀ ସହରବାସୀ। କଟକଣା ଲଗାଉଥିବା ବାବୁମାନେ ଜାଣିବା ଦରକାର ଯେ ପୁରୀବାସିଦାଙ୍କ ଦୈନନ୍ଦିନ ଜୀବନରେ ମହାପ୍ରଭୁ ହେଉଛନ୍ତି ସ୍ୱତନ୍ତ୍ର। ସେମାନଙ୍କ ପାଇଁ ଶ୍ରୀମନ୍ଦିର ହେଉଛି ଗାଁ ମନ୍ଦିର ଆଉ ଶ୍ରୀଜଗନ୍ନାଥ ହେଉଛନ୍ତି ଗ୍ରାମ ଦେବତା। ଶ୍ରୀମନ୍ଦିର ପୁରୀ ଅଧିବାସୀଙ୍କ ଶୁଭ-ଅଶୁଭ କାର୍ଯ୍ୟ ଓ ଷୋହଳ ସଂସ୍କାର ସହ ଓତପ୍ରୋତ ଭାବେ ଜଡ଼ିତ। ଶହଶହ ବର୍ଷ ଧରି ଶ୍ରୀମନ୍ଦିରରେ ଅବାଧରେ ଯା'ଆସ କରିବା ପରେ ଏବେ ସେମାନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଘରର ବରିଷ୍ଠ ନାଗରିକଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ସତେ ଯେମିତି ସ୍ୱପ୍ନ ପାଲଟିଯାଇଛି। ଅନ୍ୟମାନେ ଇଚ୍ଛା କଲେ ବି ଘଣ୍ଟା ଘଣ୍ଟା ଧରି ସେମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ତେଣୁ, ମନ୍ଦିରକୁ କିପରି ସହଜରେ ପ୍ରବେଶ ଏବଂ ଦର୍ଶନ କରିବେ, ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି ପୁରୀ ସହରବାସୀ।

ପୁରୀବାସୀଙ୍କ ଏହି ଦାବି ଭୁବନେଶ୍ୱରଠାରୁ ଆରମ୍ଭ କରି ଦିଲ୍ଲୀରେ ବି ଉଠିଛି। ଏଥିପାଇଁ ଗଠିତ ମଞ୍ଚ ପୁରୀରେ ଦୀପଦାନ, ଧାରଣା, ନିରବ ପ୍ରତିବାଦ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ଦାବି ଜଣାଇଥିଲେ। ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଶ୍ରୀଜଗନ୍ନାଥ ଦର୍ଶନର ସୁବ୍ୟବସ୍ଥା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପରବର୍ତ୍ତୀ ସମୟରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ ଏବଂ ଏସ୍‌ପି ମଧ୍ୟ ଉପସ୍ଥିତ ଥିଲେ। ଆଇନମନ୍ତ୍ରୀ କହିଥିଲେ ଯେ ଖୁବ୍‌ଶୀଘ୍ର ଆଉଥରେ ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ ସହ ବିଶଦ୍ ଆଲୋଚନା ହେବ। ନୂଆବର୍ଷ ଉପଲକ୍ଷେ ଲକ୍ଷଲକ୍ଷ ଭକ୍ତ, ପର୍ଯ୍ୟଟକ ପୁରୀ ଆସିବେ। ନୂଆବର୍ଷ ପରେ ଖୁବ୍‌ଶୀଘ୍ର ପୁରୀବାସୀଙ୍କ ପାଇଁ ବ୍ୟବସ୍ଥା କରାଯିବ। ଇତିମଧ୍ୟରେ ନୂଆବର୍ଷ ଯାଇ ଜାନୁଆରୀ ମାସ ସରିଗଲାଣି। ହେଲେ ଏ ପର୍ଯ୍ୟନ୍ତ କିଛି ବ୍ୟବସ୍ଥା ହେଲା ନାହିଁ। କିନ୍ତୁ ଭିଭିଆଇପିଙ୍କୁ କିପରି ପ୍ରୋଟୋକଲ ଦର୍ଶନ ମିଳିବ, ସେନେଇ ଶ୍ରୀମନ୍ଦିର ପ୍ରଶାସନ ଗୋଟିଏ ଦିନରେ ବୈଠକ ଡାକି ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଏସ୍‌ଓପି ପ୍ରସ୍ତୁତ ଦାୟିତ୍ୱ ଦେଇଥିବା ବେଳେ ଏବେ ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କୁ ପୁରୀ ବୁଲାଇବେ। ୬୦ରୁ ୭୫ବର୍ଷ ବୟସ୍କ ଓ ବିଧବା ମହିଳାଙ୍କୁ ଜଗନ୍ନାଥ ଦର୍ଶନ କରାଇବେ ବୋଲି ଘୋଷଣା କରିଛନ୍ତି।

ଏହାକୁ ନେଇ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କୁ ଜଗନ୍ନାଥ ଦର୍ଶନ କରାଇବା ଏକ ଭଲ ପଦକ୍ଷେପ। କିନ୍ତୁ, ବର୍ଷତମାମ ଯେଉଁ ପୁରୀବାସୀ ସରକାର ଏବଂ ପ୍ରଶାସନକୁ ସବୁକ୍ଷେତ୍ରରେ ସହଯୋଗର ହାତ ବଢ଼ାଇ ଆସୁଛନ୍ତି, ସେମାନଙ୍କ ଦାବି ପ୍ରତି ଅଣଦେଖା କାହିଁକି? ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ପୁରୀବାସୀଙ୍କ କଟା ଘା'ରେ ଚୂନ ଲଗାଇବା ଭଳି ହୋଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

୩ ଆଇଏଏସଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟା

ଭୁବନେଶ୍ୱର, ୩୧ା୧ (ସମିସ): ରାଜ୍ୟର ୩ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ) ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ୧୯୯୬ ବ୍ୟାଚର ଶାଶ୍ୱତ ମିଶ୍ର, ବିଶାଳ କୁମାର ଦେବ ଓ ଉଷା ପାଢ଼ୀଙ୍କୁ ଏହି ପଦୋନ୍ନତି ମିଳିଛି। ଶନିବାର ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏତଦ୍ ବ୍ୟତୀତ କେନ୍ଦ୍ରୀୟ ଡେପୁଟେସନରେ ଥିବା ସମାନ ବ୍ୟାଚର ଆଇଏଏସ ବୀର ବିକ୍ରମ ଯାଦବଙ୍କୁ ମଧ୍ୟ ପଦୋନ୍ନତି ମିଳିଛି। ତାଙ୍କୁ ସର୍ବୋଚ୍ଚ ଗ୍ରେଡ ଅର୍ଥାତ୍ ଲେଭୁଲ୍-୧୭କୁ ପଦୋନ୍ନତି ମିଳିଥିବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ୧୯୯୫ ବ୍ୟାଚର ଆଇଏଏସ ଚିତ୍ରା ଅରୁମୁଗମଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ(ଟ୍ରେନିଂ କୋର୍ଡିନେସନ) ଭାବରେ ସାମୟିକ ସମୟ ପାଇଁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଆଇଏଏସ ସରୋଜ କୁମାର ସେଠୀଙ୍କୁ ଶିକ୍ଷ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି।

ଦଳିତଙ୍କ ଜମି ହଡ଼ପ୍ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ଧର୍ମଶାଳା,୩୧।୧(ସମିସ): ବାପ ଅଜା ଚଉଦ ପୁରୁଷରୁ ବ୍ୟବହାର କରୁଥିବା ଜମିକୁ ତଞ୍ଚକତା କରି ହଡ଼ପ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ଧର୍ମଶାଳା ତହସିଲ ଅଧୀନ ତଳଗଡ଼ ମୌଜା ଖାତା ନମ୍ବର ୬୦୬ ପ୍ଲଟ ୨୩୯୩ ଓ ପ୍ଲଟ ନମ୍ବର ୨୪୦୭ରେ ଦେଢ଼ ଏକର ଜମି ଯାହାର କିସମ ଅନାବାଦୀ, ଗୋଚର, ଗ୍ରାମ୍ୟ ନାଳ ରହିଥିଲା; ଉକ୍ତ ଜମିର ମାଲିକାନା ସତ୍ତ୍ୱ ତତ୍‌କାଳୀନ ରାଜା ସଦୃଶ୍ୟ ନାରାୟଣ ବୈଦ୍ୟ ରତ୍ନଙ୍କ ନାଁରେ ସାବକ ପୁରାତନ ପତିତ ଥିଲା। ଉକ୍ତ ଜମି ଉପରେ ଧର୍ମଶାଳା ତହସିଲ ଅଧୀନ ବଳରାମପୁର ତଳଗଡ଼ ଗାଁର ଦଳିତ ବେହେରା ସାହିର ପରିବାର ଗୁଡିକ ଚାଷ ବାସ କରି ଜୀବିକା ନିର୍ଭୟ କରୁଥିଲେ। ଉକ୍ତ ଜମିକୁ ଲାଗିଥିବା ଜମି ଉପରେ ପିଲାମାନେ ଖେଳକୁଦ କରିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିଆସୁଥିଲେ। ଦଳିତ ପରିବାର ଗୁଡିକୁ ଚାଷବାସରେ ସହାୟତା ପାଇଁ ଧର୍ମଶାଳା ବ୍ଲକ ପକ୍ଷରୁ ସରକାରୀ ଅର୍ଥରେ ଏକ କୂଅ ସହ ସ୍ୱଚ୍ଛ ପାନୀୟ ଜଳ ନିମନ୍ତେ ଏକ ନଳକୂପ ମଧ୍ୟ ଖନନ କରାଯାଇଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ ଏକ ଟ୍ରାନ୍ସଫର୍ମର ମଧ୍ୟ ବସା ଯାଇଥିଲା। ତା' ସହ ସରକାରୀ ଅନୁଦାନରେ ଏକ କଂକ୍ରିଟ ରାସ୍ତା ମଧ୍ୟ ନିର୍ମାଣ ହୋଇଥିଲା। କିନ୍ତୁ ଉକ୍ତ ଗ୍ରାମର କେତେକ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ଜମିକୁ ତଞ୍ଚକତା କରି କିସମ ପରିବର୍ତ୍ତନ କରିବା ସହ ଉକ୍ତ ଜମିକୁ ଅକ୍ତିଆର କରିଥିବା ଅଭିଯୋଗ ହୋଇଛି। ଫଳରେ କୂଅ, ନଳକୂଅ, ରାସ୍ତା ଉପରେ ନିର୍ଭର କରୁଥିବା ଶତାଧିକ ଲୋକ ସ୍ୱଚ୍ଛ ପାନୀୟ ଜଳ ମୁନ୍ଦେ ପାଇଁ ଡହଳ ବିକଳ ହେଉଛନ୍ତି। ଏ ସମ୍ପର୍କରେ ଦଳିତ ପରିବାର ଗୁଡିକ ପକ୍ଷରୁ ଶିବ ବେହେରା, ରାଜୁ ବେହେରା, ଇତିଶ୍ରୀ ବେହେରା, ଦୀପା ବେହେରା, ଦୀପାଞ୍ଜଳି ବେହେରା, କୁଲୁରୀ ବେହେରା, ସସ୍ମିତା ବେହେରା ପ୍ରମୁଖ ସିଭିଲ ସୋସାଇଟି ସଦସ୍ୟ ବିଶ୍ୱନାଥ ପାତ୍ର, ଆମ୍ବେଦକର ଫାଉଣ୍ଡେସନ ଧର୍ମଶାଳାର ଦୁଷ୍ମନ୍ତ ଜେନା, କାର୍ତ୍ତିକ ମଲ୍ଲିକ, ବାବନ ମଲ୍ଲିକ, ଜଗନ୍ନାଥ ମଲ୍ଲିକଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲାପାଳଙ୍କ ସହ ଉପଜିଲ୍ଲାପାଳ ଯାଜପୁରଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଧର୍ମଶାଳା ତହସିଲଦାରଙ୍କୁ ରିପୋର୍ଟ ତଳବ କରାଯାଇଛି।

ବିଧାୟିକାଙ୍କୁ ନାଗରିକ ସମ୍ବର୍ଦ୍ଧନା

ବିଞ୍ଝାରପୁର,୩୧।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ଗ୍ରାମପଞ୍ଚାୟତ ପକ୍ଷରୁ ଆୟୋଜିତ ଏକ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସାମାଜିକ କର୍ମୀ ରଞ୍ଜନ କୁମାର ଯେନା ଓ ସରପଞ୍ଚ କଳିକା ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ମାଁସଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ରାଉଳ। ଏଥିରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଶିକ୍ଷାବିତ ପ୍ରସନ୍ନ କୁମାର ବାରିକ, ଶରତ କୁମାର ସାହୁ ସହିତ ମାଁସଡା ପଞ୍ଚାୟତର ବରିଷ୍ଠ ନାଗରିକ ଗଙ୍ଗାଧର ମିଶ୍ର, ଅକ୍ଷୟ କୁମାର ମହାନ୍ତି, କମଳାକାନ୍ତ ଶତପଥି ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ସୁଶାନ୍ତ କୁମାର ମିଶ୍ର ଯୋଗଦେଇଥିଲେ। ଏହା ସହ ଦଧିବାମନପୁର ଗ୍ରାମର ଯୁବ ସମାଜସେବୀ ମିଲନ କୁମାର ସାହୁ, ଅଭିଜିତ ସାହୁଙ୍କ ସମେତ ବିଞ୍ଝାରପୁର ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫୦ରୁ ଅଧିକ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାଁସଡା, ଗୌଡସାହି, ଦଧିବାମନପୁର ଓ ଅଲାରପୁର ଗ୍ରାମର ଗ୍ରାମବାସୀ ଉପସ୍ଥିତି ଥିଲେ। ମଞ୍ଚାଳନା ଶିକ୍ଷାବିତ ରଞ୍ଜନ କୁମାର ମିଶ୍ର କରିଥିବାବେଳେ ସାମାଜିକ କର୍ମୀ ସଚ୍ଚିଦାନନ୍ଦ ସାହାଣୀ ଧନ୍ୟବାଦ ଜଣାଇଥିଲେ।

ବରୁଣେଶ୍ୱର ବିଦ୍ୟାଳୟ ଗୁରୁପୂଜନ କାର୍ଯ୍ୟକ୍ରମ

ମଇଁଦା,୩୧।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ପଞ୍ଚାୟତ ସ୍ଥିତ ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୦ ବ୍ୟାଚର ମ୍ୟାଟ୍ରିକ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ 'ଉତ୍କର୍ଷ' କାର୍ଯ୍ୟକ୍ରମ ବରୁଣେଶ୍ୱର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଦୀପକ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପୂର୍ବତନ ବିଡିଓ ହିମାଂଶୁ ଶେଖର ସାମଲ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଗୌରୀପ୍ରଭା ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ମହାପାତ୍ର, ଶିକ୍ଷକ ଅଭିରାମ ସାମଲ, ଆଦିତ୍ୟ ପଣ୍ଡା, ଦିଗାମ୍ବର ସାହୁ, ମଧୁସୂଦନ ପଣ୍ଡା, ପ୍ରସନ୍ନ ସାହୁ ଓ କୈଳାଶ ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀ ଗୁରୁମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହା ସହ ଶିକ୍ଷକ ଓ ପୁରାତନ ଛାତ୍ରଛାତ୍ରୀମାନେ ନିଜ ନିଜ ସ୍ମୃତି ଓ ଅନୁଭୂତି ବାଣ୍ଟି ପୁରୁଣା ଦିନକୁ ସ୍ମରଣ କରିଥିଲେ। କାର୍ଯ୍ୟକ୍ରମରେ ସୁଜିପ ଧଳ, ସନ୍ତୋଷ ପଣ୍ଡା, ଦେବୀ ପ୍ରଶନ୍ନ ସାମଲ, ସତ୍ୟପ୍ରକାଶ ରାୟ, ଶଶାଙ୍କ ଶେଖର ନାୟକ, ଜଗନ୍ନାଥ ବରାଳ, ଚନ୍ଦ୍ରଶେଖର ପରିଡା ଓ ସ୍ମୃତିରଞ୍ଜନ ପରିଡା ପ୍ରମୁଖ ଯୋଗଦେଇଥିଲେ।

ରାମପୁର ବିଦ୍ୟାଳୟରେ ପ୍ରକୃତି ଶିବିର

ବରୀ,୩୧।୧(ସମିସ) : ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରାମପୁର ତରଫରୁ ଭିତର କନିକା ଜାତୀୟ ଉଦ୍ୟାନରେ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୫୦ ଜଣ ଛାତ୍ର ଛାତ୍ରୀଙ୍କ ସମେତ ଶିକ୍ଷକ ଓ ସହକର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏସଏନ କଲେଜ, ରାଜକନିକାର ବଟାନୀ ବିଭାଗର ଅଧ୍ୟାପକ ଅମିତାଭ କରଣ ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟ ତରଫରୁ ବିଦ୍ୟାଳୟ ସଂଲଗ୍ନ ମା' ତାରିଣୀଙ୍କ ମନ୍ଦିର ପାଶ୍ୱର୍ରେ ଦୁଇଟି ଆବର୍ଜନା କୁଣ୍ଡ ଯଥା ଓଦା ଓ ଶୁଖିଲା ଆବର୍ଜନାକୁ ଭିନ୍ନ ଭିନ୍ନ କୁଣ୍ଡରେ ପକାଇବା ପାଇଁ ନିର୍ମାଣ କରାଯାଇଥିଲା। ମନ୍ଦିର ସମ୍ମୁଖରେ ବିଦ୍ୟାଳୟ ପାଚେରି ପାଶ୍ୱର୍ରେ ବୃକ୍ଷ ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନନ୍ଦିନୀଦେବୀ ବିଦ୍ୟାପୀଠରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ସ୍ୱାଇଁ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ନକୁଳ ଚନ୍ଦ୍ର ଦାସ ପ୍ରାକ୍ତନ ସଭାପତି କେଦାର ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ଇଇପି, ଭାରତ ସରକାର ଓ ସେଣ୍ଟର ଫର ଫରେଷ୍ଟ ଏନଭର୍ଣ୍ଣାମେଣ୍ଟ ଏବଂ କ୍ଲାଇମେଟ ଚେଞ୍ଜ ଓଡିଶା ସରକାର ତଥା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଦୁଇଟି ଯାକ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ନିର୍ମଳ କୁମାର ଜେନାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷିକା, ଶିକ୍ଷା କର୍ମଚାରି, ଛାତ୍ରଛାତ୍ରୀ, ପରିଚାଳନା କମିଟି ଗ୍ରାମବାସୀ ସହଯୋଗ କରିଥିଲେ।

କରଦା ହରିହାଟ ମହୋତ୍ସବ ୪ର୍ଥ ସନ୍ଧ୍ୟା

ମନମୋହିଲା ଲୋକନୃତ୍ୟ

ପାଣିକୋଇଲି,୩୧।୧(ସମିସ): କରଦା ପଞ୍ଚାୟତର ଗଣପର୍ବ ହରିହାଟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୋରେଇ ବ୍ଲକର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ। ସମ୍ପାଦକ ବିଶ୍ୱନାଥ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ମଣ୍ଡଳ ସଭାପତି କାର୍ତ୍ତିକ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଡିଜିଟାଲ ପେଣ୍ଡାଲରେ ମହୋତ୍ସବ ଆୟୋଜନ କରାଯାଇଥିବା ଉକ୍ତ ସଭା ପରେ ସୁଦୂର ଝାଡଖଣ୍ଡର ମ୍ୟାକୁ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଲୋକନୃତ୍ୟ, ସମ୍ବଲପୁର ଜିଲ୍ଲାର ଓଡିଶାର ଅନ୍ୟତମ ସଂଗୀତ ସାଧନା, ବଲାଙ୍ଗିରର ସମ୍ବଲପୁରୀ ନୃତ୍ୟ ଓ କ୍ରିଷ୍ଣା ଡ୍ୟାନ୍ସ ଗ୍ରୁପ ମନୋରଞ୍ଜନ ରିଲିଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁମାର ମଣ୍ଟୁ ଓ ଉଷାକୁମାରୀଙ୍କ ଉପସ୍ଥାପନା ଦର୍ଶକଙ୍କୁ ବିଭୋର କରିଥିଲା। ସେହିପରି ମେଳାରେ ପିଲାମାନେ ଦୋଳିର ମଜା ଉଠାଇଥିଲେ। ଯୁବକ ଯୁବତୀମାନେ ଆଇ ଲଭ ହରିହାଟର ସେଲ୍‌ଫି ପଏଣ୍ଟ ଠାରେ ଛିଡ଼ା ହୋଇ ନିଜ ନିଜର ଫଟୋ ଉଠାଇଥିଲେ। ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ପୁଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

ଭାଗବତ ପରାୟଣ ସପ୍ତାହ ଉଦଯାପିତ

ବିଞ୍ଝାରପୁର,୩୧।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ପଞ୍ଚାୟତ ମିଶ୍ରସାହିସ୍ଥିତ ଭାଗବତ ଟୁଙ୍ଗିରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମାଘ ଶୁକ୍ଳ ସପ୍ତମୀ ତିଥି ସୋମବାର ଦିନରୁ ଆରମ୍ଭ ହୋଇଥିବା ଭାଗବତ ପରାୟଣ ସପ୍ତାହ ଶନିବାର ସନ୍ଧ୍ୟାରେ ଭକ୍ତିମୟ ପରିବେଶ ମଧ୍ୟରେ ଉଦଯାପିତ ହୋଇଯାଇଛି। ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାଗବତ ଗୋସେଇଁଙ୍କ କଳସ ଯାତ୍ରା, ପ୍ରାଣ ପ୍ରତିଷ୍ଠା, ସୂର୍ଯ୍ୟ ପୂଜା, ଆବାହିତ ମଣ୍ଡଳ ଦେବତା ପୂଜା, ଷୋଡ଼ଶ ଉପଚାର ପୂଜା ସହିତ ୭ ଦିନ ବ୍ୟାପୀ ଦୈନିକ ଭାଗବତ ପଠନ କରାଯାଇଥିଲା। ସପ୍ତାହବ୍ୟାପୀ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଅଶୋକ ମିଶ୍ର ଓ ରାଧାରାଣୀ ମିଶ୍ର ସଙ୍କଳ୍ପ କରିଥିବା ବେଳେ ସାହିର ମୁରବୀ ଇଂ. ସୁଶାନ୍ତ କୁମାର ମିଶ୍ର, ସୁନନ୍ଦା ପତି, ଦିଲ୍ଲୀପ ମିଶ୍ର, ମନୋଜ କୁମାର ମିଶ୍ର, ପ୍ରତୀକ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଜ୍ଞାନରଞ୍ଜନ ପତିଙ୍କୁ ଶ୍ରୀଗୁରୁ ସମ୍ମାନ

ଯାଜପୁର,୩୧।୧(ସମିସ): ଆଚାର୍ଯ୍ୟ କେଶବ-ସୁଭଦ୍ରା ପ୍ରତିଷ୍ଠାନ ପକ୍ଷରୁ ପୁରୀରେ ଅନୁଷ୍ଠିତ ବାଗ୍‌ଦେବୀ ମହୋତ୍ସବରେ ଯାଜପୁରର ସଂସ୍କୃତ ବିଦ୍ୱାନ୍ ତଥା ଗବେଷକ ଡ. ଜ୍ଞାନରଞ୍ଜନ ପତିଙ୍କୁ 'ଶ୍ରୀଗୁରୁ' ସମ୍ମାନ ପ୍ରଦାନ କରାଯାଇଛି। ଏହି ମହୋତ୍ସବରେ ଭାରତର ବିଭିନ୍ନ ସ୍ଥାନରୁ ଆସିଥିବା ୩୦ଜଣ ବିଶିଷ୍ଟ ସଂସ୍କୃତ ବିଦ୍ୱାନଙ୍କୁ ସେମାନଙ୍କ ସାରସ୍ୱତ ସାଧନା ପାଇଁ ଶ୍ରୀଗୁରୁ ଓ ବାଗ୍‌ଦେବୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ଏକ ଉତ୍ସବରେ ଡ. ପତିଙ୍କୁ ତାଙ୍କର ଭାରତୀୟ ଧର୍ମ, ସଂସ୍କୃତ ଓ ସଂସ୍କୃତି କ୍ଷେତ୍ରରେ ଆଜୀବନ ନିରଳସ ସାଧନା ନିମନ୍ତେ ପ୍ରତିଷ୍ଠାନର ଅଧ୍ୟକ୍ଷ ଦାର୍ଶନିକ ପ୍ରଫେସର ଡ. କେଶବ ଚନ୍ଦ୍ର ଦାଶ ଓ ବିଶ୍ୱଭାରତୀ ଶାନ୍ତିନିକେତନର ସଂସ୍କୃତ ଓ ପାଲି ଭାଷା ବିଭାଗର ପ୍ରଫେସର୍ ଡ. ଅରୁଣ ରଞ୍ଜନ ମିଶ୍ର ଶ୍ରୀଗୁରୁ ସମ୍ମାନ ପ୍ରଦାନ କରିଥିଲେ।

ଆଇନ୍ ସଚେତନତା ସଭା

ଯାଜପୁର,୩୧।୧(ସମିସ): ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ବ୍ଲକ୍ ଅନ୍ତର୍ଗତ ଉତ୍ତରେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଆଇନ ସେବା ପ୍ରାଧିକରଣର ସଚିବ ନେହା ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଆଲୋଚକ ଭାବେ ବିରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧୁରୀ, ଜେଏମ୍‌ଏଫସି ଏଲ୍‌ଆର୍ ଏଲଟିଭି ଅଂଶୁମାନ ରଥ, ଜେଏମ୍‌ଏଫ୍‌ସି ବିଣାପାଣୀ ତାଣ୍ଡି ଓ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଏହି ସଭାରେ ପ୍ରତୀକାତ୍ମକ ଭାବେ ତୃତୀୟ ଲିଙ୍ଗୀ ଭାବେ ପରିଚିତ ଏସ୍‌କେ ମୁନ୍ନା, ସୋନାଲି ପୃଷ୍ଟି ଓ ପମି ଉପସ୍ଥିତ ଥିବା ବେଳେ ଏସ୍‌କେ ମୁନ୍ନା ସେମାନଙ୍କ ଅନୁଭୂତି ଓ ସମସ୍ୟା ବିଷୟରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ନନୀଗୋପାଳ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ଶିକ୍ଷକ ସନ୍ତୋଷ କୁମାର ଦାଶ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ କର୍ମଚାରୀ, ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷାକର୍ମୀମାନେ ସହଯୋଗ କରିଥିଲେ।

ମାଟ୍ରିକ ବ୍ୟାଚ ଛାତ୍ରଙ୍କ ସମ୍ମିଳନୀ

ଧର୍ମଶାଳା,୩୧।୧(ସମିସ): ଧର୍ମଶାଳା ବାଣିପୀଠ ହାଇସ୍କୁଲର ୧୯୯୦ମସିହା ମାଟ୍ରିକ ବ୍ୟାଚଛାତ୍ରଙ୍କ ସମ୍ମିଳନୀ ଭୁଶୁଣ୍ଡପୁର ପଞ୍ଚାୟତର ବରୁଣାବନ୍ତ ପାର୍କରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପ୍ରମୋଦ ରାଉତ, କ୍ଷୀରୋଦ ମୁଦୁଲି, ଶଶିକାନ୍ତ ସାମଲ, କୈଳାଶ ପରିଡା, ଅଜୟ ନାୟକ, ଫାରୁକ ଅଲି, ଉମର ଅଲି, ସେକ ସାହଜି, ସେକ ଯାକତ, ଦେବାଶିଷ ପଣ୍ଡା, ତ୍ରିଭୁବନ ସେଠୀ,ଅମୀୟ ରାଉତ, ସୌମ୍ୟ ମହାନ୍ତି, ତପନ ମଲିକ, ରାମ ଚନ୍ଦ୍ର ନାୟକ,ଦେବ ବ୍ରତ ନାୟକ, ସଂଜୀବ ସାମଲ, ପ୍ରମୋଦିନୀ ସ୍ୱାଇଁ, ବିଦ୍ୟୁଲତା ସାମଲ, ଜାନକୀ ରାଉତ, ଲାଲା ପ୍ରମୁଖ ଯୋଗ ଦେଇ ଶିକ୍ଷାଗ୍ରହଣ, ପାରିବାରିକ ଓ ଜୀବନରେ ଦୁଃଖସୁଖ ଓ ନିଜର ବୃତ୍ତି ସମ୍ପର୍କରେ ବଖାଣିଥିଲେ।

ଡିଏଭି ସ୍କୁଲରେ ରକ୍ତଦାନ ଶିବିର

ଯାଜପୁର ଟାଉନ,୩୧।୧(ସମିସ): ଯାଜପୁର ଡିଏଭି ପବ୍ଲିକ ସ୍କୁଲରେ ଅଶୋକ ଦାସ ଫାଉଣ୍ଡେସନ ଏବଂ ଡିଏଭି ସ୍କୁଲର ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ମୁଖ୍ୟଅତିଥି ରୂପେ ଯାଜପୁର ତହସିଲଦାର ରବିନାରାୟଣ ପାଢ଼ୀ, ଅଶୋକ ଦାସ ଫାଉଣ୍ଡେସନର ସମ୍ପାଦକ ସବ୍ୟସାଚୀ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଶୁଭ୍ରମଲ୍ଲୀକା ମହାପାତ୍ର, ସାମ୍ବାଦିକ ପ୍ରଭାତ ତ୍ରିପାଠୀ, ଡାକ୍ତର ଶୁଭ୍ରାଂଶୁ ମହାନ୍ତି ଯୋଗ ଦେଇଥିଲେ। ଡିଏଭି ସ୍କୁଲ ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ ଅତିଥିଙ୍କୁ ସମ୍ମାନିତ କରିଥିଲେ। ଏହି ରକ୍ତଦାନ କାର୍ଯ୍ୟକ୍ରମରେ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ଏବଂ ୪୦୦ ଛାତ୍ର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଡାକ୍ତର ପ୍ରଶାନ୍ତ ବିଶ୍ୱାଳ, ଡାକ୍ତର ବିକ୍ରମଜିତ ରାୟ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ନିଜେ ତହସିଲଦାର ରବିନାରାୟଣ ପାଢ଼ୀ ରକ୍ତଦାନ କରିବା ସହିତ ବହୁ ଅଭିଭାବକ ରକ୍ତଦାନ କରିଥିଲେ।

୨୩୫ ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା

ଯାଜପୁର,୩୧।୧(ସମିସ): ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅନୁମୋଦନ କ୍ରମେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ କମିଶନର ଶିବଶଙ୍କର ମିଶ୍ର ଓ ଯାଜପୁର ଜିଲ୍ଲା ପ୍ରଭାଗୀୟ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ରାଶି ଡମି ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷା ସହାୟତା ବାବଦରେ ୯୮ ଜଣଙ୍କୁ ୮ ଲକ୍ଷ ୩୪ ହଜାର ୮ ଶହ ଟଙ୍କା, ବିବାହ ସହାୟତା ବାବଦରେ ୧୨୮ ଜଣଙ୍କୁ ୬୩.୫୦ ଲକ୍ଷ ଟଙ୍କା ଏବଂ ପ୍ରସୂତି କାଳୀନ ସହାୟତା ବାବଦରେ ୯ ଜଣଙ୍କୁ ୯୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଓଡିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ସର୍ବମୋଟ ୨୩୫ ଜଣ ହିତାଧିକାରୀଙ୍କୁ ୭୨ଲକ୍ଷ ୭୪ ହଜାର ୮୦୦ ଙ୍କାର ଅର୍ଥ ରାଶି ହିତାଧିକାରୀଙ୍କ ଆକାଉଣ୍ଟକୁ ଛାଡିବାର ବ୍ୟବସ୍ଥା କରାଯାଇଛି। ସୂଚନା ଯୋଗ୍ୟ ଚଳିତ ଆର୍ଥିକ ବର୍ଷରେ ଆଜି ପର୍ଯ୍ୟନ୍ତ ନିର୍ମାଣ ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ଯାଜପୁର ଜିଲ୍ଲାରେ ୧୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ର ସହାୟତା ରାଶି ପ୍ରଦାନ କରାଗଲାଣି। ସହକାରୀ ଶ୍ରମ ଅଧିକାରୀ ଦେବାଶିଷ ଜେନା, ବୋର୍ଡ କର୍ମଚାରୀ ଶଶିକାନ୍ତ ପ୍ରଧାନ ଓ ନାରାୟଣ ଚନ୍ଦ୍ର ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

ସମାଜସେବୀଙ୍କ ହୃଦ୍‌ଘାତରେ ପରଲୋକ

ପାଣିକୋଇଲି,୩୧।୧(ସମିସ): ପାଣିକୋଇଲି ଅଞ୍ଚଳର ବରିଷ୍ଠ ସମାଜସେବୀ ରବିନାରାୟଣ ପଣ୍ଡା (୬୩)ଙ୍କ ଶନିବାର ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପରଲୋକ ଘଟିଛି। ତାଙ୍କର ଗତ ତିନି ବର୍ଷ ତଳେ ହାର୍ଟ ଅପରେସନ ହୋଇଥିଲା। ତେବେ ଗତ ରାତିରେ ତାଙ୍କୁ ପୁଣିଥରେ ହୃଦ୍‌ଘାତ ହୋଇଥିଲା। ପରେ ପରିବାର ଲୋକମାନେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ପାଣିକୋଇଲି ମା' ତାରିଣୀ ଟ୍ରେକର ଓ ମିନିବସ୍ ଆସୋସିଏସନର ୪୦ ବର୍ଷ ଧରି ସହ ସମ୍ପାଦକ ଥିବା ବେଳେ ମା' ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ପୂର୍ବତନ ସଭାପତି ଓ ଜଗବନ୍ଧୁ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ (ବର୍ତ୍ତମାନର ପାଣିକୋଇଲି ହାଇସ୍କୁଲ)ର ପୂର୍ବତନ ସଭାପତି ଥିଲେ। ତାଙ୍କ ମୃତ୍ୟୁ ଖବର ପାଇଁ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବପ୍ରସାଦ ଦାସ, ଯୁବନେତା ସୌମ୍ୟ ରଞ୍ଜନ ଧଳ, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦେଓ, ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ଯାଜପୁର ଟାଉନ, ଯାଜପୁର ରୋଡ୍ ଓ କୁଆଖିଆ ଆସୋସିଏସନର ସମସ୍ତ କର୍ମକର୍ତ୍ତା ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ତାଙ୍କର ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ସ୍ୱର୍ଗରଥରେ ପାଣିକୋଇଲି ଅଣାଯିବା ପରେ ଆସୋସିଏସନର ସଭାପତି ସନ୍ତୋଷ ବେହେରା, ସମ୍ପାଦକ ଅକ୍ଷୟ କୁମାର ପରିଡ଼ା, ପୂର୍ବତନ ପାଣିକୋଇଲି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ବରିଷ୍ଠ ବିଜେଡି ନେତା ଅଦୈତ ଚରଣ ଦାଶ, ସୂର୍ଯ୍ୟମଣି ପଣ୍ଡା, ଆଇନଜୀବୀ ବଟକୃଷ୍ଣ ମହାପାତ୍ର, ଘନଶ୍ୟାମ ପଣ୍ଡା, ରଘୁନାଥ ମାଝୀ, ଜୟ ପ୍ରକାଶ ବିଶ୍ୱାଳ, ବିଦ୍ୟା କଲେଜର ଅଧ୍ୟକ୍ଷ ରଞ୍ଜିତ ନାୟକ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକ ମାତ୍ର ପୁତ୍ର ରାକେଶ ମୁଖାଗ୍ନି ପ୍ରଦାନ କରିଥିଲେ।

ସ୍ୱତନ୍ତ୍ର ନିଯୁକ୍ତି ପ୍ରକ୍ରିୟାରେ ୫୦ ଜଣ ମନୋନୀତ

ଦାନଗଦି,୩୧।୧(ସମିସ): ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ଏକ ସ୍ୱତନ୍ତ୍ର ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ କଳିଙ୍ଗନଗର ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଏବଂ ଜମି ହରାଇଥିବା ପରିବାରର ୫୦ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ମେନାନୀତ କରାଯାଇଛି।

୨୦୨୫ ଜୁଲାଇ ମାସରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନକୁ ଏପରି ଭାବରେ ପ୍ରସ୍ତୁତ କରାଯାଇଥିଲା ଯେପରି କେବଳ ଟାଟା ଷ୍ଟିଲ୍ କଳିଙ୍ଗନଗର ପ୍ଲାଣ୍ଟ ଯୋଗୁଁ ଜମି ହରାଇଥିବା ଏବଂ ବିସ୍ଥାପିତ ହୋଇଥିବା ପରିବାରର ଯୋଗ୍ୟ ପ୍ରାର୍ଥୀମାନେ ହିଁ ଏଥିରେ ଅଂଶଗ୍ରହଣ କରିପାରିବେ। ଏହି ସ୍ୱତନ୍ତ୍ର ଚୟନ ପ୍ରକ୍ରିୟାରେ୧୭୯ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ମୋଟ ୫୦ଜଣଙ୍କୁ ତାଲିକାଭୁକ୍ତ କରାଯାଇଛି। ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରୁ ୪୨ ଜଣ ଡିପ୍ଲୋମାଧାରୀ ଏବଂ ୮ ଜଣ ଆଇଟିଆଇ ଶିକ୍ଷାପ୍ରାପ୍ତ। ଫେବୃଆରୀ ୪ ରେ ଏହି ପ୍ରାର୍ଥୀମାନଙ୍କର ପ୍ରମାଣପତ୍ର ଯାଞ୍ଚ ଏବଂ ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ତ୍ରିଜଙ୍ଗା ପୁନର୍ବାସ କଲୋନୀରୁ ମନୋନୀତ ପ୍ରାର୍ଥନୀ କୁମାରୀ ରୀନା ପାତ୍ର ନିଜର ଉତ୍ସାହ ପ୍ରକାଶ କରି କହିଛନ୍ତି, "ଟାଟା ଷ୍ଟିଲରୁ ମିଳିଥିବା ଏହି ସୁଯୋଗ କେବଳ ଏକ ଚାକିରି ନୁହେଁ, ବରଂ ଏକ ସୁରକ୍ଷିତ ଭବିଷ୍ୟତ ଗଢ଼ିବା ଏବଂ ସମାଜର ବିକାଶରେ ଅବଦାନ ରଖିବାର ମୋ ପାଇଁ ଏକ ସୁଯୋଗ।। ସେହିପରି ଗୋବରଘାଟି ପୁନର୍ବାସ କଲୋନୀରମଣ୍ଟୁ ସୋୟ କହିଛନ୍ତି, ଏହି ସ୍ୱତନ୍ତ୍ର ନିଯୁକ୍ତି ଆମକୁ ଭବିଷ୍ୟତ ଗଠନ ପାଇଁ ଏକ ବଡ଼ ସୁଯୋଗ ଦେଇଛି।। ମନୋନୀତ ପ୍ରାର୍ଥୀମାନେ ମୁଖ୍ୟତଃ ତ୍ରିଜଙ୍ଗା, ଗୋବରଘାଟି, ସଂସାଇଲୋ ଏବଂ ରାମଠେଙ୍ଗ ପୁନର୍ବାସ କଲୋନୀ ସମେତ ନିକଟସ୍ଥ ଦାନଗଦି, ପଙ୍କପାଳ, ବାରଗାଡିଆ, ମାନତିରା ଏବଂ ନଡ଼ିଆଭଙ୍ଗା ପଞ୍ଚାୟତର ବାସିନ୍ଦା ଅଟନ୍ତି। ସେହିପରି ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନଆଇଏନଏଲ) ମଧ୍ୟ ଏହାର ବିସ୍ଥାପିତ ଓ ଜମିହରା ପରିବାରର ସଦସ୍ୟଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛି। ଏନଆଇଏନଏଲ ପକ୍ଷରୁ ମେକାନିକାଲ, ଇଲେକ୍ଟ୍ରିକାଲ, ଇଲେକ୍ଟ୍ରୋନିକ୍ସ, ମେଟାଲର୍ଜି ଏବଂ ସିଭିଲ୍ ଇଞ୍ଜିନିୟରିଂରେ ଆଇଟିଆଇ ଏବଂ ଡିପ୍ଲୋମାଧାରୀଙ୍କ ସମେତ ଇଣ୍ଡଷ୍ଟ୍ରିଆଲ୍ ସେଫ୍ଟିରେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା କରିଥିବା ପ୍ରାର୍ଥୀଙ୍କ ପାଇଁ ଆବେଦନ ଆହ୍ୱାନ କରାଯାଉଛି।

ବିପଦର ବନ୍ଧୁ ଟ୍ରଷ୍ଟର ନୂତନ କାର୍ଯ୍ୟାଳୟ

କୁଆଖିଆ, ୩୧।୧ (ସମିସ): ରସୁଲପୁର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ବିପଦର ବନ୍ଧୁ ପରିବାର' ଚାରିଟେବୁଲ ଟ୍ରଷ୍ଟ ତରଫରୁ ଗରୁଆଳ (ନରସିଂହପୁର) ଠାରେ ନୂତନ କାର୍ଯ୍ୟାଳୟ ଜଗବନ୍ଧୁ ପାତ୍ର ଓ ଲବଣୀ ପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହା ସହିତ ଏକ ସମ୍ବର୍ଦ୍ଧନା ସଭା ସଭାପତି ନିମାଇଁ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜନ୍ମେଜୟ ସାହୁ, ପଦ୍ମନାଭ ପଣ୍ଡା, ନିରୋଜ ସେଠୀ, ବୃନ୍ଦାବନ ପାଢ଼ୀ, ଅଭିନ୍ନ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଗୋପାଳ ପାତ୍ର, କୋଷାଧ୍ୟକ୍ଷ ଭଗବାନ ଦାଶ, ସୁଦାମ ଚରଣ ରାଉତ, କା ୁଚରଣ ଦାଶ, ସତ୍ୟ ସ୍ୱରୂପ ସାହୁ, କୁଳମଣୀ ନାୟକ, ପ୍ରଦୀପ ସାମଲ, ମାନସ ମଲ୍ଲିକ, ଚନ୍ଦନ ମହାରଣା, ଶୁଭାଶିଷ ନାୟକ, ଚନ୍ଦନ ମହାରଣା ଶିବାନନ୍ଦ ପଣ୍ଡା, ଅରବିନ୍ଦ ଦାଶ, ଅମୂଲ୍ୟ ସାହୁ, କୁଳମଣୀ ରାଉତ, ଗୋଲକ ରାଉତ, ପ୍ରଫୁଲ୍ଲ ପଣ୍ଡା, କୈଳାସ ଚନ୍ଦ୍ର ରାଉତ, ବିଶ୍ୱଜିତ୍ ଦାସ, ଧନେଶ୍ୱର ବାରିକ, ସନ୍ତୋଷ ନାୟକ, ଜ୍ଞାନରଞ୍ଜନ ରଥ, ଦେବୀ ପ୍ରସାଦ ସାହୁ, ସୁମନ୍ତ ରଥ, ସନ୍ତୋଷ ଦାସ, ବିଶ୍ୱଜିତ୍ ଦାସ, ବୈଦେହ୍ର ସାହୁ, ବିଦ୍ୟାଧର ସାହୁ, ପ୍ରଦୀପ କୁମାର ସାହୁ, ସତ୍ୟନାରାୟଣ ଜେନା, ମନୋଜ ଜେନା, ମନିଶଙ୍କର ମଲ୍ଲିକ, ଅନନ୍ତ ପାତ୍ର, ବିକାଶ ମଲ୍ଲିକ, ଅଜିତ୍ ରାମ୍ ପ୍ରମୁଖ ଉପସ୍ଥିତ ରହିଥିଲେ। ଟ୍ରଷ୍ଟ ତରଫରୁ ସମାଜସେବି ମିନତୀ ସାହୁଙ୍କୁ ଅଧ୍ୟକ୍ଷା ଓ ଯୁବ ସମାଜସେବୀ ଜନ୍ମେଜୟ ସାହୁଙ୍କୁ ଉପାଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଥିଲା। ପୂର୍ବତନ ସଭାପତି ବସନ୍ତ କୁମାର ଶତପଥୀ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ନିହାର ରଞ୍ଜନ ଆଚାର୍ଯ୍ୟ ଧନ୍ୟବାଦ୍ ଅର୍ପଣ କରିଥିଲେ।

ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ପୁଲିସ ଓ ଜିଲ୍ଲା ପ୍ରଶାସନର ମକ୍ଡ୍ରିଲ

ନବବଧୂ ରୂପେ ସଜାଯାଉଛି ପୂରା ସହର

ଯାଜପୁର, ୩୧ା୧(ସମିସ)

ଆସନ୍ତା ୩ ତାରିଖ ସକାଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଶାସନିକ ଭବନ ପଡ଼ିଆରେ ହେଲିକପ୍ଟର ଯୋଗେ ଅବତରଣ କରି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରିବା ସହ ନାଭିଗୟାରେ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଯାଜପୁର ଚଳଚଞ୍ଚଳ ହୋଇଉଠିଛି। ରାଷ୍ଟ୍ରପତି ପ୍ରଶାସନିକ ଭବନ ପଡ଼ିଆରୁ ଯେଉଁ ରାସ୍ତା ଦେଇ ମା' ବିରଜା ମନ୍ଦିର ନିକଟକୁ ଯିବେ ସେ ରାସ୍ତାର ଦୁଇ ପାର୍ଶ୍ୱକୁ ବ୍ୟାରିକେଡ଼ କରାଯାଇଛି। କଡ଼ା ସୁରକ୍ଷା ବଳୟ ଭିତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମା' ବିରଜାଙ୍କ ମନ୍ଦିରକୁ ଯିବେ। ମା' ବିରଜା ମନ୍ଦିର ଚତୁଃପାର୍ଶ୍ୱ ସୁରକ୍ଷା ବଳୟ ଭିତରେ ରହିବ। ରାଷ୍ଟ୍ରପତିଙ୍କ ଗସ୍ତ ଥିବାରୁ ସେହିଦିନ ସାଧାରଣ ଦର୍ଶନ ଉପରେ କଟକଣା ଜାରି କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଆଜି ପୁଲିସ ଓ ଜିଲ୍ଲା ପ୍ରଶାସନ ମିଳିତ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ବୈଠକ ପରେ ଜିଲ୍ଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ, ଡିଏସ୍‌ପି ଶଙ୍କର୍ଷଣ ଦଳେଇ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ସମେତ ପୁଲିସ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ସ୍ଥିତି ଅନୁଧ୍ୟାନ କରିଥିଲେ। ରାଷ୍ଟ୍ରପତି ଯେଉଁ ପଡ଼ିଆରେ ଅବତରଣ କରିବେ ସେହି ପଡ଼ିଆରେ ଚାଲିଥିବା କାମର ଅନୁଧ୍ୟାନ କରିବା ସହ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ରାଜ୍ୟପାଳ ହେଲିକପ୍ଟର ଯୋଗେ ଆକାଶ ମାର୍ଗରୁ ଅବତରଣ କରିବାର କାର୍ଯ୍ୟକ୍ରମ ଥିବାରୁ ସେ ସ୍ଥିତି ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ଗାଡ଼ି ଗୁଡ଼ିକ କ୍ଷେତ୍ର ପରିଦର୍ଶନ କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଯାଜପୁରକୁ ନବବଧୂ ଭାବେ ସଜା ଯାଉଛି। କେଉଁଠାରେ ଯେପରି ବ୍ୟତିକ୍ରମ ନ ଘଟେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ପ୍ରଥମଥର ପାଇଁ ଭାରତର ରାଷ୍ଟ୍ରପତି ଯାଜପୁର ଗସ୍ତରେ ଆସିବା ସହ ମା' ବିରଜାଙ୍କୁ ଦର୍ଶନ ଓ ନାଭିଗୟାରେ ପିଣ୍ଡଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ମନ୍ଦିର ପରିସରରେ ଜୋରସୋରରେ କାମ ଜାରି ରହିଛି। ମନ୍ଦିରରେ ନୂତନ ରଙ୍ଗ କାମ ସହିତ ପାର୍ଶ୍ୱ ଦେବାଦେବୀଙ୍କ ମନ୍ଦିର ଗୁଡ଼ିକୁ ମଧ୍ୟ ନୂତନ ରଙ୍ଗ ଦିଆଯାଉଛି। ସେହିପରି ରାଷ୍ଟ୍ରପତିଙ୍କ ହେଲିକ୍ୟାପ୍ଟର ପ୍ରଶାସନିକ ପଡ଼ିଆରେ ଅବତରଣ କରିବା ଠାରୁ ମା' ବିରଜା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ମରାମତି ଓ ନିର୍ମାଣ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଛି। ସେହିପରି ରାଷ୍ଟ୍ରପତି ମା' ବିରଜା ମନ୍ଦିର ବୁଲିବା ସହିତ ବ୍ରହ୍ମାକୁଣ୍ଡ ପରିଦର୍ଶନ କରିବାର ସମ୍ଭାବନା ଥିବାରୁ ତାକୁ ମଧ୍ୟ ସଫେଇ କରାଯାଇଛି। ଏଥିସହିତ ରାଷ୍ଟ୍ରପତି ଦଶାଶ୍ୱମେଧ ଘାଟ ଯିବାର ସମ୍ଭାବନା ଥିବାରୁ ସେଠାରେ ମଧ୍ୟ ପ୍ରଶାସନ ପକ୍ଷରୁ ବ୍ୟାପକ ସଫେଇ କରାଯାଉଛି। ମୋଟାମୋଟି ରାଷ୍ଟ୍ରପତିଙ୍କ ଆଗମନ ପାଇଁ ପୂରା ସହରକୁ ସୁସଜ୍ଜିତ କରାଯାଉଥିବା ଦେଖିବାକୁ ମିଳିଛି।

ମନ୍ଦିର ବନ୍ଦ ସମୟରେ ପରିବର୍ତ୍ତନ

ଯାଜପୁର: ରାଷ୍ଟ୍ରପତିଙ୍କ ମନ୍ଦିର ପରିଦର୍ଶନ ଓ ପିଣ୍ଡଦାନ ପାଇଁ ସୁରକ୍ଷା ଦୃଷ୍ଟିରୁ ଆସନ୍ତା ଫେବୃଆରୀ ୨ ତାରିଖ ଅପରାହ୍ନ ୨ ଘଟିକା ଠାରୁ ରାଷ୍ଟ୍ରପତି ପ୍ରସ୍ଥାନ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ବିରଜା ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ଏହା ୩ ତାରିଖ ଦିନ କେବଳ ସାଧାରଣ ଦର୍ଶନ ବନ୍ଦ ପାଇଁ ନିଆଯାଇଥିବା ନିଷ୍ପତିର ପରିବର୍ତ୍ତନ କରାଯାଇଛି।

ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ମଙ୍ଗଳପୁର, ୩୧ା୧(ସମିସ): ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତସ୍ଥ ଶ୍ରୀରାମପୁର ସ୍ଥିତ ଗାନ୍ଧିଜୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ତ୍ରିପାଠୀ ଆଜି ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବତନ ସିଆର୍‌ସିସି ବିଶ୍ୱରଞ୍ଜନ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ବ୍ଲକର ବିଇଓ ଶାନ୍ତନୁ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ନାୟକ, କନିକାପଡ଼ା ସରପଞ୍ଚ ପ୍ରଦୀପ କୁମାର ଯେନା, ସମିତିସଭ୍ୟ ସୁନିତା ଦାସ, ଦଶରଥପୁର ବ୍ଲକ ମଣ୍ଡଳ ସହ ଶିକ୍ଷାଧିକାରୀ ଅଜିତ କୁମାର ଜେନା, ଦଶରଥପୁର ବ୍ଲକ ମଣ୍ଡଳ ସହ ଶିକ୍ଷାଧିକାରିଣୀ ସାବିତ୍ରୀ ସେଠୀ, ସହ ଶିକ୍ଷାଧିକାରୀ ନୃସିଂହ ଚରଣ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନାତନ ନାୟକ, ମଧୁପୁର କ୍ଲଷ୍ଟରର ସିଆର୍‌ସିସି ଅଶୋକ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

ଯାଜପୁର, ୩୧ା୧(ସମିସ): ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଜାତୀୟ ସଡ଼କ ସୁରକ୍ଷା ମାସର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଆଞ୍ଚଳିକ ପରିବହନ ଅଧିକାରୀ ଯାଜପୁର ଧୀରେନ୍ଦ୍ର କୁମାର ନାୟକ ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କଲେଜ ଅଧକ୍ଷ ଦାମୋଦର ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ମୂଳକ ନାଟକ ପରିବେଷଣ ହୋଇଥିଲା। ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନା ଆଣିବାରେ ଯେଉଁ ବ୍ୟକ୍ତି ସାହାଯ୍ୟ କରିବେ, ତାଙ୍କୁ ୨୦୦୦ ଟଙ୍କା ପ୍ରୋତ୍ସାହନ ରାଶି ସରକାରଙ୍କ ତରଫରୁ ଦିଆଯାଉଛି। ଏନେଇ ସଭାରେ ସଚେତନତା କରାଯାଇଥିଲା। ଯାଜପୁର ଜିଲ୍ଲାର ଏଭଳି ସହାୟତା କରିଥିବା କିଛି ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ସଡ଼କ ସୁରକ୍ଷା ଥିମ୍‌କୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ତୃତୀୟ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଧର୍ମଶାଳା, ୩୧ା୧(ସମିସ): ବାରବାଟୀ ଅନ୍ତର୍ଗତ ମା' ଦୁର୍ଗାଦେବୀ ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ପଣ୍ଡିତ ବିଜୟ କୁମାର କରଶର୍ମାଙ୍କ ନେତୃତ୍ୱରେ ବିଦ୍ୱାନ ପଣ୍ଡିତ ମାନେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ପୁଲିସ ଅଧିକାରୀ ଅମିତାଭ ମହାପାତ୍ର ଯୋଗଦେଇ ମା'ଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ମା' ଦୁର୍ଗା ଆଞ୍ଚଳିକ ଉନ୍ନୟନ କମିଟି ଦ୍ୱାରା ପ୍ରକାଶିତ ପୁସ୍ତକ 'ସର୍ବସୁରୂପିଣୀ' ଉନ୍ମୋଚିତ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶକ ଅରୁଣ ମନ୍ତ୍ରୀ, କଣ୍ଠଶିଳ୍ପୀ ପଙ୍କଜ ଖିଲଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ହୋଇଥିଲା।

ରେଳବିଭାଗ ବିରୋଧ ଆନ୍ଦୋଳନରେ ସାଂସଦଙ୍କ ପ୍ରତିନିଧି

ଯାଜପୁର, ୩୧ା୧(ସମିସ): ରାଜ୍ୟରେ ଏବେ ଡବଲ ଇଂଜିନ ସରକାର ଚାଲିଛି। ଡବଲ ଇଂଜିନ ସରକାର ଆସିବା ପରେ ବିକାଶର ବେଗ ବଢ଼ିବ ବୋଲି ପ୍ରଚାର କରାଯାଇଥିଲା। ଯାଜପୁରରେ ମଧ୍ୟ ବିଜେପି ସାଂସଦ ଡ. ରବିନାରାୟଣ ବେହେରା ଅଛନ୍ତି। ସାଂସଦ ନିଜର କାର୍ଯ୍ୟବ୍ୟସ୍ତତା ଦୃଷ୍ଟିରୁ ବିଭିନ୍ନ ଅଞ୍ଚଳ ପାଇଁ ନିଜ ନିଜ ପ୍ରତିନିଧି ନିଯୁକ୍ତ କରିଛନ୍ତି। କିନ୍ତୁ ସେହି ପ୍ରତିନିଧିମାନେ ନିଜର ପରିସୀମା ଭୁଲି ଓଲଟି ନିଜ ସରକାରଙ୍କ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଥିବା ଦେଖିବାକୁ ମିଳିଛି। ଧର୍ମଶାଳା ବ୍ଲକ ପ୍ରତିନିଧି ଭାବେ କାହ୍ନୁ ଚରଣ ଦାସଙ୍କୁ ସାଂସଦ ନିଯୁକ୍ତ କରିଛନ୍ତି। ଗତକାଲି ଧର୍ମଶାଳା ବ୍ଲକ ପାଖର ରେଳଷ୍ଟେସନରେ ରେଳ ରହଣୀ ଦାବିରେ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନ କରିଥିଲେ। ଉକ୍ତ ଆନ୍ଦୋଳନର ସମାଧାନ କରିବା ବଦଳରେ ଶ୍ରୀ ଦାସ ଓଲଟି ସେଥିରେ ସାମିଲ ହୋଇ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଯାହାକୁ ନେଇ ବେଶ ଚର୍ଚ୍ଚା ଜୋର ଧରିଛି। ନିଜେ ସରକାରରେ ଥାଇ କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ଏବଂ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବାର ପ୍ରତିଶ୍ରୁତି ଦେବା ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ତାଙ୍କୁ ବେଶ ସମାଲୋଚନା କରାଯାଇଛି। ଶ୍ରୀ ଦାସଙ୍କ ଏଭଳି କାର୍ଯ୍ୟକଳାପ ତାଙ୍କର ଅଜ୍ଞତା ନାଁ ଦଳ ବିରୋଧୀ ଆଚରଣ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସେ କିନ୍ତୁ ଏହା ଲୋକଙ୍କ କାମ କହି ସାମାଜିକ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ଦେଇଥିବା ଜଣାପଡ଼ିଛି।

ନାବାଳିକା ଅସଦାଚରଣ ଅଭିଯୋଗ

ଅଭିଯୁକ୍ତକୁ ୭ ବର୍ଷ କାରାଦଣ୍ଡ

ଯାଜପୁର, ୩୧ା୧(ସମିସ): ଜନୈକା ୬ ବର୍ଷୀୟା ନାବାଳିକାକୁ ଅସଦାଚରଣ କରିଥିବା ଅଭିଯୋଗରେ ଅଭିଯୁକ୍ତକୁ ପୋକ୍‌ସୋ ଜଜ୍ ଅଭିଜିତ ପଲାଇ ୭ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଗତ ବର୍ଷ ମାର୍ଚ୍ଚ ୮ ତାରିଖରେ ଜନୈକା ନାବାଳିକାକୁ ମାନସିକ ପୂରଣ ନିମନ୍ତେ ପରିବାର ଲୋକେ କପିଳାସକୁ ନେଇଥିଲେ। ମାନସିକ ପୂରଣ ପରେ ମଝିପାଳ ଗ୍ରାମରେ ନାବାଳିକା ତାଙ୍କ ମାମୁଁ ଘରେ ରହିଥିଲେ। ସେହି ସମୟରେ ସୁକିନ୍ଦା ଥାନା ଅନ୍ତର୍ଗତ କନ୍ତିରା ଗ୍ରାମର କଣ୍ଡିଆ ମଲ୍ଲିକଙ୍କ ପୁଅ ଆକାଶ ମଲ୍ଲିକ (୨୬) କୌଣସି କାମରେ ମଝିପାଳକୁ ଯାଇଥିଲେ। ସେଠାରେ ନାବାଳିକା ଜଣକ ଆକାଶକୁ ଦେଖି ଜିଦି କରିଥିଲେ ସେ ଆକାଶ ସହିତ ତାଙ୍କ ଘରକୁ ଯିବା ପାଇଁ। ଆକାଶ ନାବାଳିକାକୁ ନିଜ ଗାଡ଼ିରେ ବସାଇ ଘରକୁ ଫେରୁଥିବା ସମୟରେ ରାସ୍ତାରେ ନିଛାଟିଆ ବଣରେ ନାବାଳିକାକୁ ଅସଦାଚରଣ କରିଥିଲେ। ଏ ନେଇ ନାବାଳିକାର ମା' ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ ଥାନାରେ କେଶ ନଂ.୧୨୭/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ଆକାଶକୁ କୋର୍ଟ ଚାଲାଣ କରିଥିଲେ। ଶନିବାର ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୪ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସର ଦସ୍ତାବିଜ୍‌କୁ ଭିତ୍ତି କରି ପୋକ୍‌ସୋ ଜଜ୍ ଅଭିଜିତ ପଲାଇ ଅଭିଯୁକ୍ତ ଆକାଶ ମଲ୍ଲିକକୁ ୭ ବର୍ଷ କାରାଦଣ୍ଡ, ୧୦ହଜାର ଟଙ୍କା ଜରିମାନା, ଅନାଦେୟ ଅଧିକ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପୀଡ଼ିତାକୁ କ୍ଷତିପୂରଣ ବାବଦକୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ଦେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ରୀନିବାସ ସାହୁ ପରିଚାଳନା କରିଥିଲେ।

ବାଲିଘାଟରେ ଚଢ଼ଉ; ୫ ଗାଡ଼ି ଜବତ

ଯଖପୁରା, ୩୧ା୧(ସମିସ): ଦାନଗଦି ତହସିଲ ଅନ୍ତର୍ଗତ ପଙ୍କପାଳ ବାଲିଘାଟ ଉପରେ ଖୋଦ୍ ଦାନଗଦି ତହସିଲଦାର ଓ ଡିଡିଏମ ମିଳିତ ଭାବରେ ଚଢ଼ଉ କରିଛନ୍ତି। ଚଢ଼ଉ କରି ୫ଟି ଗାଡ଼ି ଜବତ କରି ଜଖପୁରା ପୁଲିସ ଜିମାରେ ଦେଇଛନ୍ତି। ତା' ସହିତ ବାଲି ଖୋଳେଇରେ ବ୍ୟବହୃତ ହେଉଥିବା ୫ଟି ମେସିନ ନାମରେ ଏତଲା ଦିଆଯାଇଛି। ବାଲି ଗାଡ଼ି ସବୁରେ ଆବଶ୍ୟକତା ଠାରୁ ଅତ୍ୟଧିକ ମାତ୍ରାରେ ବାଲି ଥିବାରୁ ଆରଟିଓକୁ ମଧ୍ୟ ଏହାର ଯାଞ୍ଚ କରିବ ବୋଲି କୁହାଯାଇଛି। ପ୍ରକାଶ ଥାଉ କି ପଙ୍କପାଳ ବାଲିଘାଟରୁ ବେଆଇନ ଭାବରେ ବାଲି ଚୋରି ହେଉଥିବାର ଦେଖିବାକୁ ମିଳିଥିଲା। ବାଲିଘାଟର କୌଣସି ସଠିକ୍ କାଗଜ ପତ୍ର ନଥିବାର ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଗୁରୁବାର ସନ୍ଧ୍ୟା ସମୟରେ ଜଖପୁରା ପୁଲିସ ସହାୟତାରେ ଡିଡିଏମ୍ଓ ଦାନଗଦି ତହସିଲଦାର ବାଲିଘାଟ ଉପରେ ଚଢ଼ଉ କରିଥିବାର ଜଣାପଡ଼ିଛି।

ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ବିଞ୍ଝାରପୁର, ୩୧ା୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ପଞ୍ଚାୟତ ଦଧିବାବନପୁର ଗ୍ରାମ ଦେବେନ୍ଦ୍ର ସାହୁଙ୍କ ଏକମାତ୍ର ପୁଅ ଅଞ୍ଜନ ସାହୁ (ବାବୁଲ, ୨୨)ଙ୍କର ମୃତଶରୀରକୁ ଶୁକ୍ରବାର ରାତିରେ କଟକ-ଗୋପାଳପୁର ରେଳଷ୍ଟେସନ ନିକଟରୁ ଜିଆର୍‌ପି ଉଦ୍ଧାର କରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଜିଆର୍‌ପିଙ୍କ ଠାରୁ ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଅଞ୍ଜନଙ୍କ ମୃତଦେହକୁ ଚିହ୍ନଟ କରିବା ସହିତ ତାଙ୍କ ପୁଅକୁ କେହି ହତ୍ୟାକରି ଫିଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି। ପରେ ରେଳବାଇ ପୁଲିସ ଏକ ମାମଲା ରୁଜ କରିବା ସହିତ ବ୍ୟବଚ୍ଛେଦ ପାଇଁ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ପଠାଇଥିଲେ। ଘଟଣା ସମ୍ପର୍କରେ ମୃତ ଅଞ୍ଜନଙ୍କ ପରିବାର କହିବାନୁଯାୟୀ ଗତ ଗୁରୁବାର ଘରୋଇ କାମରେ ଅଞ୍ଜନ ଭୁବନେଶ୍ୱର ଯାଇଥିଲେ। ଗତ ଶୁକ୍ରବାର ରାତି ୧୦ଟା ସମୟରେ ଅଞ୍ଜନ ପରିବାର ଲୋକଙ୍କ ସହିତ ଫୋନରେ କଥାବାର୍ତ୍ତା କରିଥିଲେ। ଅଞ୍ଜନଙ୍କ ଫୋନ କରିବାର ୧ ଘଣ୍ଟା ପରେ ଅଞ୍ଜନଙ୍କ ଫୋନରୁ କୌଣସି ଅଜଣା ବ୍ୟକ୍ତି ଅଞ୍ଜନ ଘରକୁ ଫୋନ କରି କହିଥିଲେ କି ଅଞ୍ଜନର ଦୁର୍ଘଟଣା ହୋଇଛି। ଏହା ପରେ ଫୋନ କାଟି ଦେଇଥିଲେ। ଏପରିକି ଫୋନ ସୁଇଚ୍ ଅଫ କରିଦେଇଥିଲେ। ପରେ ଜିଆର୍‌ପିଙ୍କ ନିକଟରୁ ଘଟଣା ସମ୍ପର୍କରେ ଖବର ପାଇ ଅଞ୍ଜନଙ୍କ ପରିବାର ଲୋକେ ଶୁକ୍ରବାର ବିଳମ୍ବିତ ରାତିରେ ଘଟଣାସ୍ଥଳରେ ପହଞ୍ଚି ମୃତ ଅଞ୍ଜନର ମୃତଦେହ ଚିହ୍ନଟ କରିଥିଲେ। ବ୍ୟବଚ୍ଛେଦ ପରେ ଅଞ୍ଜନର ମୃତଦେହକୁ ଶନିବାର ଅପରାହ୍ନରେ ନିଜ ଗ୍ରାମ ଦଧିବାମନପୁରକୁ ଅଣାଯାଇ ଶୋକାକୁଳ ପରିବେଶରେ ଅନ୍ତିମ ସତ୍କାର କରାଯାଇଥିଲା। ଅଞ୍ଜନଙ୍କର ସନ୍ଦେହଜନକ ମୃତ ଘଟଣା ପାଇଁ ସମଗ୍ର ମାଁସଡା ଗ୍ରାପରେ ଶୋକର ଛାୟା ଖେଳିଯାଇଛି।

ଚୋରି ଟ୍ରାକ୍ଟର ଉଦ୍ଧାର; ଅଭିଯୁକ୍ତ ଗିରଫ

ଦାନଗଦି, ୩୧ା୧(ସମିସ): ଗତ ୧୬ ତାରିଖରେ ରାଇଟିକର ଗାଁରୁ ଚୋରି ହୋଇଥିବା ଏକ ଟ୍ରାକ୍ଟରକୁ କଳିଙ୍ଗନଗର ପୁଲିସ ଉଦ୍ଧାର କରିବା ସହ ଘଟଣାରେ ସମ୍ପୃକ୍ତ ଗାଡ଼ିର ଡ୍ରାଇଭରକୁ ଗିରଫ କରିଛି। ଗିରଫ ଡ୍ରାଇଭର ଜଣକ ହେଲେ ଢେଙ୍କାନାଳ ଜିଲ୍ଲା ନିହାଳପ୍ରସାଦ ଥାନା ଅନ୍ତର୍ଗତ ଗୋଠଡଲିଆ ଗ୍ରାମର ଟୁଟୁ କଲେଇଙ୍କ ପୁଅ ଭୀମ କଲେଇ (୨୧)। କଳିଙ୍ଗନଗର ଥାନା ରାଇଟିକର ଗାଁର ମଳୟ କୁମାର ରାଉତଙ୍କ ଅଭିଯୋଗ ମୁତାବକ ତାଙ୍କର ଏକ ଟ୍ରାକ୍ଟର କୁ ନିହାଳପ୍ରସାଦ ଗାଁର ଭୀମ କଲେଇ ନାମକ ଜଣେ ଡ୍ରାଇଭର ଚଲାଇବା ପାଇଁ କହି ଘରୁ ଆସି ନେଇଥିଲା। ଦୁଇ ତିନି ଦିନ ଚଲାଇବା ପରେ ଗାଡ଼ିଟିକୁ ନିଜ ଗାଁକୁ ନେଇ ପଳାଇଥିଲା ଓ ଆଉ ଫୋନ ଉଠାଇ ନ ଥିଲା। ଯାହାଫଳରେ ମଳୟଙ୍କର ସନ୍ଦେହ ହେବାରୁ ଘଟଣା ସମ୍ପର୍କରେ ସେ କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବାପରେ ପୁଲିସ ସମ୍ପୃକ୍ତ ଡ୍ରାଇଭରକୁ ତା' ଗାଁରୁ ଗିରଫ କରିବା ସହ ଗାଡ଼ିଟିକୁ ଉଦ୍ଧାର କରିଥିଲେ।

ବ୍ୟାଙ୍କ ସମ୍ମୁଖରୁ ବାଇକ ଚୋରି

ଦାନଗଦି, ୩୧ା୧(ସମିସ): ଦାନଗଦି ଫାଣ୍ଡି ଅନ୍ତର୍ଗତ ଇଣ୍ଡିଆନ ବ୍ୟାଙ୍କ ସମ୍ମୁଖରୁ ଆଜି ଗୋଟିଏ ବାଇକ ଚୋରୀ ହୋଇଥିବା ନେଇ ଅଭିଯୋଗ ହୋଇଛି। ସିଆରିଆ ଗାଁର ସେକ ଏମ୍‌ଡି ଯାହେଦ ନିଜ ବାଇକ ଯାହାର ନମ୍ବର ଓଡ଼ି ୦୪ ଏଫ ୯୫୭୨କୁ ବ୍ୟାଙ୍କ ସମ୍ମୁଖରେ ରଖି ଟଙ୍କା ଉଠାଇବାକୁ ଯାଇଥିଲେ। ପରେ ବ୍ୟାଙ୍କ କାମ ସାରି ବାହାରକୁ ଆସି ବାଇକ ନ ଥିବାର ଦେଖି ବ୍ୟାଙ୍କ ମ୍ୟାନେଜରଙ୍କୁ ଜଣାଇଥିଲେ। ମ୍ୟାନେଜର ସିସିଟିଭି ଯାଞ୍ଚ କରିବାପରେ ଜଣେ ଲୋକ ଚୋରି କରି ନେଇଥିବା କହିଥିଲେ। ପରେ ଯାହେଦ ଦାନଗଦି ଫାଣ୍ଡିରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି।

କନ୍ତପଡ଼ା ଛକରେ ଦୁର୍ଘଟଣା

କବାଟବନ୍ଧ, ୩୧ା୧(ସମିସ): ଚଣ୍ଡିଖୋଲ ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର କନ୍ତପଡ଼ା ଛକ ନିକଟରେ ଶନିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ତେବେ ଏହି ଦୁର୍ଘଟଣାରେ ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି। ଜେନାପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ଡୁବୁରୀରୁ ଚଣ୍ଡିଖୋଲ ଆଡ଼କୁ ଧାନ ବୋଝେଇ କରି ଯାଉଥିବା ଏକ ମିନି ଟ୍ରକକୁ ବିପରୀତ ଦିଗ ଚଣ୍ଡୀଖୋଲରୁ ଡୁବୁରୀ ଆଡ଼କୁ ଆସୁଥିବା ଏକ ୧୮ ଚକିଆ ଟ୍ରେଲର ସହିତ ଧକ୍କା ଲାଗିଥିଲା। ଫଳରେ ଧାନ ବୋଝେଇ ଥିବା ମିନି ଟ୍ରକରୁ ଅନେକ ଧାନ ବସ୍ତା ନଷ୍ଟ ହୋଇଥିଲା। ଉକ୍ତ ଗାଡ଼ିରେ ଥିବା ୫ ଜଣ ଯାତ୍ରୀ ମଧ୍ୟ ସୁରକ୍ଷିତ ଥିଲେ। ଦୁର୍ଘଟଣାରେ ଟ୍ରେଲର ଗାଡ଼ିର ଡାହାଣ ପଟ ଭାଙ୍ଗିଥିବା ବେଳେ ଚାଳକ ସୁରକ୍ଷିତ ଥିଲେ।

ଶାମେଶ୍ୱର ପୀଠରେ ଜାଗର ପ୍ରସ୍ତୁତି

ପ୍ରୀତିପୁର, ୩୧ା୧(ସମିସ): ସର୍ବପୁରାତନ ଶୈବପୀଠ ଅଙ୍ଗାଲୋ ପଞ୍ଚାୟତ ଅରିଲୋ ଶାମେଶ୍ୱର ପୀଠରେ ଚଳିତ ବର୍ଷ ମହାଶିବରାତ୍ରି ଓ ଜାଗରମେଳା ପାଳନ କରାଯିବା ପାଇଁ ନରହରି ସାମଲଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାମଲଙ୍କ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ଏହା ବ୍ୟତୀତ ମେଳାର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ବହୁ ଭକ୍ତମାନେ ଏଠାରେ ରୁଣ୍ଡୀଭୂତ ହେଉଥିବା ଦୃଷ୍ଟିରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହିତ ୩ ଦିନଧରି ଚାଲିବ ବୋଲି ନିଷ୍ପତି ନିଆଯାଇଥିଲା। ପ୍ରତ୍ୟେହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ ପରିବେଷଣ ନିମନ୍ତେ ମୁକ୍ତ ମଞ୍ଚରେ ଅପେରା ପରିବେଷଣ କରାଯିବ ବୋଲି ସମ୍ପାଦକ ସୂଚନା ଦେଇଥିଲେ।

ଧାନ ମଣ୍ଡି ସମସ୍ୟା ନେଇ ଚାଷୀ ଅସନ୍ତୋଷ

ଦଶରଥପୁର, ୩୧ା୧(ସମିସ)

ଧାନ ମଣ୍ଡି ଅବ୍ୟବସ୍ଥାକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦଶରଥପୁର ଓ ଯାଜପୁର ବ୍ଲକ ଚାଷୀଙ୍କୁ ନେଇ ଗଠିତ ଯଯାତି କୃଷକ ସଂଗଠନ ରାଜରାସ୍ତାକୁ ଓହ୍ଲାଇବା ପରେ ଜିଲ୍ଲା ପ୍ରଶାସନ ନିଦ ଭାଙ୍ଗିଥିଲା। ଗତ ୨୬ ତାରିଖରେ ଜିଲ୍ଲାପାଳ ଅମ୍ବର କୁମାର କର ଏକ ବୈଠକରେ ମଣ୍ଡିରୁ ଧାନ କିଣିବାକୁ ସରକାରଙ୍କ ସହିତ ଚୁକ୍ତିନାମା କରିଥିବା ଜିଲ୍ଲାର ମିଲର କର୍ତ୍ତୃପକ୍ଷଙ୍କୁ ବିନା କଟ୍‌ନୀ ଛଟନୀରେ ମଣ୍ଡିରୁ ଚାଷୀଙ୍କ ଧାନ କିଣିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଖୋଟ ଅଖା ଆଳରେ କୌଣସି ପଞ୍ଜିକୃତ ଚାଷୀଙ୍କୁ ମିଲର ବ୍ଲାକମେଲ ନକରିବାକୁ କଡ଼ା ତାଗିଦ କରିଥିଲେ। ହେଲେ ସବୁ ନିର୍ଦ୍ଦେଶ ଏବଂ ତାଗିଦକୁ ମିଲର ଫୁଁ କରିଦେଇଥିବା ଦେଖିବାକୁ ମିଳିଛି। ଗତ ୨୯ ତାରିଖରେ ଦଶରଥପୁର ବ୍ଲକ ତଳିହା ପ୍ୟାକ୍ସ କାର୍ଯ୍ୟାଳୟ ସମ୍ମୁଖ ଧାନ ମଣ୍ଡିରୁ ୫କେଜି କଟ୍‌ନୀ ଛଟନୀରେ ଚାଷୀଙ୍କ ଠାରୁ ଧାନ କିଣାଯାଉଥିବା ଦେଖିବାକୁ ମିଳିଥିଲା। ତଳିହା ମଣ୍ଡିରେ ଖୋଟ ଅଖା କଟକଣା ନ ଥିଲେ ମଧ୍ୟ ଏଫଏକ୍ୟୁ ମାନ ଆଳରେ କ୍ୱିଣ୍ଟାଲ ପିଛା ୫ କେଜି ଧାନ କଟାଯାଉଥିବା ଅନେକ ଚାଷୀ ଅଭିଯୋଗ କରିଥିଲେ। ସେହିପରି କୁଆଁରପୁର ଧାନ ମଣ୍ଡିରେ ସରକାର ଏବଂ ପ୍ରଶାସନର ସବୁ ନିୟମ କାନୁନକୁ ଅଣଦେଖା କରି ମଣ୍ଡିରୁ ଧାନ କିଣିବାକୁ ଆସିଥିବା ମିଲର ଏଫଏକ୍ୟୁ ମାନ ସହିତ ଖୋଟ ଅଖା ଆଳରେ କ୍ୱିଣ୍ଟାଲ ପିଛା ୭ରୁ ୮କେଜି ପର୍ଯ୍ୟନ୍ତ କଟ୍‌ନୀ ଛଟନୀରେ ଅରାଜି ହେଲେ ଧାନ ଉଠାଇବ ନାହିଁ ରୋକଠୋକ କହୁଥିବା ଅଭିଯୋଗ ହୋଇଛି। ଦଶରଥପୁର, ନନ୍ଦିପୁର, ଖଣ୍ଡରା, ପାଳଦା ମଣ୍ଡିରେ ମଧ୍ୟ ସମାନ ସ୍ଥିତି। ଖୋଟ ଅଖାରେ ଧାନ ଆଣିଥିବା ଚାଷୀଙ୍କ ଠାରୁ ୫ କେଜି କଟ୍‌ନୀ ଏବଂ ଜରି ଅଖା ବାବଦରେ ଅତିରିକ୍ତ ୨କେଜି କଟ୍‌ନୀରେ ଧାନ କିଣା ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲ୍ଲାପାଳଙ୍କ କହିବା ହେଉଛି ଚାଷୀ ଖୋଟ ଅଖା ବ୍ୟବହାର କଲେ ଭଲ। କିନ୍ତୁ ଖୋଟ ଅଖା ପାଇଁ ଏଥର ଚାଷୀଙ୍କୁ ବାଧ୍ୟ କରାଯାଇ ପାରିବନି ବୋଲି ମିଲର ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଥିଲେ। ଅପରପକ୍ଷେ ଏଥର ଦଶରଥପୁର ବ୍ଲକ ଅଞ୍ଚଳର ଅଧିକାଂଶ ଚାଷୀ ଟୋକନ କାଣ୍ଟଛାଣ୍ଟର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଯେତିକି ଜମିରେ ଚାଷ କରିଥିଲେ ସେହି ଅନୁଯାୟୀ ଟୋକନ ଆସିନି। ଫଳରେ ବଳକା ଧାନ କେଉଁଠି ବିକିବେ ସେ ନେଇ ଚିନ୍ତାରେ ପଡ଼ିଥିବା ବେଳେ ଅଭାବୀ ବିକ୍ରିର ମାତ୍ରା ବଢ଼ି ଚାଲିଛି। ରାଜ୍ୟସ୍ତରରୁ ଟୋକନ ଆସୁଥିବା କହି ଉଭୟ ଯୋଗାଣ ଏବଂ ପ୍ୟାକ୍ସ କର୍ତ୍ତୃପକ୍ଷ ହାତ ଟେକି ଦେଉଛନ୍ତି।

ଧାନ ରଖି ରାତି ଉଜାଗର

ସିଂହପୁର, ୩୧ା୧(ସମିସ): ଚଳିତ ବର୍ଷ ଆରମ୍ଭରୁ ମଣ୍ଡିରେ ଅବ୍ୟବସ୍ଥାକୁ ଦେଖା ଦେଇଛି। ମିଲରଙ୍କ ମନମାନି, ବେଫିକର ଓ ଅସାଧୁ ନୀତି ଯୋଗୁଁ ଚାଷୀ ବିଚରା ହନ୍ତସନ୍ତ ହେଉଥିବା ଅବସ୍ଥା ଦେଖିବାକୁ ମିଳୁଛି। ସିଂହପୁର କୃଷି ସେବା ସମବାୟ ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ସମ୍ପାଦକ ଉତ୍କଳ କୁମାର ସାମଲଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ସମିତିରେ ୨୮୫ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ୧୮୧ ଜଣକୁ ଟୋକନ ମିଳିଛି। ଜାନୁଆରୀ ମାସରେ ୬ ହଜାର କ୍ୱିଣ୍ଟାଲ ଧାନ ଉଠିବାର ଟାର୍ଗେଟ ଥିବା ବେଳେ ଆଜି ଜାନୁଆରୀ ମାସର ଶେଷ ଦିନ ସୁଦ୍ଧା ମାତ୍ର ୧୬ ଜଣ ଚାଷୀଙ୍କ ଠାରୁ ୬୪୦ କ୍ୱିଣ୍ଟାଲ ଧାନ ଉଠିଛି। ଏବେ ସମିତିରେ ଶହ ଶହ କ୍ୱିଣ୍ଟାଲ ଧାନ ପଡ଼ିରହିଛି। ଚାଷୀ ଧାନ ସମିତି ସମ୍ମୁଖରେ ରଖି ରାତି ଉଜାଗର ହେଉଛନ୍ତି। ଷଣ୍ଢ ଓ ଗାଈଗୋରୁଙ୍କ ଭୟ ରହିଛି। ଖୋଟ ଅଖାର ସମସ୍ୟା ଥିବାରୁ ଚାଷୀ ଅଖା ପାଇଁ ହିନସ୍ତା ଭୋଗୁଛନ୍ତି। ମିଲରଙ୍କ ମନମାନି ଯୋଗୁଁ ଚାଷୀଙ୍କ ଅସନ୍ତୋଷ ବଢୁଛି। ଫଳରେ ଆନ୍ଦୋଳନ ପାଇଁ ଚାଷୀମାନେ ଚେତାବନୀ ଦେଇଛନ୍ତି। ଏହି ଅବ୍ୟବସ୍ଥା ପ୍ରତି ଜିଲ୍ଲା ଯୋଗାଣ ବିଭାଗ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସିଂହପୁର ପ୍ରାଥମିକ କୃଷି ସେବା ସମବାୟ ସମିତି ଅଧୀନସ୍ଥ ସିଂହପୁର, ଓଲେଇ ଚନ୍ଦନପୁର, ନାଉବାଙ୍କ, ନେମରା ଗ୍ରାମର ଚାଷୀମାନେ ଦାବି କରିଛନ୍ତି।

ହାଇୱା ଧକ୍କାରେ ସାଇକଲ ଚାଳକ ମୃତ

ଧର୍ମଶାଳା, ୩୧ା୧(ସମିସ): ଧର୍ମଶାଳା ଥାନା ୫୩ ନମ୍ବର ଜାତୀୟ ରାଜପଥର କାନପୁର ଠାରେ ଆଜି ଜଣେ ସାଇକଲ ଆରୋହୀଙ୍କ ଉପରେ ହାଇୱା ମାଡିଯିବାରୁ ଘଟଣାସ୍ଥଳରେ ସାଇକଲ ଅରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ସ୍ଥାନୀୟ କାନପୁର ଗ୍ରାମର ଗଜେନ୍ଦ୍ର ଦେଉରୀ (୪୮) ବୋଲି ଜଣାପଡ଼ିଛି। ଗଜେନ୍ଦ୍ର ଔଷଧ ଆଣିବାକୁ ଆଜି ନିଜ ସାଇକଲରେ ଆରୁହା ଛକକୁ ଯାଉଥିବା ବେଳେ ଡୁବୁରୀ ପଟରୁ ଚଣ୍ଡିଖୋଲ ଆଡକୁ ଯାଉଥିବା ମାଲବୋଝେଇ ହାଇୱା ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ସହିତ ଉକ୍ତ ସ୍ଥାନରେ ଏକ ଗଳିପୋଲ ନିର୍ମାଣ କରିବା ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ତେବେ ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କ୍ଷତିପୂରଣ ସହ ସେଠାରେ ଗଳିପୋଲ ନିର୍ମାଣର ପ୍ରତିଶ୍ରୁତି ନ ମିଳିବା ଯାଏଁ ରାସ୍ତା ଅବରୋଧ ଜାରିରହିବ ବୋଲି ଉତ୍ତ୍ୟକ୍ତ ଲୋକେ ଜିଦ୍ ଧରି ବସିଥିଲେ। ଫଳରେ ଚଣ୍ଡିଖୋଲ ଡୁବୁରୀ ୫୩ ନଂ ଜତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡି ଅଟକି ରହିଥିଲା। ଘଟଣାସ୍ଥଳରେ ଧର୍ମଶାଳା ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶ ପହଞ୍ଚି ମୃତକର ପରିବାରକୁ କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ଜାତୀୟ ରଜପଥ ପ୍ରାଧିକରଣର ଅଧିକାରୀମାନେ ସେଠାରେ ପହଞ୍ଚି ଗଳିପୋଲ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବା ପରେ ୪ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ଦୁର୍ଘଟଣାକୁ ନେଇ ଧର୍ମଶାଳା ପୁଲିସ ୩୬ /୨୬ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ସାଇକଲ ଓ ହାଇୱାକୁ ଜବତ କରି ଶବ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଚଳାଇଛି।

ସୃଜନିକା

ସକାଳ
THE SAKALA
www.sakalaepaper.com

ଜନନାୟକ

ମଧୁସୂଦନ ସ୍ୱାଇଁ

ଅଜସ୍ର ସତ୍ୟାଗ୍ରହୀଙ୍କ ସୁବଳୟାଗିରି ମୁକ୍ତି ସ୍ଲୋଗାନରେ ସମଗ୍ର ମାଡ଼ଗୁଲ ପେଣ୍ଠ ଉପତ୍ୟକା ପ୍ରକମ୍ପିତ। ମାଡ଼ଗୁଲ ପେଣ୍ଠର ମଧ୍ୟଭାଗରେ ଅବସ୍ଥିତ ଭୂୟଞ୍ଜ ଆଶ୍ରମରୁ ଜନସମୁଦ୍ର ପ୍ରଲମ୍ବିତ ତିନି କିଲୋମିଟର ଦୂର ସୁବଳୟାଗିରି ପର୍ଯ୍ୟନ୍ତ। ସମସ୍ତେ ସତ୍ୟାଗ୍ରହୀ, ବନବାସୀ, ଆଦିବାସୀ, ହରିଜନ, ସୁବଳୟାଗିରି ଯଜ୍ଞରେ ଆତ୍ମାହୂତି ପାଇଁ ଠୁଳ ହୋଇଛନ୍ତି ମାଡ଼ଗୁଲ ପେଣ୍ଠର ତ୍ରାଣକର୍ତ୍ତା, ଗାନ୍ଧୀବାଦୀ, ଭୂଦାନକର୍ମୀ, ଜୀବିତ ଗାନ୍ଧୀ, ବୟୋବୃଦ୍ଧ ବଳରାମ ଭାଇଙ୍କ ଆହ୍ୱାନରେ।

ଭୂୟଞ୍ଜ ଆଶ୍ରମକୁ କେନ୍ଦ୍ର କରି ମାଡ଼ଗୁଲ ପେଣ୍ଠର ଅତୀତ, ଭବିଷ୍ୟତ, ଭୂଗୋଳ ଓ ଇତିହାସ। ଏହାର ନିର୍ମାତା ସ୍ୱୟଂ କର୍ମଯୋଗୀ ବଳରାମ ଭାଇ। ସମୁଦ୍ର ପତନଠୁ ହଜାର ହଜାର ଫୁଟ୍ ଉଚ୍ଚ, ଘଞ୍ଚ ଅରଣ୍ୟ, ଗିରିଶୃଙ୍ଗ ବେଷ୍ଟିତ ସଭ୍ୟତାଠୁ ଯୋଜନ ଯୋଜନ ଦୂରବର୍ତ୍ତୀ ମାଡ଼ଗୁଲ ପେଣ୍ଠକୁ କୋଳାହଳପୂର୍ଣ୍ଣ ସଦର ମହକୁମା, ମଣ୍ଡଳ, ବାଣିଜ୍ୟିକ ପେଣ୍ଠସ୍ଥଳୀ, ପୂର୍ଣ୍ଣାଙ୍ଗ ସହରରେ ରୂପାନ୍ତରିତ କରିଛି ଦୀର୍ଘ ସତୁରି ବର୍ଷର ନିରନ୍ତର ପ୍ରୟାସ।

ସେ ଦିନର ଝାଟିମାଟିର ଭୂୟଞ୍ଜ ଆଶ୍ରମ ଆଜି ନଭଶ୍ଚୁମ୍ବୀ ପ୍ରାସାଦ।

ସମାଜସେବୀ ଦୁଇ ପ୍ରକାର। ସମାଜର ମଙ୍ଗଳ ପାଇଁ ନିଜକୁ ଉତ୍ସର୍ଗ କରିଦେବା କିମ୍ବା ସାମୂହିକ ସ୍ୱାର୍ଥ ବିନିମୟରେ ନିଜକୁ ପ୍ରତିଷ୍ଠା କରିବା। ବଳରାମ ଭାଇ ପ୍ରଥମ ଶ୍ରେଣୀର ସମାଜସେବୀ।

ଉଣେଇଶ ପଞ୍ଚାବନ ସାଲ୍ ସନ୍ଥ ବିନୋବାଜୀଙ୍କ ଭୂଦାନ କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ଆଗମନ କାଳରେ ଯୁବକ ବଳରାମ ଭାଇ ଭୂଦାନ ଆନ୍ଦୋଳନରେ ସାମିଲ ହେଲେ। ମାଳତୀ ଚୌଧୁରୀ ମା' ରମାଦେବୀଙ୍କ ସହ ବିଶିଷ୍ଟ ଗାନ୍ଧୀବାଦୀଙ୍କ ମେଳରେ ପଦଯାତ୍ରା କଲେ। ଭୂଦାନ, ଗ୍ରାମଦାନ, ଅସ୍ପୃଶ୍ୟ ଦୂରୀକରଣ, ଗ୍ରାମ ସ୍ୱରାଜ ପରି ରଚନାତ୍ମକ କାର୍ଯ୍ୟକ୍ରମରେ ନିଜକୁ ଉତ୍ସର୍ଗ କରିଦେଲେ। ଗୃହତ୍ୟାଗୀ କର୍ମଯୋଗୀ ବଳରାମ ଭାଇ ଦରିଦ୍ର ଆଦିବାସୀ ବନବାସୀଙ୍କ ସେବା ପାଇଁ ମାଡ଼ଗୁଲ ପେଣ୍ଠକୁ ସ୍ଥିର କରିନେଲେ କର୍ମଭୂମି। ପ୍ରତିଷ୍ଠା ହେଲା ଭୂୟଞ୍ଜ ଆଶ୍ରମ। ଦୁର୍ଗମ, ଅଗମ୍ୟ ବଣପର୍ବତ ଘେରା ମାଡ଼ଗୁଲ ପେଣ୍ଠ ସାରା ପଦଯାତ୍ରା କରି ଶୁଣ୍ଡି, କୁମୁଟି, ତେଲେଙ୍ଗା ଦୋରା ସଂପ୍ରଦାୟର ଭୂମିଦାନରେ ଗ୍ରହଣ କରି ଭୂମିହୀନ ଦରିଦ୍ର ଆଦିବାସୀ ହରିଜନଙ୍କୁ ବାଣ୍ଟି ଦେଇଥିଲେ। ଜନମାନସରେ ସବୁ ସୁପୁରୁଷର ନୂଆ ପରିଚୟ ମିଳିଲା।

ଚଉରାନବେ ବର୍ଷର ଚଞ୍ଚଳତା କେବଳ ଜନତାର ସେବା ପାଇଁ ଉତ୍ସର୍ଗୀକୃତ। ତାଙ୍କ ଶୀର୍ଣ୍ଣ ଶରୀରରେ ଖଦଡ଼ ଧୋତିକୁର୍ତ୍ତା ଉପରେ ଧଳା ଖଦଡ଼ ଜାକେଟ୍ ଓ ଉତ୍ତରୀୟ, ମୁଣ୍ଡରେ ଗାନ୍ଧୀ ଟୋପି, ମୁହଁ ସାରା ପାଚିଲା ଦାଢ଼ିରୁ ବାରି ହୋଇଯାଏ ବଳରାମ ଭାଇ କୋଟିକରୁ ଗୋଟିଏ। ଗାନ୍ଧୀ ଝୁଲାମୁଣି ଓ ସୋଲାପୁରୀ ଚପଲ ପିନ୍ଧି ସେ ମାଡ଼ିଯାନ୍ତି, ଗାଁରୁ ସହର, ମନ୍ତ୍ରୀଠୁ ଯନ୍ତ୍ରୀ, ରାଜନୀତିରୁ ଜନନୀତି, ଯୋଜନାଠୁ ରୂପାୟନ ଯାଏଁ।

ଅର୍ଥ, କାମ, ଲୋଭ ପ୍ରତି ନିରାସକ୍ତ ବଳରାମ ଭାଇଙ୍କ ଭୂୟଞ୍ଜ ଆଶ୍ରମ ଭବ୍ୟ, ରମ୍ୟ, ଐଶ୍ୱର୍ଯ୍ୟବନ୍ତ ହୋଇପାରିଛି ତାହା କେବଳ ଲକ୍ଷ ଲକ୍ଷ ଆଦିବାସୀଙ୍କ ଶ୍ରଦ୍ଧାରୁ। ସେ ତ ପଦ୍ମପତ୍ରର ଜଳ ବିନ୍ଦୁ। ବିଷୟ ମାୟା ଗ୍ରାସ କରିନି। ଯଶ, ପ୍ରଶସ୍ତି, ପୁରସ୍କାରର ମାୟା ସ୍ପର୍ଶ କରିନି ନିର୍ମଳ ପ୍ରାଣକୁ। ସେବା ଆଉ ସେବା...ଛୋଟରୁ ବଡ଼ ଯାଏଁ ପ୍ରିୟ ବଳରାମ ଭାଇ ମାଡ଼ଗୁଲ ପେଣ୍ଠ ଗାନ୍ଧୀ।

ସେ ଆଜି ବି ପ୍ରତିଦିନ ଚରଖାରେ ଅଧଘଣ୍ଟା ସୂତା ବୁଣନ୍ତି, ତନ୍ତ ଚଳାନ୍ତି। ସାଧନାର ଘଟାନ୍ତର ନାହିଁ। ପଞ୍ଚଷଠି ମସିହା ଯୁଦ୍ଧ ବେଳେ ଖାଦ୍ୟ ସଂଚୟ ପାଇଁ ସପ୍ତାହରେ ଦିନେ ଉପବାସ କରୁଥିଲେ। ଜରୁରୀକାଳୀନ ପରିସ୍ଥିତିରେ ଜେଲ୍ ଯାଇ ଶାରୀରିକ ଶ୍ରମ ଓ ରଚନାତ୍ମକ କାର୍ଯ୍ୟ କରିଛନ୍ତି। ବାବ୍‌ରୀ ମସଜିଦ୍ ଭଙ୍ଗା ବେଳେ ସାତଦିନ ମୌନବ୍ରତ ପାଳନ କରିଛନ୍ତି।

ନିର୍ଦ୍ଦିଷ୍ଟ ବ୍ୟବଧାନରେ ଝଙ୍କୃରିତ ହେଉଛି ଜନ ସମୂହର ମିଳିତ ସ୍ୱର ସୁବଳୟାଗିରି ସୁରକ୍ଷା ଆମର ଦାବି, ଆଲୁମିନିୟମ କମ୍ପାନୀ ହଟି ଯାଅ... ଇତ୍ୟାଦି।

ସୁବଳୟାଗିରି ମାଡ଼ଗୁଲ ପେଣ୍ଠର ଜୀବନରେଖା। ତା'ରି କନ୍ଦର, ଗୁମ୍ଫାରୁ ଅନେକ ଚିରସ୍ରୋତା ବଣ ଝରଣା ଉଦ୍‌ଗମ ହୋଇ ମାଡ଼ଗୁଲ ପେଣ୍ଠର ସର୍ବତ୍ର ଜଳସେଚିତ ହେଉଛି। ବଣ୍ୟଜାତ ସାମଗ୍ରୀ ଆଦିବାସୀଙ୍କ ଜୀବନ-ଜୀବିକା। ପ୍ରତ୍ୟକ୍ଷ ଦେବୀ ଦନ୍ତେଶ୍ୱରୀଙ୍କ ଆସ୍ଥାନ ସୁବଳୟାଗିରିର ଅନ୍ଧାରୀ ଗୁମ୍ଫାରେ। ପ୍ରକୃତିର ବିରୋଧାଭାସ। ମାଟିତଳେ କିନ୍ତୁ ଧବଳ ସୁନା-ବକ୍‌ସାଇଟ୍। ଆଗାମୀ ଶହେ ବର୍ଷ ଯାଏଁ ଦେଶର ବକ୍‌ସାଇଟ୍ ଆବଶ୍ୟକତାକୁ ପୂରଣ କରିବାକୁ ସମର୍ଥ। ରାମରାଜ୍ୟ ଆଲୁମିନା କମ୍ପାନୀ ଆସିଛି, ଡିନାମାଇଟ୍ ଲଗାଇ ସୁବଳୟାଗିରି ଭାଙ୍ଗି ଦେବ। ବୁଲ୍‌ଡୋଜରରେ ଛିନ୍ନଛତ୍ର କରିଦେବ।

ସତ୍ୟାଗ୍ରହ ପାଇଁ ଅଣ୍ଟା ଭିଡ଼ିଛନ୍ତି ବଳରାମ ଭାଇ। ଶପଥ କରିଛନ୍ତି ତାଙ୍କ ଶବ ଉପରେ ବୁଲଡୋଜର୍ ଚାଲିବ। ସେ ତ ଆଉ ଜଣେ ବ୍ୟକ୍ତି ନୁହଁନ୍ତି- ସାମୂହିକ ସ୍ୱର। ତତ୍ତ୍ୱ, ମାର୍ଗଦ୍ରଷ୍ଟା ବଳରାମ ଭାଇ କୁହନ୍ତି, ବ୍ୟକ୍ତିର ମୃତ୍ୟୁ ଅଛି ହେଲେ ତା'ର ଚିନ୍ତା, ଦର୍ଶନ, ପ୍ରଦର୍ଶିତ ମାର୍ଗ ଅମର, ସ୍ଥାୟୀ, ସ୍ୱୟଂକ୍ରିୟ।

ସରକାରଙ୍କ ଦୁଇ ପ୍ରତିନିଧି ଓ ଦୁଇ କମ୍ପାନୀ ଅଧିକାରୀଙ୍କ ସହ ବଳରାମ ଭାଇଙ୍କ ଭୂୟଞ୍ଜ ଆଶ୍ରମର ବୈଠକଗୃହରେ ରୁଦ୍ଧଦ୍ୱାର ଆଲୋଚନା ଚାଲିଛି। ସମସ୍ତେ ଆଶାବାଦୀ, ଯାହା ନିଷ୍କର୍ଷ ବାହାରିବ ତାହା ମାଡ଼ଗୁଲ ପେଣ୍ଠବାସୀଙ୍କ ସପକ୍ଷରେ ଯିବ। ବଳରାମ ଭାଇଙ୍କ ଉପରେ ପ୍ରବଳ ଆସ୍ଥାବାନ ସମସ୍ତ ବନବାସୀ ଆଦିବାସୀ ସତ୍ୟାଗ୍ରହୀ। ତାଙ୍କରି ପାଇଁ ତ ଏ ଆନ୍ଦୋଳନ। ସିଏ ଶପଥ କରିଛନ୍ତି ପ୍ରଥମ ବୁଲଡୋଜର୍ ଚାଲିବ ତାଙ୍କ ଶବ ଉପରେ।

ଦୀର୍ଘ ଆଲୋଚନା ପରେ ସମବେତ ଜନତା ସମ୍ମୁଖରେ ବଳରାମ ଭାଇ ଘୋଷଣା କଲେ ଚୂଡ଼ାନ୍ତ ନିଷ୍ପତ୍ତିର ସାରମର୍ମ।

- "ମୋର ପ୍ରିୟ ସତ୍ୟାଗ୍ରହୀ ଭାଇ-ଭଉଣୀ। ଏହା ଆମ ପାଇଁ ବିରାଟ ବିଜୟ। ବହୁ ତର୍କବିତର୍କ ପରେ ସରକାର ଓ କମ୍ପାନୀ ଆମ ଆଗରେ ହାର ମାନିଛନ୍ତି। ସୁବଳୟାଗିରି ସୁରକ୍ଷିତ ରହିବ। ଅର୍ଥାତ୍ ମା' ଦନ୍ତେଶ୍ୱରୀଙ୍କ ଆସ୍ଥାନ ଓ ଝରଣାମାନଙ୍କ ଉତ୍ପତ୍ତି ସ୍ଥାନ ସୁରକ୍ଷିତ ରହିବ। କମ୍ପାନୀ ଆଧୁନିକ ଜ୍ଞାନ କୌଶଳରେ ବକ୍‌ସାଇଟ୍ ଖନନ କରିବ। ଯାହା କ୍ଷତି ହେବ ତାହା ଭରଣା କରିବ। ଆଉ କମ୍ପାନୀରେ ଆପଣଙ୍କ ପିଲାମାନଙ୍କୁ ଚପରାସୀଠୁ ଆରମ୍ଭ କରି ନିଜ ଯୋଗ୍ୟତା ଭିତରେ ନିଯୁକ୍ତି ମିଳିବ। ଆମ ଜିଲ୍ଲା ଶିଳ୍ପ ସମୃଦ୍ଧ ହେବ। ନିଯୁକ୍ତି ସୃଷ୍ଟି ହେବ...ଆମର ଆର୍ଥିକ ଉନ୍ନତି ଘଟିବ।"

ସମବେତ ଜନତା ସ୍ତମ୍ଭୀଭୂତ ଏ ନିଷ୍ପତ୍ତିରେ। କାହାରି ପାଟିରୁ କଥା ବାହାରୁନି। କିଏ ବା କ'ଣ କହିବ? ଏହା ତ ସ୍ୱୟଂ ବଳରାମ ଭାଇଙ୍କ ନିଷ୍ପତ୍ତି।

ତଥାପି ସରକାରୀ ପ୍ରତିନିଧି ଓ କମ୍ପାନୀ ଅଧିକାରୀ ଅପେକ୍ଷା କରିଛନ୍ତି ବଳରାମ ଭାଇଙ୍କ ଫେରିବା ବାଟକୁ।

ଏଥର କମ୍ପାନୀର ପଦସ୍ଥ ଅଧିକାରୀ ଜଣକ ପାଖରେ ଥିବା ଅର୍ଦ୍ଧ ନୂଆ ବ୍ରିଫ୍‌କେସ୍‌ଟି ଅଧାଖୋଲା କରି ବଳରାମ ଭାଇଙ୍କ ଦୃଷ୍ଟି ଆକର୍ଷଣ କଲେ। ଉପହାର ଭର୍ତ୍ତି ବଣ୍ଡଲ ସବୁ ସତେଜ ଲାଗୁଥାନ୍ତି। ବଳରାମ ଭାଇ କ୍ଷଣିକ ପାଇଁ ଆଖି ବୁଲାଇ ନେଲେ ଗାନ୍ଧିଜୀଙ୍କ ମୁହଁ ଉପରେ।

ନଗଦ କାରବାର ଉପହାର ପାଇଁ ସବୁଠୁ ଅଧିକ ନିରାପଦ।

"କ'ଣ ପ୍ରୟୋଜନ ଥିଲା ଏ ସବୁରେ? ଆଣିଛନ୍ତି ଯେତେବେଳେ ଗରିବ ଆଦିବାସୀଙ୍କ ଭିତରେ ବାଣ୍ଟି ଦେବି।"

ଏଥର ସରକାରୀ ପ୍ରତିନିଧି ତାଙ୍କ ଫୋଲଡ଼ର୍‌ରୁ ବାହାର କଲେ ଦ୍ୱିତୀୟ ବିସ୍ମୟ। ତାହା ଥିଲା ପଦ୍ମ ପୁରସ୍କାର ପାଇଁ ସୁପାରିସ୍ ପତ୍ର।

ଏସବୁ ପରେ ଖୁବ୍ ପ୍ରସନ୍ନ ଲାଗୁଥାନ୍ତି ଜନନାୟକ ବଳରାମ ଭାଇ। ଜନଆନ୍ଦୋଳନ ସଫଳ ହେଉଛି। ■

ଗୌତମ ନଗର, କୋରାପୁଟ
ମୋ: ୯୪୩୭ ୯୦୮ ୯୫୮

ପତ୍ରିକା ପରିଚୟ

ରେବତୀ

ସଂପାଦିକା : ସୁବାସିନୀ ଜେନା



ଓଟି ରୋଡ୍, ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

ମାସିକ ସାହିତ୍ୟ ଓ ଫିଚରଧର୍ମୀ ପତ୍ରିକା 'ରେବତୀ' ଆମ ମାଟିର ସ୍ୱରର ଜାନୁଆରୀ -୨୦୨୬ ସଂଖ୍ୟା ବେଶ୍ ଆକର୍ଷଣୀୟ ଓ ମନଲୋଭା ହୋଇଛି। ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶିତ 'ରେବତୀ'ର ଏହି ସଂଖ୍ୟାରେ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ବିନ୍ଦୁରୁ ବିବିଧତା: ବଂଶୀଧର ଚୌଧୁରୀ', ନାରାୟଣ ରାଉତରାୟଙ୍କ 'ଗୁମ୍ଫାର ଗାଥା', ବିକାଶ ଚନ୍ଦ୍ର ସ୍ୱାଇଁଙ୍କ 'ମୁକ୍ତେଶ୍ୱରର ମହକ' ଆଦି ଆଲେଖ୍ୟଗୁଡ଼ିକ ଉଚ୍ଚକୋଟୀର ହୋଇଛି। ସେହିପରି ପ୍ରତିଭା ଖିଲାରଙ୍କ 'ଫ ସ୍ୱପ୍ନଖୋର୍ କବିଙ୍କ ଗୁଞ୍ଜନ' ଓ ମାଧବାନନ୍ଦ ପାତ୍ରଙ୍କ 'ନୂଆ ତାରା, କବିତାର ନବ୍ୟଧାରା'ରେ ଓଡ଼ିଆ ସାହିତ୍ୟର କେତେ ଜଣ ନବ ପ୍ରତିଭାଙ୍କ କାବ୍ୟସ୍ୱର ସଂପର୍କରେ ଆଲୋକପାତ କରାଯାଇଛି। ସେଭଳି ସମରେନ୍ଦ୍ରନାଥ ମହାପାତ୍ରଙ୍କ 'ପଥର', ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କ 'ଦ୍ୱିପାକ୍ଷିକ', ଅଭୟ ଦାସଙ୍କ 'ଆହତ ଅକ୍ଷର', ସାବିତ୍ରୀ କବିଙ୍କ 'କିଏ ସିଏ ଆସିବ', ଈପ୍‌ସିତା ଷଡ଼ଙ୍ଗୀଙ୍କ 'ସବୁ କାହିଁକିର...?', ଡକ୍ଟର ମମତା ବାରିକଙ୍କ 'ତଅପୋଇର ଘର ସଂସାର', ଆଶିଷ କୁମାର ମିଶ୍ରଙ୍କ 'ମାଂସ ଭକ୍ଷଣ' ଆଦି କବିତାଗୁଡ଼ିକର ଅନ୍ତଃସ୍ୱର ମାର୍ମିକ ହୋଇଛି। ସେହିପରି ପ୍ରଦୋଷ ମିଶ୍ରଙ୍କ 'କାହାଣୀ ନୁହେଁ', ବିରଜା ରାଉତରାୟଙ୍କ 'ସରି ଆସୁଥିବା ଗପ', ଜ୍ଞାନରଞ୍ଜନ ନାୟକଙ୍କ 'ବାପା' ଆଦି ଗପଗୁଡ଼ିକର ହୃଦୟସ୍ପର୍ଶୀ ହୋଇଛି। 'ରେବତୀ'ର ଅନ୍ୟାନ୍ୟ ନିୟମିତ ବିଭାଗର ଲେଖାଗୁଡ଼ିକ ମଧ ମନଛୁଆଁ ହୋଇଛି। ■

ମୋନାଲିସା

ସଂପାଦିକା : ସଂଘମିତ୍ରା ସ୍ୱାଇଁ



ମୋନାଲିସା ସାହିତ୍ୟ ସଂସଦ
ମଧୁବନ, ପରାଦ୍ୱୀପ,
ଜଗତସିଂହପୁର
ମୂଲ୍ୟ: ୧୫୦ ଟଙ୍କା

ସଂଘମିତ୍ରା ସ୍ୱାଇଁଙ୍କ ସଂପାଦନାରେ ସୃଜନଶୀଳତାର ନୂତନ ପରିଭାଷା 'ମୋନାଲିସା'ର ତ୍ରୟୋଦଶ ସଂଖ୍ୟା ନବବର୍ଷ ୨୦୨୬ ପ୍ରକାଶ ପାଇଛି। ଏହି ସଂଖ୍ୟାରେ ଓଡ଼ିଶାର ବହୁ ବରିଷ୍ଠ ଓ ଯୁବ ଲେଖକଲେଖିକାଙ୍କ କବିତା, ଗଳ୍ପ, ପ୍ରବନ୍ଧ, ଅନୁବାଦ ଆଦି ଲେଖାରେ ସମୃଦ୍ଧ ହୋଇଛି। ଗପ ବିଭାଗରେ ବରିଷ୍ଠ କଥାକାର ତରୁଣକାନ୍ତି ମିଶ୍ରଙ୍କ 'ଛାୟାଘନ ପ୍ରାନ୍ତରର ସୀମା', ଗୌରହରି ଦାସଙ୍କ 'ଘର', ସଦାନନ୍ଦ ତ୍ରିପାଠୀଙ୍କ 'ସନ୍ତାନ', ବିଷ୍ଣୁ ସାହୁଙ୍କ 'ସୁନୟନା', ରବି ସ୍ୱାଇଁଙ୍କ 'ଜଗନାଥିଆ', ଅରବିନ୍ଦ ରାୟଙ୍କ 'ଉତ୍ତର ପୁରୁଷ', ରବି ପଣ୍ଡାଙ୍କ 'ଆଖି' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ପ୍ରତିଟି ଗପରେ ମାନବୀୟ ଭାବାବେଗ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି। ସେହିପରି ପ୍ରବନ୍ଧ ବିଭାଗରେ ଦାଶରଥି ଜେନାଙ୍କ 'ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ', ନିରାକାର ଦାସଙ୍କ 'ଏକମାତ୍ର ସାମ୍ୟବାଦ ହିଁ ବିଶ୍ୱକୁ ସୁରକ୍ଷିତ ରଖିପାରିବ', ରାଜୀବ ପାଣିଙ୍କ 'ଜୀବନ ଓ ସଙ୍ଗୀତ', ମଙ୍ଗୁଳି ଚରଣ ମଲ୍ଲିକଙ୍କ 'ସମକାଳୀନ ଓଡ଼ିଆ ଦଳିତ କବିତାରେ ସାମାଜିକ ଚେତନା' ପ୍ରଭୃତି ପ୍ରବନ୍ଧ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି। ସେଭଳି କବିତା ବିଭାଗରେ ବଂଶୀଧର ଷଡ଼ଙ୍ଗୀଙ୍କ 'ସିଏ ଆସିଗଲେ', ରଞ୍ଜିତା ନାୟକଙ୍କ 'ସନ୍ଦିଗ୍ଧ ମୃଗୟା', ପୀତାମ୍ବର ତରାଇଙ୍କ 'ଅସ୍ପୃଶ୍ୟ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। 'ମୋନାଲିସା'ର ପ୍ରତିଟି ଲେଖା ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

ଝୁରାଣ

ପୂରବୀ ଶତପଥୀ

ଆଜି ଯେଉଁ ଦର୍ପଣ ଆଗରେ ମୁଁ ନିଜକୁ ନିତି ଦେଖେ
ସେ ଦର୍ପଣ ଭଙ୍ଗା; ହଜାର ଶୂନ୍ୟତାର ପ୍ରତିବିମ୍ବରେ,

ତଥାପି ଯୋଉ ପାପୁଲିଏ ସୂର୍ଯ୍ୟର ଆଲୁଅ
ମୋ ଆଞ୍ଜୁଳିରେ ଭରି ତମକୁ ଢ଼ାଳି ଦିଏ,
ସେଠି ଆଶାର ବୁନ୍ଦାଏ ବି ପାଣି
ଅଛି କି ନା ଜାଣେନା!

ତମକୁ ଦେଖେଇ ପାରୁନି ମୋ ଝୁରାଣ
ହୁଏତ ତାର ଆଭାସ ତୁମଠି ନଥାଇ ବି ପାରେ,
ଯୋଉ ତରଙ୍ଗରେ ଲେଖା ଥିଲା ତୁମ ନାଆଁ ମନ୍ତ୍ର ଭଳି
ଯୋଉ ଢେଉ ଡେଇଁ ପଡୁଥିଲା
ଛୁଇଁଦେଇ ମୋ ପାଦ ଛୁଇଁବାକୁ ତମ ଓଠ
ସେ ଏବେ କୁଆଡ଼େ ମୋ ଆଖିତଳେ; କୋହର ଘର କରିଛି!

ମୁଁ ତୁମକୁ ଭଲପାଏ ପ୍ରିୟ;
ଭଲପାଏ ବୋଲିତ ଆମେ ମିଶି ଯୋଉ ବାଲିଘର କରିଥିଲେ
ସେ ବାଲିର ରେଣୁରେ ରେଣୁରେ ଛାଡ଼ି ଆସିଚି
ମୋ' ନାଆଁର ଅସୁମାରୀ ପ୍ରତିଧ୍ୱନି

ତମେ ଦିନେ ଯଦି ପୁଣି ସମୁଦ୍ରକୂଳରେ
ଆଞ୍ଜୁଳିରେ ଟେକି ଧର ମୁଠାଏ ବାଲି ତର୍ପଣ ମୁଦ୍ରାରେ;

କେଜାଣି ନକ୍ଷତ୍ରଟିଏ ହୋଇ ତମ ପାପୁଲିରେ ମୁଁ
ପହଞ୍ଚିବି ନା ନାହିଁ!
କେଜାଣି ତମେ ସେଦିନ କୋଉ ସାମୁଦ୍ରିକ ସଂଗୀତ ଗାଉଥିବ;
ମୁଁ ସମୁଦ୍ରେଇ ଯାଉଥିବି ନା ନାହିଁ!
କେଜାଣି ଆମ ଝୁରା-ଗୀତ
ଭଲ ପାଇବାର ଆୟୁଷ ବଢ଼ଉଥିବ ନା ନାହିଁ! ■

ରାସୋଳ, ଢେଙ୍କାନାଳ
ମୋ: ୮୮୪୭୮୨୫୬୮୮



ହୁଏତ

ସୂର୍ଯ୍ୟସ୍ନାତ ତ୍ରିପାଠୀ



ହୁଏତ,
ଦିନେ ବୁଡ଼ିଯାଉଥିବି ଯେଉଁଠି,
ଠିକ୍ ସେଇଠି ହିଁ ଭାସୁଥିବ
ସଂସାରର ଶେଷ କୁଟାଖିଅ...

ହୁଏତ,
ଦିନେ ଭୋକିଲା ମଣିଷମାନଙ୍କୁ
ଯାଚିଦେଲା ବେଳକୁ ହାଡ଼ ମାଂସ ମୋର,
ଆହୁରି ଆହୁରି ଭୋକ ମାଡ଼ିବସୁଥିବ
ଏ ପୃଥିବୀକୁ !

ହୁଏତ,
ମୋ ରକ୍ତରେ ମୁହଁ ଧୋଇ
ଫେରିଯିବାର ବହୁ ବର୍ଷ ପରେ,
ଶୋଷରେ ଆତୁର ହେଇ
ଜୋକସବୁ ପୁଣି ଲେଉଟିଆସିବେ
ଅଗଣାକୁ ମୋର...

ହୁଏତ,
ଘୃଣାର ହାତ ଧରି ଦୀର୍ଘ ବାଟ
ଚାଲିଆସିବା ପରେ, ହଠାତ୍ ଦିନେ
ଭେଟହେବ ତୁମ ସହ ରକ୍ତନଦୀ ତୀରେ,
ଓ ସଂସାରର ସବୁଠୁ ନିରୀହ ଆଖି ଦୁଇଟି
ମତେ ଲଜ୍ଜିତ କରିବେ କ୍ଷମା
ଯାଚିଦେଇ...

ହୁଏତ,
ନିଃସହାୟ ମଣିଷଙ୍କ ଲୁହପଖଳା
ଶବ୍ଦ ସବୁ ଦିନେ ଅଚାନକ ମନ୍ତ୍ର ପାଲଟିଯିବେ,
ମଣିଷର ଲୁହ ପୋଛିବାକୁ ମଣିଷର ହାତ
ନିଃସଙ୍କୋଚ ଲମ୍ବିଆସିବ, କାହାରି
କଟା ଘା' ଉପରେ ଲୁଣ ଭଳି ଖସି ପଡ଼ିବନି
କଟାକ୍ଷ କାହାରି ଓ ଅଗଣିତ ପ୍ରେମପକ୍ଷୀ
ଉଡ଼ି ଯିବେ ହସି ହସି ସାତରଙ୍ଗୀ
ଦିଗନ୍ତ ଆଡ଼କୁ...

ହୁଏତ,
ହୁଏତ,
ହୁଏତ !!! ■

ସିଦ୍ଧେଶ୍ୱରପୁର, କଟକ

ମୁଁ କାହିଁକି ଲେଖେ

"ମାନବବାଦର ଅଭ୍ୟୁଦୟ ପାଇଁ ମୁଁ ଲେଖେ"

ପିନାକୀ ମିଶ୍ର

ଜୀବନ ହେଉଛି ଗୋଟେ ଭାବନାର କାଠବାକ୍ସ, କେତେ ସ୍ମୃତିସବୁ ସାଇତି ରଖା ହୋଇଥାଏ। କେତେ ନୂଆ ସ୍ମୃତି ଆସି ମିଶୁଥାଏ, ତାକୁ କେତେ ପୋଛା କେଡ଼େ ଯତ୍ନ, ମନର ପୂରିଲା ମହୁଘର ଏ ସ୍ମୃତି ସିନ୍ଦୁକ। ବୟସ ନଇ ଯେତେ ଆଗକୁ ବଢ଼ିଚାଲେ କିଛି ସ୍ମୃତି କର୍ପୂର ପରି ଉଡ଼ିଯାଏ ବାକ୍ସରୁ। ଛାତି ଭିତରେ ରଗରଗ ରୁନ୍ଧିହୁଏ ସୂକ୍ଷ୍ମ ଅନୁଭୂତି, ମନରେ ଢେଉ ଖେଳେ କଳ୍ପନା। ଉଠେ ଅମାପ ଆବେଗ, ତାକୁ ବେଶୀ ସମୟ ଛାତିରେ ଚାପି ରଖିହୁଏନା। ଭାବନାକୁ ପାପୁଲିରେ ଧରି ମୁଁ ଶବ୍ଦବ୍ରହ୍ମଙ୍କୁ କୋଟି ଅନୁନୟ ହୁଏ। ଉପରୁ ଓହ୍ଲେଇ ଆସେ ଭାଗବତ କରୁଣା। ଧୀରେଧୀରେ ମୁଁ ପଶେ ସମ୍ବେଦ ସାହିତ୍ୟ ଭିତରକୁ। କେତେ କ୍ଷତ, କେତେ ଯନ୍ତ୍ରଣା ଭୋଗ, ସବୁଥାଇ କେତେ ଶୂନ୍ୟତା, ଚାଲୁଚାଲୁ ଅଲକ୍ଷ୍ୟରେ ଦୀର୍ଘବାଟ ଅତିକ୍ରମ କରି ମୁଁ ପହଞ୍ଚି ଯାଇଥାଏ କବିତା ତୀର୍ଥରେ। କବିତା ଛନ୍ଦରେ ମୋତେ କିଏ ଛନ୍ଦି ଦେଉଛି, ସିଏ କି ମୋତେ ଏ ମଳିନ ଆଖିରେ କେବେ ଦିଶିବ (?), ସେ କାଳେ ଆଖି ମୁଦିଲେ ଦିଶେ, ହେଲେ ମୁଁ ତ ସେମିତି ତା'ର ନିକଟତର ହୋଇପାରିନି। ମୁଁ କବିତାମାୟାରେ ପଶେ, ପଢୁଛି ଲେଖୁଛି ଅନେକଦିନରୁ।

ଏଇଥିପାଇଁ ଯେ, ଏ ସମୟ ମୋ ପାଇଁ ଅମୃତକାଳ, ପ୍ରେମପାର୍ବଣର, ଅକପଟ ଶ୍ରଦ୍ଧାର ଅସଲବେଳ, ନିଜକୁ ଆନହିତରେ ସମର୍ପଣ ନକଲେ ସିଏକି ଜୀବନ ? ଅଥଚ ହାତଗଢ଼ା ଅନର୍ଥରେ ଆଜିର ସମୟକୁ ବିଷାକ୍ତ କରୁଛି ଅବାଧ ମଣିଷ। କୋଉଠି ଖାଦ୍ୟ ଭରପୂର ଅଛି ଅଥଚ ଖାଇବାକୁ ପେଟ ନାହିଁ ତ କୋଉଠି ରାତି ଖାଙ୍କର ପେଟର କୁହାଟ ଶୁଭୁଛି। ଭୋକ ଅସହ୍ୟ, ଚୁଲୀ ଜଳୁନି ରାତିରେ, କି ଦାରିଦ୍ର୍ୟର କରୁଣଚିତ୍ର ମୋ' ଦେଶର ବଣମୁଲକରେ !! ମୋ ଘର, ଗାଁ ସହର, ମୋ'ଦେଶ ଆଗଉଛି ପରା, ତା' ହେଲେ ଅନାବିଳ ପ୍ରେମ, ମୂଲ୍ୟବୋଧ, ମାଟିପ୍ରୀତି, ପରୋପକାର କାହିଁ ଦେଖିବାକୁ ତ ପାଉନି ?

ସୂର୍ଯ୍ୟ ଦେବତା ଆଲୋକ ଦେଲେ, ମାଟି ଆହାର ବାସ ଦେଲା ଅଥଚ ହଳେଆଖି ମାତିଲା ବାସନାରେ, ଜଙ୍ଗଲ ପଦାହେଲା ଲୋଭରେ, ଜମି ହଡ଼ପ ହେଲା ବାହୁବଳରେ। ମଣିଷ ଦେବଅଂଶୀ ଅଥଚ ଜଣେ ଅଧେ ଜାନ୍ତବକ୍ଷୁଧାରେ ବର୍ବର, ନିଇତି କଳଙ୍କ ଘଟଣା ଘଟି ଚାଲିଛି ସମାଜରେ। ପ୍ରେମ ଆଜି ବଜାର ସଉଦା, ଏତେ କ୍ରୋଧ ଏତେ ହତ୍ୟା ଦିନକୁ ଦିନ ବଢୁଛି କାହିଁକି ? ଆବଶ୍ୟକତା ଅଳ୍ପ ହେଲେ ଚଳନ୍ତାନି। ନାରୀ ଡରିଡରି ଜିଉଁଛି ଘରେ ବାହାରେ, ନୀରିହ ପୁରୁଷଟି ସରଳ ହୋଇ ବି ପାଉଛି ନିର୍ଯାତନା। ଇତିହାସ ମ୍ରିୟମାଣ, ବର୍ତ୍ତମାନ ମ୍ଳାନମଉନ, ଭବିଷ୍ୟତ କେହି କାହା ପାଖରେ ବସୁ ନଥିବା ଏକ ଧୂଳିଧୂସର ମାଟିପିଣ୍ଡା।

ମୁଁ ଲେଖୁଛି - ମାଟି ସହ ମଣିଷର ସଂପର୍କ ଏଥର ଫେରିଆସୁ, ପରମାତ୍ମାଙ୍କ ସହ ଆତ୍ମାର ସମ୍ପର୍କ ଦୃଢ଼ ହେଉ, ହୃଦୟ ରସସିକ୍ତ ହେଉ, ନିଃସର୍ତ୍ତ ବନ୍ଧୁତାର ଭାବ ରହୁ, ସେବା ଜୀବନର ବ୍ରତହେଉ, ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧତା ରହୁ। ଆଶା ତ ସଂଜିବନୀ - ଥାଉ ଛାତିରେ, ଦୁଃଖ ଆସୁ, ସମୟର ପ୍ରହାର ପଡୁ ପିଠିରେ, ମୋତେ ସରଳ ହେବାକୁ ପଡ଼ିବ। ଜଡ଼ବସ୍ତୁ ଭିତରର ପ୍ରାଣସତ୍ତାକୁ ଯେମିତି ହେଲେ ଖୋଜି କାଢ଼ିବାକୁ ପଡ଼ିବ। ମୁଁ ଆଗ୍ରହୀ, ଅନୁରାଗ ପ୍ରଣୟଛନ୍ଦ କବିତା ରୋମାଞ୍ଚିତ କରୁ ଶ୍ରମକ୍ଳାନ୍ତ ହୃଦୟକୁ। ଜନ୍ମମାଟି ମୋର ଆଦ୍ୟ ବନ୍ଦିତା, ତା' ଯଶବିଭବ ଗୀତ ମୁଁ ଗାଇବିନି ତ ଆଉ କିଏ ଗାଇବ ? ମୋ ଛାତିରେ ଗଭୀର ଭକ୍ତିରସର ଉଚ୍ଛ୍ୱାସ, ଦେବୀର ପାଦବେଢ଼ା ସଜଳାଗି ମୁଁ ପ୍ରସ୍ତୁତ। କବିତା ମୋର ଦିଅଁଙ୍କୁ କାଢ଼ିଆଣୁ ଗମ୍ଭିରାର ବନ୍ଦୀଘରୁ। ସେ ବନସ୍ତଦେବତା, ବଣଫଳ ପ୍ରିୟ, ସେ ବଡ଼ଦାଣ୍ଡ ଦିଅଁ, ଗହଳଚହଳରେ ଠିଆନାଚ ତାଙ୍କର ପ୍ରିୟ, ସେ ନିଜେ ହାତବଢ଼େଇ ନଡ଼ିଆ ନେବେ, ବାଇଗଣ ବାଡ଼ିରେ ପଶି ଗୀତଗୋବିନ୍ଦ ଶୁଣିବେ। ମୁଁ ବିଶ୍ୱାବସୁର ଦାୟାଦ, ମୋ ଆଦିମ ଭାଷା ହିଁ ତା' ଲାଗି ମନ୍ତ୍ର, ଲୁହଛଳ କବିତାରେ ଆବାହନ କରିବି ଭାବରଠାକୁରଙ୍କୁ, ଦେଉଳରେ ଘୁମୁରୁ ଥିବ ମନପାରା, ଏମିତି ସୁଖଭାଗ୍ୟକୁ କାହିଁକି ହାତଛଡ଼ା କରିବି ?

କିଏ ଦେଲା ଏ ଭାବ? ନଈ ନା ପବନ ନା ଶୂନ୍ୟ କିଏ ଛନ୍ଦାୟିତ କରୁଛି ମୋ ଅନ୍ତରକୁ? ସାହିତ୍ୟ ଅଛି ବୋଲି ମୁଁ ନିଦାଘରେ ବି ଅନୁଭବ କରୁଛି ବଉଳ ଛାଇର ପରଶ। ମୁଁ ପ୍ରଣୟସିକ୍ତ, ଗୋପଗାଁ ଅବୋଧ ବାଳୁତ। କେମିତି ଆସିଲେ ଏଇ ମୋ କ୍ଷୁଦ୍ର କୁଟୀରକୁ ଶବ୍ଦବ୍ରହ୍ମ, କବିତାଜନନୀ? କିଏ ଦେଲା ଏ ଲଳିତ ଇଙ୍ଗିତ କବିତା ସର୍ଜନା ଲାଗି ? କେମିତି ପାଇଲି ସେ ଲଳିତ ଲବଙ୍ଗ ସନ୍ଧାନ, ସବୁ ନୀଳକାନ୍ତ ନୀଳଶୂନ୍ୟ ପରମ ପ୍ରିୟତମଙ୍କର କଳାର ବିଭୂତି। ଏ ଦୁର୍ଲଭ ଯୋଗ ଏ ଜନ୍ମରେ ପାଇଛି, ହାତଛଡ଼ା ହେବାକୁ ଦେବିନି। ଶ୍ରଦ୍ଧା ଓ ପ୍ରଜ୍ଞା ମୋ ହୃଦୟର ଭାବନାକୁ ମହକ ଦେଉଛି। ସେତେବେଳେ ମୁଁ ଲେଖେ ମାନବବାଦର ଅଭ୍ୟୁଦୟ ଲାଗି ନବ ନବ ଚେତନାର ଲଳିତ ସର୍ଜନା। ଗୋଟେ ହାତଆଉଁସା ପାଉଛି, ମଧୁମୟଙ୍କ ନିର୍ଦ୍ଦେଶ ମୋ ପାଇଁ।

କବିତାକୁ ପ୍ରାଣ ପୂରିଲା ଆବାହନ କରୁଛି ମୁଁ, ଦୁଃଖଶୋକର ପୃଥିବୀରେ କବିତା ହିଁ ସାନ୍ତ୍ୱନା, ମୋତେ ସେ ପାଖକୁ ଡାକି ଠା ଦେଉଛି, ବଡ଼କଥା। ସାହିତ୍ୟ ସବୁ ନିନ୍ଦା ବିବାଦର ଊର୍ଦ୍ଧ୍ୱରେ। ଲୁହ ଆଉ କବିତା କେଡ଼େ ଆତ୍ମୀୟ ସତେ, ଭାଗବତ, ଲକ୍ଷ୍ମୀପୁରାଣ, ମନବୋଧ ଚଉତିଶା, ଟୀକା ଗୋବିନ୍ଦଚନ୍ଦ୍ର, ପ୍ରାଣୀଙ୍କ ଆରତ, ମିଶୁ ମୋର ଦେହ ଏସବୁ ମୋ ଭାବଘରକୁ ଦେଉଳ କରିଛି, ଏସବୁ ତ ଚାଲିଛି ବାଲ୍ମୀକିଙ୍କର ଆଦ୍ୟପର୍ବରୁ। ■

'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ ରୋଡ୍, କେନ୍ଦୁଝର
ମୋ ୯୪୩୮୧୧୮୩୯୭

ଆଷାଢ଼

ସଂପାଦକ : ପୀତାମ୍ବର ମହାପାତ୍ର



ଆନନ୍ଦ ବଜାର, ହନୁମନ୍ତ ବ୍ରହ୍ମପୁର
ଜଗତସିଂହପୁର-୭୫୪୧୧୧
ମୂଲ୍ୟ: ୧୦୦ ଟଙ୍କା

ଆଷାଢ଼ ସାହିତ୍ୟ ସଂସଦ ପକ୍ଷରୁ ପୀତାମ୍ବର ମହାପାତ୍ରଙ୍କ ସଂପାଦିତ 'ଆଷାଢ଼' ପତ୍ରିକା ପ୍ରକାଶ ପାଇଛି। 'ଆଷାଢ଼'ର ଏହି ସଂଖ୍ୟାରେ ପ୍ରବନ୍ଧ, ଗପ, ଗୀତି କବିତା, ଛନ୍ଦ କବିତା, ପୁସ୍ତକ ସମୀକ୍ଷା ଆଦି ପ୍ରକାଶିତ ହୋଇଛି। ଡ. ପ୍ରଭାକର ପଣ୍ଡାଙ୍କ 'ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା', ଡ. ଶ୍ରୀଚରଣ ଦାସଙ୍କ 'କାପୁରୁଷ', କିଶୋର ଚନ୍ଦ୍ର ମହାନ୍ତିଙ୍କ 'ଦିବ୍ୟ ଜ୍ଞାନ', ଦୁର୍ଗାପ୍ରସାଦ ଆଚାର୍ଯ୍ୟଙ୍କ 'ଶ୍ରୀଜଗନ୍ନାଥଙ୍କ ଚକାଡୋଳା ଓ କୃତ୍ରିମ ଉପଗ୍ରହ 'ନାଇସାର', ଜୟରାମ ସାହୁଙ୍କ 'ରହସ୍ୟମୟ ଶ୍ରୀଜଗନ୍ନାଥ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ଚିନ୍ତନମୂଳକ ହୋଇଛି। ସେହିପରି ନନ୍ଦକିଶୋର ସିଂହଙ୍କ 'ଇୟେ କି ଉଚ୍ଛ୍ୱାସ', ବାବାଜୀ ଚରଣ ଜେନାଙ୍କ 'ଜହ୍ନ ବି ଲାଜେଇ ଗଲା', ଡକ୍ଟର ତୋଫାନ ଜେନାଙ୍କ 'ମତେ ଭଲ ମୋ ଗାଁ', ସୁରଞ୍ଜନ ପାତ୍ରଙ୍କ 'ନିଆଁରେ ଜଳୁଛି ମାଟି', ଡକ୍ଟର ସଙ୍ଗୀତା ପଣ୍ଡାଙ୍କ 'ପାଉଁଶ ଗଦାର ନିଆଁ' ଆଦି ଗୀତି କବିତାଗୁଡ଼ିକ ଭାବ,ଭାଷା ଦୃଷ୍ଟିରୁ ବୋଧଗମ୍ୟ ଓ ମାର୍ମିକ ହୋଇଛି। ସେଭଳି ଚନ୍ଦ୍ରଧର ରାଉତଙ୍କ 'ପରଦା ପଛର ଆଢୁଆଳେ', ଚିନ୍ମୟୀ ନନ୍ଦଙ୍କ 'ସ୍ୱପ୍ନ', ଲକ୍ଷ୍ମୀପ୍ରିୟା ଓଝାଙ୍କ 'ଜଡ଼ାଟା' ଆଦି ଗପଗୁଡ଼ିକରେ ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି। ସେହିପରି କୃଷ୍ଣ କୁମାର ମହାନ୍ତି, ସ୍ନିଗ୍ଧା ନାୟକ, ସଞ୍ଜିତ କୁମାର ବଳ, ଡକ୍ଟର ବନପ୍ରଭା ପରିଡ଼ା, ହରିଶ୍ଚନ୍ଦ୍ର ବେହେରା ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। 'ଆଷାଢ଼' ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

ବିଜେଡିର ପ୍ରଶ୍ନ ବିଶ୍ୱ ବ୍ୟାଙ୍କରୁ ଋଣ କରିବାକୁ ଚାହୁଁଛନ୍ତି କି ରାଜ୍ୟ ସରକାର

ଭୁବନେଶ୍ୱର,୩୧।୧(ସମିସ): ନିକଟରେ ବିଶ୍ୱ ବ୍ୟାଙ୍କ ସମୂହ ସଭାପତି ଓ ତାଙ୍କ ଟିମ୍ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ହୋଇଥିବା ବୈଠକକୁ ନେଇ ପ୍ରଶ୍ନ ଉଠାଇଛି

- ୧୮ ମାସରେ ୯୧,୦୦୦ କୋଟି ଟଙ୍କା ଋଣ କଲେଣି
- ଖୋଲା ବଜାରରୁ ଚଢ଼ା ସୁଧରେ ୩୮ ପ୍ରତିଶତ ଋଣ
- ୯୦ ଦଶକର ଶେଷ ଭାଗ ସ୍ଥିତିର ପୁନରାବୃତ୍ତି ଆଶଙ୍କା

ବିଜୁ ଜନତା ଦଳ। ଏହି ବୈଠକ କେବଳ ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଓ ପ୍ରଗତି ସମ୍ବନ୍ଧରେ ଔପଚାରିକ ଆଲୋଚନା ନା ବିଶ୍ୱ ବ୍ୟାଙ୍କରୁ ଓଡ଼ିଶା ଋଣ କରିବା ଏହାର ଉଦ୍ଦେଶ୍ୟ, ତାହା ସ୍ପଷ୍ଟ ହେବାର ଆବଶ୍ୟକତା ରହିଛି। ରାଜ୍ୟର ଅର୍ଥ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବାବେଳେ, ରାଜ୍ୟବାସୀଙ୍କ ଆଗରେ ସେ ଏହାର ସ୍ପଷ୍ଟୀକରଣ ରଖିବା ଉଚିତ ବୋଲି ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି ମତବ୍ୟକ୍ତ କରିଛନ୍ତି।

ସେ କହିଛନ୍ତି ଯେ ରାଜ୍ୟର ବିତ୍ତୀୟ ନିଅଣ୍ଟ ୧.୭ରୁ ୩.୫ରେ ପହଞ୍ଚିଛି, ଯାହା ଏଫ୍‌ଆର୍‌ବିଏମ୍ ନିୟମକୁ ଉଲ୍ଲଂଘନ କରୁଛି। ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବା ପରେ ଦୁଇଟି ବଜେଟରେ ୯୧,୦୦୦ କୋଟି ଟଙ୍କା ଋଣ କରିଥିବା ବେଳେ ଏଥିରୁ ପ୍ରାୟ ୩୮ ପ୍ରତିଶତ ଖୋଲା ବଜାରରୁ ନିଆଯାଇଛି। ଖୋଲା ବଜାରରୁ ଋଣ ନିଆଯାଉଛି ବୋଲି ବିଶ୍ୱ ବ୍ୟାଙ୍କ ସମ୍ମୁଖରେ ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି କି ନାହିଁ ସେନେଇ ସନ୍ଦେହ ରହିଛି। ଗତ ୧୮ ମାସରେ ରାଜ୍ୟର ଆର୍ଥିକ ସ୍ଥିତି ଦୁର୍ବଳ ହେଉଥିବା ବେଳେ ରାଜ୍ୟ ସରକାର ବିଶ୍ୱ ବ୍ୟାଙ୍କରୁ ଋଣ ନେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ରାଜ୍ୟର ଆର୍ଥିକ ସ୍ଥିତି ବିଗୁଡୁଥିବାବେଳେ ସ୍ୱାଭାବିକ ଭାବେ ରାଜ୍ୟବାସୀଙ୍କ ମନରେ ଅନେକ ପ୍ରଶ୍ନ ଉଠୁଛି। ନବେ ଦଶକର ଶେଷ ବେଳକୁ ଓଡ଼ିଶାର ଆର୍ଥିକ ସ୍ଥିତି ଯେପରି ଦୟନୀୟ ଥିଲା, ବିଜେପି ଶାସନରେ ତାହାର ପୁନରାବୃତ୍ତି ହେବ ନାହିଁ ତ ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି।

ଜନଶୁଣାଣି ପୂର୍ବରୁ ଡ୍ରମ୍ ବଜାଇ ଘୋଷଣା କରିବା ଜରୁରୀ ନୁହେଁ :ହାଇକୋର୍ଟ

କଟକ,୩୧।୧(ସମିସ): ପରିବେଶ ମଞ୍ଜୁରୀ ସଂପର୍କିତ ଜନଶୁଣାଣି ତାରିଖ ସଂପର୍କରେ ସ୍ଥାନୀୟ ଲୋକଙ୍କୁ ଜଣାଇବା ପାଇଁ ପାରମ୍ପରିକ ଭାବେ ଡ୍ରମ୍ ବଜାଇ ଘୋଷଣା କରାଯିବା ଜରୁରୀ ନୁହେଁ। ଏପରିକି, ଜନଶୁଣାଣି ସୂଚନାକୁ ପଞ୍ଚାୟତ କାର୍ଯ୍ୟାଳୟରେ ଲଗାଇବା ମଧ୍ୟ ଆବଶ୍ୟକ ନୁହେଁ। କିନ୍ତୁ, ନିୟମ ଅନୁସାରେ ଜନଶୁଣାଣି ସଂପର୍କିତ ସୂଚନା ଜାତୀୟ ଓ ଆଞ୍ଚଳିକ ଭାଷାର ସମ୍ବାଦପତ୍ରରେ ପ୍ରକାଶ କରାଯିବା ଉଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରସନ୍ନଜିତ ନାୟକ ଓ ଅନ୍ୟମାନଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଜନଶୁଣାଣିପାଇଁ ଡ୍ରମବଜାଇଘୋଷଣାକରାନଯିବା ଓ ପଞ୍ଚାୟତ କାର୍ଯ୍ୟାଳୟରେ ସୂଚନା ଲଗା ନଯିବା କାରଣରୁ ଜନ ଶୁଣାଣିକୁ ରଦ୍ଦ ପାଇଁ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ଯାଜପୁର ଜିଲ୍ଲା ଦାନଗଦିଠାରେ ଏକ ପ୍ରକଳ୍ପ ପାଇଁ ୨୦୨୫ ମେ' ୨୮ରେ ଅନୁଷ୍ଠିତ ହୋଇଥିବା ଜନଶୁଣାଣି ପାଇଁ ନୋଟିସ ଦିଆଯାଇନଥିଲା। ଏଥିସହ ଜନ ପଞ୍ଚାୟତ କାର୍ଯ୍ୟାଳୟର ପ୍ରମୁଖ ସ୍ଥାନରେ ଜନ ଶୁଣାଣି ନୋଟିସ ଲଗାଯାଇ ନଥିଲା କି ଡ୍ରମ ବଜାଇ ଜନସାଧାରଣଙ୍କ ପାଇଁ ଘୋଷଣା ହୋଇ ନଥିଲା। ତେଣୁ ଏପରି ଜନଶୁଣାଣି ଆଇନ ଅନୁସାରେ ହୋଇନଥିବା ଦର୍ଶାଇ ଏହାକୁ ରଦ୍ଦ କରିବା ସହ ସାନି ଜନ ଶୁଣାଣି ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଦର୍ଶାଇ ଏହି ମାମଲା ଦାୟର ହୋଇଥିଲା।

ଅନ୍ୟପକ୍ଷରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁସାରେ ଜନ ଶୁଣାଣି ସଂପର୍କିତ ସୂଚନା ବିଜ୍ଞାପନ ମାଧ୍ୟମରେ ଜାତୀୟ ଓ ଆଞ୍ଚଳିକ ସ୍ଥାନୀୟ ଭାଷାର ଖବର କାଗଜରେ ପ୍ରକାଶ ପାଇବ ଓ ଜନସାଧାରଣଙ୍କ ଜବାବ ରଖିବାକୁ ସର୍ବନିମ୍ନ ୩୦ ଦିନ ସମୟ ପ୍ରଦାନ କରାଯିବ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଡ୍ରମ୍ ବଜାଇ ସୂଚନା ଦେବା ବା ପଞ୍ଚାୟତ କାର୍ଯ୍ୟାଳୟରେ ନୋଟିସ ଲଗାଇବା ଭଳି ବ୍ୟବସ୍ଥା ବାଧ୍ୟତାମୂଳକ ନଥିବା ଶୁଣାଣି ବେଳେ ଜଣା ପଡ଼ିଥିଲା। ସମ୍ବାଦପତ୍ରରେ ନୋଟିସ ପ୍ରକାଶ କରାଯାଇ ଜନ ଶୁଣାଣି ହୋଇଥିବାରୁ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିବା ସହିତ ଆବେଦନକୁ ଖାରଜ କରିଛନ୍ତି।

ନଳିନୀ ବିଦ୍ୟାମନ୍ଦିରରେ ଝାଡ଼ାବାନ୍ତି: ୪୦ ଆକ୍ରାନ୍ତ, ଛାତ୍ରୀ ମୃତ

ବିଷମ କଟକ,୩୧।୧(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ୍ ଅନ୍ତର୍ଗତ ଚାଟିକଣା ପଞ୍ଚାୟତ ଅଧୀନରେ ଥିବା ବାରିଗୁଡା ନଳିନୀ ବିଦ୍ୟା ମନ୍ଦିର ହଷ୍ଟେଲରେ ଏବେ ଝାଡାବାନ୍ତିର ଆତଙ୍କ ଦେଖା ଦେଇଛି। ଝାଡାବାନ୍ତି ଆକ୍ରାନ୍ତରେ ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦ ରୁ ଊର୍ଦ୍ଧ୍ୱ ଛାତ୍ରୀ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେଥିରୁ ଦଶମ ଶ୍ରେଣୀର ବିନ୍ଦୁ ହିକାବାଡ଼ି ଓ ତୃତୀୟ ଶ୍ରେଣୀର ଛାତ୍ରୀ ଅଞ୍ଜଳି ହିକକା ଗୁରୁତର ଥିବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ସମସ୍ତ ଆକ୍ରାନ୍ତଙ୍କୁ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ମେଡିକେଲରେ ସମସ୍ତ ଛାତ୍ରୀଙ୍କ ଚିକିତ୍ସା କରାଯାଉଥିବାବେଳେ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ରୀ ଲଗ୍ନା ଉର୍ଲାକାଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପରିବାର ନିଜ ଘରକୁ ନେଇଥିବା ବେଳେ ଘରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଜଣାଇଛନ୍ତି। ମୃତ ଛାତ୍ରୀ ଜଣଙ୍କ ଘର ଭାତପୁର ପଞ୍ଚାୟତ କନଡି ଗ୍ରାମର ରାଜେନ୍ଦ୍ର ଉର୍ଲାକାଙ୍କ ଝିଅ ବୋଲି ଜଣାପଡିଛି। ବର୍ତ୍ତମାନ ଏହି ବିଦ୍ୟାଳୟରେ ଅସୁସ୍ଥଙ୍କ ସଂଖ୍ୟା ଧିରେ ଧିରେ ଅଣାୟତ୍ତ ହେବାର ଲାଗିଥିବାବେଳେ ଦୁଇଜଣ ଛାତ୍ରୀଙ୍କୁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

ସରକାରୀ ପଦରେ ଚୁକ୍ତିଭିତ୍ତିକ ଓ କେବଳ ସାକ୍ଷାତକାରଭିତ୍ତିକ ନିଯୁକ୍ତି ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

କଟକ, ୩୧।୧(ସମିସ): ରାଜ୍ୟରେ ହଜାରହଜାର ସରକାରୀ ପଦ ଦୀର୍ଘ ଦିନ ଧରି ଖାଲି ପଡ଼ୁଥିବାରୁ ହାଇକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏହି ପଦଗୁଡ଼ିକରେ ସମୟାନୁସାରେ ନିଯୁକ୍ତି ଦିଆନଯିବାରୁ ଅନେକ ଯୋଗ୍ୟ ପ୍ରାର୍ଥୀ ବୟସ ଗଡ଼ିଯିବା ଯୋଗୁଁ ସୁଯୋଗ ହରାଉଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ହାଇକୋର୍ଟ। ତେଣୁ ସରକାର ଓ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ତୁରନ୍ତ ଖାଲି ପଦଗୁଡ଼ିକୁ ନିୟମିତ ପ୍ରକ୍ରିୟାରେ ପୂରଣ କରନ୍ତୁ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏବଂ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଶିବାଙ୍ଗୀ ମାହାତୋଙ୍କ ଆବେଦନକୁ ଖାରଜ କରିବା ସହ ଏପରି ରାୟ ପ୍ରଦାନ କରିଛନ୍ତି।

ସରକାରୀ ଚାକିରି କ୍ଷେତ୍ରରେ ଚୁକ୍ତିଭିତ୍ତିକ ନିଯୁକ୍ତି ଏବଂ କେବଳ ସାକ୍ଷାତକାର (ୱାକ୍-ଇନ୍-ଇଣ୍ଟରଭ୍ୟୁ) ମାଧ୍ୟମରେ ଚୟନ ପ୍ରକ୍ରିୟାକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସାଧାରଣ ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ଓ ନିୟମିତ ପ୍ରକ୍ରିୟା ଅପରିହାର୍ଯ୍ୟ। ଯେଉଁଠାରେ ନିୟମିତ ନିଯୁକ୍ତି ପାଇଁ ବିଧିବଦ୍ଧ ନିୟମ ରହିଛି, ସେଠାରେ ଚୁକ୍ତିଭିତ୍ତିକ ପ୍ରକ୍ରିୟା ଆପଣାଇବା ଅନୁଚିତ ବୋଲି ହାଇକୋର୍ଟ କହିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ଓପିଏସ୍‌ସି ସଚିବଙ୍କୁ ଏହି ରାୟର ନକଲ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ସହକାରୀ ପ୍ରଫେସର୍ (ନିଶ୍ଚେତକ) ପଦବୀ ପାଇଁ ଆବେଦନକାରୀ, ୨୦୨୪ ମେ' ୮ରେ ପ୍ରକାଶିତ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ବିଜ୍ଞାପନ ଆଧାରରେ ଚୟନ ତାଲିକାର ଚତୁର୍ଥ ସ୍ଥାନରେ ଥିଲେ। ଚୟନ ହୋଇଥିବା ୨ଜଣ ପ୍ରାର୍ଥୀ ଯୋଗ ନ ଦେବାରୁ ବଳକା ପଦବୀରେ ତାଙ୍କୁ ନିଯୁକ୍ତି ଦେବା ପାଇଁ ସେ ଦାବି କରିଥିଲେ। ମାତ୍ର କର୍ତ୍ତୃପକ୍ଷ ଏହାର ବିଚାର ନକରି ୨୦୨୪ ନଭେମ୍ବର ୫ରେ ସରକାର ସାନି ନୂତନ ନିଯୁକ୍ତି ବିଜ୍ଞପ୍ତି ଜାରି କରିବାରୁ ସେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଣିକିଆ ବିଚାରପତି ତାଙ୍କ ଆବେଦନକୁ ଖାରଜ କରିବାରୁ ସେ ଦୁଇ ଜଣିଆ ଖଣ୍ଡପୀଠରେ ମାମଲା ରୁଜୁ କରିଥିଲେ। ଏମ୍‌କେସିଜି ମେଡିକାଲରେ ସହକାରୀ ପ୍ରଫେସର୍ ପଦ ପାଇଁ ଆବେଦନକାରୀ କେବଳ ସାକ୍ଷତକାର ବା ୱାକ୍ ଇନ୍ ଇଣ୍ଟରଭିୟୁରେ ଅଂଶଗ୍ରହଣ କରିଥିବା ସ୍ପଷ୍ଟ ହୋଇଥିଲା। କେବଳ ୱାକ୍-ଇନ୍-ଇଣ୍ଟରଭ୍ୟୁ ମାଧ୍ୟମରେ ଯୋଗ୍ୟତା ମାପିବା ଠିକ୍ ନୁହେଁ। ଏହା ଦ୍ୱାରା ସ୍ୱଚ୍ଛତା ବାଧାପ୍ରାପ୍ତ ହୁଏ ଏବଂ ଜନସାଧାରଣଙ୍କ ମନରେ ନିଯୁକ୍ତି ପ୍ରକ୍ରିୟା ପ୍ରତି ସନ୍ଦେହ ସୃଷ୍ଟି ହୁଏ ବୋଲି ହାଇକୋର୍ଟ କଡ଼ା ଟିପ୍ପଣୀ ଦେବା ସହ ମାମଲାକୁ ଖାରଜ କରିଦେଇଛନ୍ତି।

ଭିଜିଲାନ୍ସ ଜାଲରେ ପ୍ରାଣୀ ଚିକିତ୍ସା କର୍ମଚାରୀ

ଯାଜପୁର, ୩୧।୧(ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ସହାୟକ ଶୁଭାଶିଷ ସାମଲ ଆଜି ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। କୁକୁଡ଼ା ଚାଷ ଯୋଜନାରେ ପ୍ରଥମ ପର୍ଯ୍ୟାୟ ସବ୍‌ସିଡି ରାଶି ୨.୧୬ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଏବଂ ହିତାଧିକାରୀଙ୍କ ଦ୍ୱାରା କୁକୁଡ଼ା ଫାର୍ମ ନିର୍ମାଣ ଏବଂ ପ୍ରୋତ୍ସାହନ ସମ୍ପର୍କିତ ଦ୍ୱିତୀୟ ପର୍ଯ୍ୟାୟ ସବ୍‌ସିଡି ପ୍ରଦାନ ପାଇଁ ସେ ଏହି ଲାଞ୍ଚ ନେଉଥିଲେ। ଜଣେ ହିତାଧିକାରୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ସେ ଗିରଫ ହୋଇଛନ୍ତି।

ହିତାଧିକାରୀଜଣକ ଏହି ଯୋଜନାରେ ମୋଟ ୭.୨୦ ଲକ୍ଷ ଟଙ୍କା ପାଇବାର ଥିଲା। ଏହାର ସବ୍‌ସିଡି ପରିମାଣ ପ୍ରକଳ୍ପର ମୂଲ୍ୟର ୬୦ ପ୍ରତିଶତ ଅନୁଯାୟୀ ୪.୩୨ ହଜାର ଟଙ୍କା ଥିଲା। ଅଭିଯୁକ୍ତ ଶ୍ରୀ ସାମଲ ହିତାଧିକାରୀଙ୍କ ସପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ସବ୍‌ସିଡି ରାଶି ପ୍ରଦାନ କରିବା ପାଇଁ ୪୦ ହଜାର ଟଙ୍କା (ମୋଟ ସବସିଡି ପରିମାଣରେ ପ୍ରାୟ ୧୦ ପ୍ରତିଶତ) ଲାଞ୍ଚ ଦାବି କରୁଥିଲେ। ହିତାଧିକାରୀ ଦାବି କରାଯାଇଥିବା ଲାଞ୍ଚ ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ, ଅଭିଯୁକ୍ତ ଆଲୋଚନାରେ ୩୦ ହଜାର ଟଙ୍କା ଦାବି କରିଥିଲେ। ଆହୁରି ମଧ୍ୟ ଯଦି ଲାଞ୍ଚ ରାଶି ପ୍ରଦାନ ନ କରାଯାଏ, ତେବେ ସେ ଦ୍ୱିତୀୟ ପର୍ଯ୍ୟାୟ ସବସିଡି ରାଶି ପ୍ରଦାନ ପାଇଁ ଫାଇଲ୍ ଆରମ୍ଭ କରିବେ ନାହିଁ ବୋଲି ସେ ଧମକ ଦେଇଥିଲେ। ଫଳରେ ହିତାଧିକାରୀ କାର୍ଯ୍ୟକ୍ରମ ସହାୟକ ଶ୍ରୀ ସାମଲଙ୍କ ଦ୍ୱାରା ହଇରାଣ ହେଉଥିବା ବିଷୟରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିଥିଲେ। ସୂଚନା ପାଇ ଓଡ଼ିଶା ଭିଜିଲାନ୍ସର

୩୦ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ

ଏକ ଦଳ ଆଜି ଯାଜପୁରର ବଡ଼ଚଣା ନିକଟସ୍ଥ ୧୬ନଂ ଜାତୀୟ ରାଜପଥର ଗଣ୍ଡି ଛକରେ ହିତାଧିକାରୀଙ୍କଠାରୁ ଲାଞ୍ଚ ନେଉଥିବା ସମୟରେ ଅଭିଯୁକ୍ତ ଶ୍ରୀ ସାମଲଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ଶ୍ରୀ ସାମଲଙ୍କ ସ୍ୱତନ୍ତ୍ର କବ୍‌ଜାରୁ ସମସ୍ତ ଦାଗୀ ଲାଞ୍ଚ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଶ୍ରୀ ସାମଲଙ୍କ ବିରୋଧରେ ଏକ ମାମଲା ୭/୨୬ରେ ରୁଜୁ ହେବା ସହିତ ତାଙ୍କର ଘର ଓ କାର୍ଯ୍ୟାଳୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ ଜାରି ରହିଛି। ଏ ସମ୍ପର୍କରେ କଟକ ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୫/୨୦୨୬, ୟୁ/ଏସ୍-୭ପିସି (ସଂଶୋଧନ) ଆଇନ, ୨୦୧୮, ପ୍ରୋଗ୍ରାମ ସହାୟକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ହିରୋଇନଙ୍କ ବେକରେ...

ତଳେ ୧୯୭୨ରେ ଆମେରିକା ଅଭିନେତ୍ରୀ ଏଲିଜାବେଥ ଟେଲରଙ୍କୁ ତାଙ୍କ ୪୦ ତମ ଜନ୍ମଦିନରେ ପଞ୍ଚମ ସ୍ୱାମୀ ରିଚାର୍ଡ ବର୍ଟନ ଏହି ହାର ଉପହାର ଦେଇଥିଲେ। ଏହାକୁ ତାଜମହଲ ଡାଏମଣ୍ଡ ମଧ୍ୟ କୁହାଯାଏ। ମୋଗଲ ସମ୍ରାଟ ଶାହା ଜହାଙ୍ଗୀର ପତ୍ନୀ ନୁରଜହାଁଙ୍କୁ ଏହି ହାର ଉପହାର ଦେଇଥିଲେ। ହୃତପିଣ୍ଡ ଆକାର ଏହି ହୀରା ୧୭ଶ ଶତାବ୍ଦୀର। ଏଥିରେ ପାର୍ସୀ ଭାଷାରେ 'ଭଲ ପାଇବା ସର୍ବଦା ରହିଥାଏ' ବୋଲି ଲେଖା ଯାଇଛି। ନରୁଜହାଁଙ୍କ ନାମ ମଧ୍ୟ ରହିଛି। ପରେ ଏହି ହାର ତାଙ୍କ ପୁଅ ଶାହାଜାହାଁଙ୍କ ପାଖରେ ପହଞ୍ଚି ଥିଲା। ସେ ନିଜ ପତ୍ନୀ ମୁମତାଜଙ୍କୁ ଏହା ଦେଇଥିଲେ। ମମତାଜଙ୍କ ମୃତ୍ୟୁପରେ ଶାହାଜାହାଁ ତାଜମହଲ ଗଢ଼ିଥିଲେ। ତେଣୁ ଏହି ହୀରାକୁ ତାଜମହଲ ଡାଏମଣ୍ଡ କୁହାଗଲା। ଅନେକ ଶତାବ୍ଦୀ ପରେ ଏହି ହୀରା ଭିନ୍ନ ଭିନ୍ନ ଲୋକଙ୍କ ପାଖକୁ ଯାଇଥିଲା। ଶେଷରେ ୧୯୭୧ରେ ଫ୍ରେଞ୍ଚ ଲକ୍‌ଜୁରି ବ୍ରାଣ୍ଡ କାର୍ଟିଅର ଏହାକୁ କ୍ରୟ କରିଥିଲେ। ସେ ଏହାକୁ ନୂଆ କରି ପ୍ରସ୍ତୁତ କରିଥିଲେ। ୧୯୭୨ରେ ରିଚର୍ଡ ବର୍ଟନ ନୂଆ ହାରକୁ କିଣି ନେଇଥିଲେ।

ଶପଥ ନେଲେ...

ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଉପସ୍ଥିତ ରହିଥିଲେ। ଶପଥ ନେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁନେତ୍ରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସୁନେତ୍ରାଙ୍କୁ ଉତ୍ପାଦନ ଶୁଳ୍କ, କ୍ରୀଡ଼ା ଏବଂ ଯୁବ କଲ୍ୟାଣ ସହିତ ସଂଖ୍ୟାଲଘୁ ବିକାଶ ମନ୍ତ୍ରାଳୟ ଦିଆଯାଇଛି। ମାତ୍ର ସ୍ୱାମୀଙ୍କ ପାଖରେ ଥିବା ଅର୍ଥ ବିଭାଗକୁ ତାଙ୍କୁ ଦିଆଯାଇ ନାହିଁ। ମୁଖ୍ୟମନ୍ତ୍ରୀ ଏହି ବିଭାଗକୁ ନିଜ ପାଖରେ ରଖିଛନ୍ତି। ଏହା ପୂର୍ବରୁ ଏନ୍‌ସିପି ବିଧାୟକ ଦଳ ଏବଂ ବିଧାନ ପରିଷଦ ସଦସ୍ୟଙ୍କ ବୈଠକ ବିଧାନ ଭବନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନେତ୍ରାଙ୍କୁ ସର୍ବସମ୍ମତି କ୍ରମେ ଦଳୀୟ ନେତ୍ରୀ ଚୟନ କରାଯାଇଥିଲା। ଦଳୀୟ ନେତା ଛଗନ ଭୁଜବଳ ତାଙ୍କ ନାମ ପ୍ରସ୍ତାବ ଦେଇଥିବାବେଳେ ଦିଲୀପ ପାଟିଲ ଏହାକୁ ସମର୍ଥନ କରିଥିଲେ। ଶପଥ ନେବା ପୂର୍ବରୁ ସୁନେତ୍ରା ସାଂସଦ ପଦରୁ ଇସ୍ତଫା ଦେଇଥିଲେ।

ଅନ୍ୟପଟେ ଦ୍ୱିପହରେ ଶରଦ ପାୱାରଙ୍କ ନେତୃତ୍ୱରେ ଦ୍ୱିପହରେ ଏନ୍‌ସିପି ବୈଠକ ବସିଥିଲା। ଏଥିରେ ସେ କହିଥିଲେ ଯେ ଏନ୍‌ସିପିର ଦୁଇ ଗୋଷ୍ଠୀ ଏକାଠି ହୁଅନ୍ତୁ ବୋଲି ଅଜିତ ଚାହୁଁଥିଲେ। ଏଥିପାଇଁ ଆଲୋଚନା ମଧ୍ୟ ହୋଇଥିଲା। ୧୨ ତାରିଖରେ ଏହି ଘୋଷଣା ହେବାର ଥିଲା। ମାତ୍ର ଦୁର୍ଭାଗ୍ୟ ଯେ ଏହା ପୂର୍ବରୁ ଅଜିତ ଆମକୁ ଛାଡ଼ି ଚାଲି ଯାଇଛନ୍ତି। ଏହା ମଧ୍ୟରେ ସୁନେତ୍ରାଙ୍କ ସମ୍ପର୍କୀୟ ତଥା ବିଧାୟକ ରୋହିତ ପାୱାର କହିଛନ୍ତି ଯେ ଅଜିତ ଦାଦାଙ୍କ ସ୍ଥାନ କେହି ନେଇପାରିବେ ନାହିଁ। ମାତ୍ର ଅତିକମରେ ଆମେ ଅଜିତ ଦାଦାଙ୍କ ସ୍ଥାନରେ ସୁନେତ୍ରାବାଇଙ୍କୁ ଦେଖିପାରିବୁ। ସୂଚନାଯୋଗ୍ୟ ଯେ ୧୯୬୩ ଅକ୍ଟୋବର ୧୮ରେ ଜନ୍ମିତ ସୁନେତ୍ରାଙ୍କ ରାଜନୈତିକ କ୍ୟାରିୟର ସେତେ ଭଲ ନ ଥିଲା। ସେ ୨୦୨୪ରେ ସମ୍ମାନଜନକ ବାରାମତୀରୁ ଲୋକସଭା ନିର୍ବାଚନ ଲଢ଼ି ନଣନ୍ଦ ସୁପ୍ରିୟା ସୁଲେଙ୍କଠାରୁ ପରାଜିତ ହୋଇଥିଲେ। ଏହା ପରେ ସୁନେତ୍ରା ରାଜ୍ୟସଭାକୁ ମନୋନୀତ ହୋଇଥିଲେ। ଗତ ୨୮ ତାରିଖରେ ବିମାନ ଦୁର୍ଘଟଣାରେ ଉପ-ମୁଖ୍ୟମନ୍ତ୍ରୀ ଅଜିତଙ୍କ ମୃତ୍ୟୁ ହେବା ପରେ ତାଙ୍କ ସ୍ଥାନରେ ପତ୍ନୀ ସୁନେତ୍ରାଙ୍କୁ ନିଯୁକ୍ତି କରିବାକୁ ଦାବି ହୋଇଥିଲା। ମେଣ୍ଟ ସହଯୋଗୀ ବିଜେପି ଏବଂ ଶିବସେନା (ଏକନାଥ) ମଧ୍ୟ ଏହାକୁ ମାନି ନେଇଥିଲେ।

ବିରୋଧ ପରେ...

କୋଟି ଟଙ୍କାର ମେଗା ଶିଳ୍ପ ପ୍ରକଳ୍ପ ସମେତ ୧୦ଟି ବିଭାଗର ମୋଟ ୧୨ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଥିବା ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ପ୍ରଦାନ କରିଛନ୍ତି। କଲ୍ୟାଣୀ ଗ୍ରୁପ୍ ପକ୍ଷରୁ ଢେଙ୍କାନାଳ ଜିଲ୍ଲାର ଗଜମରାଠାରେ ଏକ ସମନ୍ୱିତ ଅଟୋମୋଟିଭ୍, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉପକରଣ ନିର୍ମାଣ କମ୍ପ୍ଲେକ୍ସ ପ୍ରତିଷ୍ଠା ହେବ। ପ୍ରାୟ ୧୧୦୦ ଏକର ଜମିରେ ବିକଶିତ ହେବାକୁ ଥିବା ଏହି ପ୍ରକଳ୍ପରେ କଲ୍ୟାଣୀ ଷ୍ଟିଲ୍ସ, ସାରଲୋହା ଆଡଭାନ୍ସଡ୍ ମ୍ୟାଟେରିଆଲ୍ସ ଓ ଭାରତ ଫୋର୍ଜ ପକ୍ଷରୁ ମୋଟ ୧୭୨୫୦ କୋଟି ଟଙ୍କାର ନିବେଶ କରାଯିବ। ଏହି ପ୍ରକଳ୍ପ ଦ୍ୱାରା ପ୍ରାରମ୍ଭିକ ଭାବେ ୪୮୦୦ ପ୍ରତ୍ୟକ୍ଷ ଓ ୫୫୦୦ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବାକୁ ଥିବାବେଳେ ଭବିଷ୍ୟତରେ ଏହା ୨୦ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ କରିବ।

ସେହିପରି କେନ୍ଦ୍ର ସରକାରଙ୍କ 'ସମବାୟରୁ ସମୃଦ୍ଧି' ନୀତି ଅନୁରୂପ ପ୍ରସ୍ତୁତ ଓଡ଼ିଶା ସମବାୟ ନୀତି-୨୦୨୬କୁ ଆଜି ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଏହି ନୀତି ୨୦୩୬ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହା ମାଧ୍ୟମରେ ପ୍ୟାକ୍ସ, ସମବାୟ ସଂସ୍ଥା ଓ ସମବାୟ ବ୍ୟାଙ୍କଗୁଡ଼ିକୁ ସୁଦୃଢ଼ କରାଯିବା ସହ ଗ୍ରାମାଞ୍ଚଳରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ଓ କୃଷି ପ୍ରକ୍ରିୟାକରଣକୁ ପ୍ରୋତ୍ସାହନ ଦିଆଯିବ। ଏହି ନୀତି 'ବିକଶିତ ଓଡ଼ିଶା-୨୦୩୬' ଓ 'ବିକଶିତ ଭାରତ-୨୦୪୭'ର ଲକ୍ଷ୍ୟ ସହିତ ସମନ୍ୱୟ ରକ୍ଷାକରି ପ୍ରସ୍ତୁତ କରାଯାଇଛି ବୋଲି ସରକାର କହିଛନ୍ତି।

ସେହିପରି ରାଜ୍ୟରେ ବୈଜ୍ଞାନିକ ଗବେଷଣା ଓ ନବସୃଜନକୁ ଉତ୍ସାହିତ କରିବା ପାଇଁ 'ରାଜ୍ୟ ବିଜ୍ଞାନ ଓ ବୈଷୟିକ ପରିଷଦ' ଯୋଜନାକୁ ମଞ୍ଜୁରୀ ମିଳିଛି। ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ବର୍ଷ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏଥିରେ ୨୫୪.୮୫ କୋଟି ଟଙ୍କା ବିନିଯୋଗ ହେବ। ଏହି ଯୋଜନା ଅଧୀନରେ ୧୪ଟି ଉପ ଯୋଜନା ରହିଛି, ଯାହା ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନରେ ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ ପ୍ରୋତ୍ସାହିତ କରାଯିବା ସହ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରାଯିବ। ଏହାବ୍ୟତୀତ ଇନୋଭେସନ ହବ୍ ପ୍ରତିଷ୍ଠା କରି ରାଜ୍ୟରେ ଏକ ଦୃଢ଼ ଇନୋଭେସନ ଇକୋସିଷ୍ଟମ ବିକଶିତ କରିବା ଏହାର ଲକ୍ଷ୍ୟ ବୋଲି ଜଣାପଡ଼ିଛି।

ରାଜ୍ୟ ସରକାରୀ କର୍ମଚାରୀଙ୍କ ସ୍ୱାର୍ଥ ଓ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ କ୍ୟାବିନେଟ୍ ଏକାଧିକ ପ୍ରସ୍ତାବ ଉପରେ ମୋହର ମାରିଛନ୍ତି। ରାଜ୍ୟର ଇଏସଆଇ ହସ୍ପିଟାଲ ଓ ଡିସପେନସାରିରେ କାର୍ଯ୍ୟରତ ନର୍ସିଂ କର୍ମଚାରୀଙ୍କ ପାଇଁ 'ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସିଂ ସେବା(ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ-୨୦୨୫' ପ୍ରଣୟନ କରାଯାଇଛି। ଏହା ସେମାନଙ୍କ ନିଯୁକ୍ତି ଏବଂ ପଦୋନ୍ନତି ପ୍ରକ୍ରିୟାକୁ ସଠିକ୍ ଭାବେ ନିୟନ୍ତ୍ରିତ କରିବ। ସେହିପରି ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ-୨୦୨୨ରେ ସଂଶୋଧନ କରାଯାଇ ୧୦ଟି ନୂଆ ପଦବୀକୁ ସାମିଲ କରାଯାଇଛି। ଏହାଦ୍ୱାରା ଏଣିକି କ୍ୟାବିନେଟ୍ ବଦଳରେ ସରକାରଙ୍କ ଅନୁମୋଦନକ୍ରମେ ସେବା, ପଦବୀ ଓ ସିଲାବସର ଅନ୍ତର୍ଭୁକ୍ତ କରାଯାଇପାରିବ କିମ୍ବା ବାଦ୍ ଦିଆଯାଇପାରିବ। ସେହିପରି ପୁଲିସ, ଅବକାରୀ ଓ ଜଙ୍ଗଲ, ବାଣିଜ୍ୟ ଓ ପରିବହନ ବିଭାଗ ଭଳି ୟୁନିଫର୍ମ ସେବାରେ ଚୟନ ପାଇଁ ଅଧ୍ୟକ୍ଷ ଓ ସଦସ୍ୟଙ୍କ ନିଯୁକ୍ତି ସକାଶେ ନୂତନ ନିୟମ-୨୦୨୬କୁ ମଞ୍ଜୁରୀ ମିଳିଛି। ଏହା ଏଣିକି ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ନିୟମାବଳୀ, ୨୦୨୬ ଭାବରେ ଅବିହିତ ହେବ। ଏତଦ୍ ବ୍ୟତୀତ ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ନ୍ୟାୟିକ ସେବାରେ ଅଧିକ ସୁଯୋଗ ପ୍ରଦାନ କରିବା ପାଇଁ ଓଡ଼ିଶା ଉଚ୍ଚତର ନ୍ୟାୟିକ ସେବା ଓ ନ୍ୟାୟିକ ସେବା ନିୟମାବଳୀ-୨୦୦୭ରେ ସଂଶୋଧନ ପାଇଁ ନିଷ୍ପତ୍ତି ନିଆଯାଇଛି।

ଏତଦ୍ ବ୍ୟତୀତ ରାଜ୍ୟର କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ 'ଡାଇଭର୍ସନ୍ ୱେୟାର ସୁଧାର ଯୋଜନା' କୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଯେଉଁଥିରେ ୨୦୨୫-୨୬ରୁ ୨୦୨୭-୨୮ ଅର୍ଥାତ୍ ୩ ବର୍ଷ ମଧ୍ୟରେ ୩୬୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାମାଧ୍ୟମରେ ରାଜ୍ୟର ପୁରାତନ ନଦୀବନ୍ଧ ଓ ବ୍ୟାରେଜ ଗୁଡ଼ିକର ମରାମତି କରାଯିବା ସହ କେନାଲରେ କଂକ୍ରିଟ୍ ଲାଇନିଙ୍ଗ୍ ନିର୍ମାଣ କରାଯାଇ ଚାଷୀଙ୍କୁ ସୁବିଧାରେ ଜଳ ଯୋଗାଇ ଦିଆଯିବ।

ଆଜି ଆଗତ ହେବ...

ଶୁଳ୍କ ହ୍ରାସ କରି ୬ରୁ ୪ ପ୍ରତିଶତ କରିପାରନ୍ତି। ଯଦି ଏପରି ହୁଏ ତେବେ ସୁନା ୧୦ ଗ୍ରାମ ପିଛା ୩ ହଜାର ଏବଂ ରୁପା ୬ ହଜାର ଟଙ୍କା ପର୍ଯ୍ୟନ୍ତ ଶସ୍ତା ହୋଇଯିବ। ସୂଚନା ଅନୁଯାୟୀ, ୨୦୨୫ରେ ସୁନା ୭୫ ପ୍ରତିଶତ ଏବଂ ରୁପା ମୂଲ୍ୟ ୧୬୭ ପ୍ରତିଶତ ବୃଦ୍ଧି ପାଇଥିଲା।

ବଜେଟରେ ସରକାର ସୁଧାର ଏକ୍ସପ୍ରେସ ଜାରି ରଖିପାରନ୍ତି। ଚଳିତ ଥର ସ୍ୱାସ୍ଥ୍ୟ ସେବାରେ ବ୍ୟୟ ବୃଦ୍ଧି, ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀକୁ ଗୁରୁତ୍ୱ ଏବଂ ଭିତ୍ତିଭୂମି ପ୍ରକଳ୍ପକୁ ନୂଆ ଗତି ଦିଆଯାଇପାରେ। ରିୟଲ ଇଷ୍ଟେଟ କ୍ଷେତ୍ରକୁ ଶସ୍ତାରେ ଋଣ, ଟିକସ ରିଆତି ଏବଂ ସୁଲଭ ମୂଲ୍ୟରେ ଗୃହ ପାଇଁ ଘୋଷଣା ହୋଇପାରେ।

ଭାଲୁ ସହ ଲଢ଼ି...

ବିଦାରି ପକାଇଥିଲା। କିନ୍ତୁ ପ୍ରଭାତ ସାହସର ସହ ଭାଲୁର ମୁକାବିଲା କରିଥିଲା। ଭାଲୁ ମୁହଁକୁ ବାରମ୍ବାର ମୁଥ ମାରିଥିଲା। ଭାଲୁଟି ଭୟରେ ତାକୁ ଛାଡ଼ି ପଳାଇଥିଲା। ଏହା ଦେଖି ଅନ୍ୟ ଭାଲୁଟି ମଧ୍ୟ ତା' ପଛେପଛେ ଦୌଡ଼ିଥିଲା। ପ୍ରଭାତ ଗାଁକୁ ଫେରିବା ପରେ ସ୍ଥାନୀୟ ଲୋକେ ତାକୁ ଗୁରୁତର ଅବସ୍ଥାରେ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ନୀଳଗିରି ବନ ବିଭାଗ ଅଧିକାରୀମାନେ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଟ୍ରକ୍ ଚାପାରେ...

ଦେବାଶିଷ ସ୍ୱାଇଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏହି ଘଟଣାରେ ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ଚାଳକକୁ ଅଟକ ରଖି ପଚରାଉଚରା ଚଳାଇଛି।

ଅନ୍ୟପକ୍ଷରେ, ଏହି ଦୁଃଖଦ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି। 'ଏକ୍ସ'ରେ ସେ ଉଲ୍ଲେଖ କରିଛନ୍ତି ଯେ ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ପ୍ରାଣହାନି ହେବା ସହ ଅନେକ ଆହତ ହୋଇଥିବା ବିଷୟରେ ଜାଣି ମୁଁ ଦୁଃଖିତ। ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସଙ୍କ ପ୍ରତି ମୋର ସମବେଦନା ଜଣାଉଛି। ଏଥିସହ ଆହତ ବ୍ୟକ୍ତିମାନଙ୍କ ଆଶୁଆରୋଗ୍ୟ କାମନା କରୁଛି।

ସୂଚନାଯୋଗ୍ୟ, ମଧ୍ୟାହ୍ନରେ ୩ଟି ବାଇକ୍ ୧୬ ନମ୍ବର ଜାତୀୟ ରାଜପଥରୁ ହଳଦିଆପଦର ଓଭରବ୍ରିଜ୍ ଦେଇ ବ୍ରହ୍ମପୁର ସହରକୁ ଆସିଥିଲେ। ଏହି ସମୟରେ ବିପରୀତ ଦିଗରୁ ଯାଉଥିବା ଏକ ଟ୍ରକ୍ (ଓଡି ୦୭ଜେଡ୍-୭୨୫୯) ରାସ୍ତାର ଅନ୍ୟ ପାର୍ଶ୍ୱକୁ ଯାଇ ଗୋଟିଏ ପରେ ଗୋଟିଏ ବାଇକ୍‌କୁ ଧକ୍କା ଦେଇ ମାଡ଼ି ଯାଇଥିଲା। ଏଥିରେ ୩ଟି ବାଇକ୍‌ର ଚାଳକଙ୍କ ସମେତ ମୋଟ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇବା ପରେ ଘଟଣାସ୍ଥଳରୁ ଟ୍ରକ୍ ଚାଳକ ପ୍ରଦୀପ ଜାନି ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ କାବୁ କରିନେଇଥିଲା।

ପ୍ରକାଶଯୋଗ୍ୟ, ହଳଦିଆପଦର ଓଭରବ୍ରିଜ୍‌ରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ସହ ଅନେକଙ୍କ ଜୀବନହାନି ଘଟୁଥିବାରୁ ଏହି ସ୍ଥାନକୁ 'ବ୍ଲାକ୍ ସ୍ପଟ୍' ଭାବେ ଚିହ୍ନଟ କରାଯାଇଛି। କିନ୍ତୁ ଏଠାରେ ଯାତ୍ରୀଙ୍କୁ ସତର୍କ ଓ ସଚେତନ କରିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଏହି ଓଭରବ୍ରିଜ୍‌ରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ସମ୍ପ୍ରତି ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଥିବା ବେଳେ ଆଜି ମାସର ଶେଷ ଦିନରେ ସଡ଼କ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ତ୍ରୁଟିପୂର୍ଣ୍ଣ ଓଭରବ୍ରିଜ ନିର୍ମାଣ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟିବା ସହ ଅକାଳରେ ବହୁ ବ୍ୟକ୍ତିଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

କଙ୍ଗୋ ଖଣିରେ ଭୂସ୍ଖଳନ...

ଧାତୁ ମିଳିଥାଏ, ଯାହା ମୋବାଇଲ ଫୋନ, କମ୍ପ୍ୟୁଟର, ଏରୋସ୍ପେସ୍ ଉପକରଣ ଓ ଗ୍ୟାସ୍ ଟର୍ବାଇନ ଭଳି ଆଧୁନିକ ପ୍ରଯୁକ୍ତି ବିଦ୍ୟାରେ ବ୍ୟବହୃତ ହୋଇଥାଏ। ଏହି ଦୁର୍ଘଟଣାର ପ୍ରଭାବ କେବଳ କଙ୍ଗୋରେ ସୀମିତ ରହିବ ନାହିଁ, ବରଂ ଗ୍ଲୋବାଲ ଇଲେକଟ୍ରୋନିକ୍ସ ଶିଳ୍ପ ଉପରେ ପ୍ରଭାବ ପକାଇବ। ଏହି ଖଣିରେ ସ୍ଥାନୀୟ ଲୋକମାନେ ଅତ୍ୟନ୍ତ ବିପଜ୍ଜନକ ପରିସ୍ଥିତିରେ କାର୍ଯ୍ୟ କରିଥାନ୍ତି। ଶ୍ରମିକଙ୍କୁ କିଛି ଡଲାର ପାରିଶ୍ରମିକ ମିଳିଥାଏ। କିନ୍ତୁ ସୁରକ୍ଷା ବ୍ୟବସ୍ଥା ଜମା ନଥାଏ। ପ୍ରବଳ ବର୍ଷା ଯୋଗୁଁ ଧସିବାର ଆଶଙ୍କା ଥିଲେ ମଧ୍ୟ ସେଠାରେ କାମ ବନ୍ଦ ହୋଇ ନଥିଲା। ଫଳରେ ଏହି ବଡ଼ ଦୁର୍ଘଟଣା ଘଟିଛି।

AFFIDAVIT
By virtue of an affidavit sworn before executive magistrate, puri, dated 24/06/2025 I DEBENDRA KUMAR SAHOO, Adress Madhusudan Nagar, Talabania, PS - Talabania, dist-Puri Declare that I have changed the name of my daughter from SUBHASHNEE SAHU to ANKITA PRIYADARSANI SAHOO. Henceforth, She shall be known as ANKITA PRIYADARSANI SAHOO For all purposes.
ANKITA PRIYADARSANI SAHOO

AFFIDAVIT
By virtue of an affidavit sworn before Notary Public, Puri, dated 14.11.2025,I SURYAKANTA MAHARANA, Nua Sahi, Champagada, PS-Ranapur, DIST- Nayagarh declare that I have changed my name from BADAL KUMAR MAHARANA To SURYAKANTA MAHARANA. Henceforth, I shall be known as SURYAKANTA MAHARANA for all purposes.
SURYAKANTA MAHARANA

AFFIDAVIT
BY VIRTUE OF AN AFFIDAVIT BEFORE THE EXECUTIVE MAGISTRATE CUTTACK, I GOLAKHA CHANDRA PARIDA, S/O – LATE BINOD PARIDA, RESIDENT OF AT- NUAGARH, P.O. TELENGAPENTHA, P.S. CUTTACK SADAR, DIST- CUTTACK-754001, ODISHA, DECLARE BY THIS AFFIDAVIT NO - 500, DATED- 28/01/2026, THAT NOW ONWORDS I SHALL BE KNOWN AS GOLEKH CHANDRA PARIDA FOR ALL FUTURE PURPOSES.

AFFIDAVIT
BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE, CUTTACK , I SIDDHARTHA PARIDA, S/O – GOLEKH CHANDRA PARIDA, RESIDENT OF AT- NUAGARH, P.O. TELENGAPENTHA, P.S. CUTTACK SADAR, DIST- CUTTACK-754001, ODISHA, DECLARE BY THIS AFFIDAVIT NO - 501, DATED- 28/01/2026, THAT NOW ONWORDS I SHALL BE KNOWN AS SIDDHARTH PARIDA FOR ALL FUTURE PURPOSES.

AFFIDAVIT
BY VIRTUE OF AN AFFIDAVIT BEFORE THE EXECUTIVE MAGISTRATE CUTTACK, I SOBHABATI PARIDA, W/O – GOLEKH CHANDRA PARIDA PARIDA, RESIDENT OF AT- NUAGARH, P.O. TELENGAPENTHA, P.S. CUTTACK SADAR, DIST- CUTTACK-754001, ODISHA, DECLARE BY THIS AFFIDAVIT NO - 502, DATED- 28/01/2026, THAT NOW ONWORDS I SHALL BE KNOWN AS SOVABATI PARIDA FOR ALL FUTURE PURPOSES.

AFFIDAVIT
By virtue of an affidavit sworn before NOTARY PUBLIC, PURI, dated 10/11/2025 I YASH NANDA, Adress - Nua Sahi, Chakratirtha Road, PS- Sea Beach, DIST-Puri, PIN- 752001, ODISHA declare that I have changed my name from SOMANATH NAYAK To YASH NANDA. Henceforth, I shall be kown as YASH NANDA for all purposes.
YASH NANDA

AFFIDAVIT
By virtue of an affidavit sworn before the Notary Public, Jeypore, dtd- 13.01.2026, I, Ashraf Khan, S/o- Haji Ibrahim Khan, At-Hydrabadi Lane, Jeypore, Dist.- Koraput- 764001 do hereby declare that my correct name is Ashraf Khan, S/o Haji Ibrahim Khan as per my Aadhaar Card. But in my Passport wrongly mentioned as Ashraf Alli Khan, S/o Ebrahim Alli Khan. That both Ashraf Khan, S/o Haji Ibrahim Khan & Ashraf Alli Khan, S/o Ebrahim Alli Khan is one and same person.

AFFIDAVIT
By virtue of an affidavit sworn before The Executive Magistrate, G.udayagiri, Dist: Kandhamal, Odisha, dated: 19/01/2026, I, Dhirarani Digal, resident of Village: College Colony, Back Side, Madikunda, Phulabani, P.O.: Phulabani, P.S.: Phulabani, Dist: Kandhamal, State: Odisha, PIN-762001, Odisha declare that I have changed my son name from Blesson Kumar Digal to Precious Blesson Digal. Henceforth, he shall be known as Precious Blesson Digal for all purposes.

AFFIDAVIT
By virtue of an affidavit sworn before The Notary Public, Titilagarh, on dated-31/01/2026. I, Kumadini Bhoi (new name), W/o Udit Parabhue, permanent & current resident of AT: Bineikela, PO: Kashrupada, PS: Kesinga, Dist: Kalahandi, State: Odisha, PIN: 766012 declare that I have changed my name from Urmila Parabhue to Kumadini Bhoi. Henceforth, I shall be known as Kumadini Bhoi (new name) for all future purposes.
Kumadini Bhoi

Notice for Minor
By virtue of an affidavit sworn before the Executive Magistrate, Place- Balasore, Dated 30/01/2026, I Sambit Kumar Giri, Address- At. Sanapatpur, Po. Hatasahi, Ps. Nilagiri, Dist. Balasore, Pin-756040, Odisha, Declare that I have changed the name of my Daughter from S SANAYA to SIDDHI SANAYA GIRI . Henceforth, she shall be known as SIDDHI SANAYA GIRI for all purposes.
SAMBIT KUMAR GIRI

AFFIDAVIT
By virtue of an affidavit sworn before The Executive Magistrate, Purushottampur, Ganjam AF.NO-87/26, dated 30-01-2026 I, G.KABERI REDDY, W/o G.Kalia Reddy Permanent resident of At-Jhadabai, Po- Jhadabai, PS-Kabisuryanagar, Dist- Ganjam, State- Odisha, PIN- 761104, declare that I have changed my Son's name from G.SUBHAM REDDY (Old name) to G.AYUSH REDDY (New name), Henceforth, he shall be known as G.AYUSH REDDY for all purposes.
(Sd- G.KABERI REDDY)

ବ୍ଲକ୍ କାର୍ଯ୍ୟାଳୟରେ ବିଧାୟକଙ୍କ ସମୀକ୍ଷା

ରାଜନୈତିକ ଚାପରେ ବଶବର୍ତ୍ତୀ ନ ହେବାକୁ ପରାମର୍ଶ

ବାରିକପୁର,୩୧।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସଭାଗୃହ ମଧ୍ୟରେ ଶନିବାର ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଉପସ୍ଥିତିରେ ଉନ୍ନୟନ କାର୍ଯ୍ୟକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ସରକାର ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ଲକ୍ଷ୍ୟ ରଖିଥିବାବେଳେ ଗ୍ରାମାଞ୍ଚଳରେ ଏନେଇ କେଉଁଭଳି ଉନ୍ନୟନମୂଳକ କାର୍ଯ୍ୟ ହେଉଛି ତାହା ଉପରେ ବିଧାୟକ ସମୀକ୍ଷା କରିଥିଲେ। ଅନେକ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାବେଳେ କିଛି ସ୍ଥାନରେ ରାଜନୈତିକ ବିବାଦ ମଧ୍ୟ ଲାଗିରହିଛି। ଏପରିକି ଚାପରେ ବଶବର୍ତ୍ତୀ ହୋଇ ଅଧିକାରୀମାନେ ବେଆଇନ ଭାବେ କିଛି କାମ ମଧ୍ୟ କରୁଛନ୍ତି। ଯାହା ବୈଠକରୁ ବିଧାୟକ ଜାଣିବାକୁ ପାଇଥିଲେ। ପାନୀୟ ଜଳଠାରୁ ଆରମ୍ଭ କରି ଭିତ୍ତା, ଗମନାଗମନ, ବିଦ୍ୟୁତ୍, ରାସନ, କୃଷି, ମତ୍ସ୍ୟ, ଉଦ୍ୟାନ କୃଷି ଆଦି ବିଭାଗର କାର୍ଯ୍ୟକୁ ନେଇ ବିଧାୟକ ସନ୍ତୁଷ୍ଟ ନ ଥିବା ଦେଖିବାକୁ ମିଳିଥିଲା। କିଛି ପଞ୍ଚାୟତ ପ୍ରତିନିଧି ଓ ଜନସାଧାରଣ ବିଧାୟକଙ୍କୁ ଲିଖିତ ଭାବେ ଏ ବିଷୟରେ ଅଭିଯୋଗ କରି ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ଅନୁରୋଧ କରିଥିଲେ। ତେଣୁ ରାଜନୈତିକ ଚାପରେ ବଶବର୍ତ୍ତୀ ନ ହୋଇ ସରକାରଙ୍କ ଆଇନ ଅନୁଯାୟୀ, ଗ୍ରାମାଞ୍ଚଳମାନଙ୍କରେ ଉନ୍ନୟନ କାମ କରିବା ପାଇଁ ଅଧିକାରୀମାନଙ୍କୁ ବିଧାୟକ ଶ୍ରୀ ମଲ୍ଲିକ ପରାମର୍ଶ ଦେଇଥିଲେ। ଦଳ ଦଳ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ କୌଣସି ରାଜନୈତିକ ଗୋଷ୍ଠୀର ପ୍ରରୋଚନାରେ ନ ପଡ଼ି ଲୋକମାନଙ୍କ ପାଇଁ ସ୍ୱାଧୀନ ଭାବେ କାମ କଲେ ବିକଶିତ ଗାଁ ସହିତ ପଞ୍ଚାୟତ, ବ୍ଲକ୍, ଜିଲ୍ଲା, ରାଜ୍ୟ ଓ ସର୍ବୋପରି ବିକଶିତ ଦେଶ ଗଠନ ହୋଇପାରିବ ବୋଲି ସେ କହିଥିଲେ।

ଆୟୋଜିତ ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମୁଖ୍ୟ ଅଧିକାରୀ ଶୁଭେନ୍ଦୁ ସାମଲ, ବିଡିଓ ଦେବଦତ୍ତ ଦାସ, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଜେନା, ଗୋଷ୍ଠୀ ଅର୍ଥ ଅଧିକାରୀ ଦିବ୍ୟଜ୍ୟୋତି ବେହେରା, ସିପି ପଦ୍ମନାଭ ରାଉତ, ଜିପିଇଓ ବିଳାସିନୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡ଼ା ବିଭିନ୍ନ ବିଭାଗର ପଦାଧିକାରୀ, ନିର୍ବାଚିତ ପଞ୍ଚାୟତ ପ୍ରତିନିଧି, ଜନସାଧାରଣ ଏଥିରେ ଯୋଗଦେଇଥିଲେ।

ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ

ଧାମନଗର,୩୧।୧(ସମିସ): ଧାମନଗର ଥାନା ଅନ୍ତର୍ଗତ ମହୁରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଆଦର୍ଶ ପ୍ରଧାନଶିକ୍ଷକ ରବୀନ୍ଦ୍ର ମହାରଣାଙ୍କ ସେବାନିବୃତ୍ତ ସମ୍ବର୍ଦ୍ଧନା ସମାରୋହ ଏକ ଭବ୍ୟ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକତା ଜୀବନର ଶେଷ କାର୍ଯ୍ୟଦିବସ ଅବସରରେ ସମ୍ପୃକ୍ତ ବିଦ୍ୟାଳୟରେ ବରିଷ୍ଠ ସହକାରୀ ଶିକ୍ଷକ ପ୍ରସନ୍ନ କୁମାର ମହାକୁଳଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହକୁ ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ମନସ୍ୱିନୀ ରାଉତ ସ୍ୱାଗତ ଭାଷଣ ଓ ପୁରାତନ ଛାତ୍ର ସଂସଦ ସଭାପତି ସଞ୍ଜୟ ପଣ୍ଡା ପୂଜ୍ୟପୂଜାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଗିରିଶ ବିହାରୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଧୀରେନ୍ଦ୍ର ଦାଶ, ପୂର୍ବତନ ବିଇଓ ବିରେନ୍ଦ୍ର ଦାଶ, ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସୁଦର୍ଶନ ସେଠୀ, ଖଗେଶ୍ୱର ମହାପାତ୍ର, ପ୍ରଦୀପ୍ତ ଦାସ, ପୂର୍ବତନ ସମିତିସଭ୍ୟ ଶୀତାକାନ୍ତ ଜେନା ପ୍ରମୁଖ ଯୋଗଦେଇ ଶ୍ରୀ ମହାରଣାଙ୍କ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ନିମନ୍ତ୍ରିତ ଅତିଥି ଭାବରେ ସାମ୍ବାଦିକ ସୁଶାନ୍ତ କୁମାର ରାଉତ, ସେକ୍ ଜାଫର ଅଲ୍ଲୀ, ଦୁର୍ଗାପ୍ରସାଦ ମହାପାତ୍ର ଯୋଗଦେଇଥିବା ବେଳେ ରବୀନ୍ଦ୍ର ମହାରଣାଙ୍କୁ ଉପଢ଼ୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ତାଙ୍କ ସହଧର୍ମିଣୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ସୌମ୍ୟ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

୨ ଝୁଲନ୍ତା ମୃତଦେହ ଉଦ୍ଧାର

ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଧାମନଗର,୩୧।୧(ସମିସ): ଧାମନଗର ଥାନା ଅନ୍ତର୍ଗତ ଗୁହାଳିଆ ଗ୍ରାମରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପାଇଖାନା ଘରୁ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ଭଗବାନପୁର ପଞ୍ଚାୟତ ଜୟକୃଷ୍ଣପୁର (ଚନ୍ଦେଶ୍ୱର) ଗ୍ରାମର ରଞ୍ଜିତା ଖଟୁଆ (୨୬)। ସେହିପରି ଧାମନଗର ଏନ୍‌ଏସି ଅଧୀନ ଯୋରାଗଡ଼ିଆ ଗ୍ରାମର ରାଜେନ୍ଦ୍ର ପ୍ରଧାନ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି।

ଘଟଣାରୁ ଜଣାଯାଏ ଯେ ଭଗବାନପୁର ପଞ୍ଚାୟତ ଜୟକୃଷ୍ଣପୁର (ଚନ୍ଦେଶ୍ୱର) ଗ୍ରାମର ସ୍ୱର୍ଗତ ଅନନ୍ତ ଚରଣ ଖଟୁଆଙ୍କ ଝିଅ ରଞ୍ଜିତା ଖଟୁଆ (୨୬) ନିର୍ଗୁଣ୍ଡି ପଞ୍ଚାୟତ ଗୁହାଳିଆ ଗ୍ରାମର ଶ୍ରୀଧର ରାଉତଙ୍କ ପୁଅ ଅକ୍ଷୟ ରାଉତ (୩୦)ଙ୍କୁ ୪ବର୍ଷ ତଳେ ବିବାହ କରିଥିଲେ। ଅକ୍ଷୟ ଭୁବନେଶ୍ୱରରେ ଏକ ଔଷଧ ଦୋକାନରେ କାମ କରୁଛନ୍ତି। ଘରେ ସ୍ତ୍ରୀ ରଞ୍ଜିତା, ଶାଶୂ, ଶଶୁର ଓ ନିଜର ଏକ ବର୍ଷର ଝିଅ ସହ ସୁଖରେ ରହୁଥିଲେ। ଗତ ୨୮ ତାରିଖରେ ସ୍ୱାମୀ ଅକ୍ଷୟ ଘରକୁ ଆସି ଝିଅର ଜନ୍ମଦିନ ପାଳନ କରିଥିଲେ। କିନ୍ତୁ ପରଦିନ ପୂର୍ବ ଘଟଣାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ରଞ୍ଜିତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ରଞ୍ଜିତାଙ୍କୁ ହତ୍ୟା କରି ପାଇଖାନା ଘରେ ଟାଙ୍ଗିଦେଇ ଘଟଣାକୁ ଅନ୍ୟ ରୂପ ଦେବାକୁ ଚେଷ୍ଟା କରାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ଶୁକ୍ରବାର ସକାଳୁ ଧାମନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଡାକ୍ତରଖାନାକୁ ପଠାଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେପଟେ ଘଟଣା ପରେ ଶଶୁର ଘର ପକ୍ଷରୁ ସମସ୍ତେ ଫେରାର୍ ଥିବା ଜଣାପଡ଼ିଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

ସେହିପରି ଧାମନଗର ଏନ୍‌ଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ଅଧୀନ ଯୋରାଗଡ଼ିଆ ଗ୍ରାମର ରବୀନ୍ଦ୍ର ପ୍ରଧାନଙ୍କ ପୁଅ ରାଜେନ୍ଦ୍ର ପ୍ରଧାନ ଶୁକ୍ରବାର ସକାଳେ ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ରାଜେନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଥିବାରୁ ସ୍ତ୍ରୀ ବାପ ଘରେ ନିଜ ପୁଅକୁ ନେଇ ରହୁଥିଲେ। ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମେଡିକାଲକୁ ପଠାଇଥିବାବେଳେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି। ତଦନ୍ତ ପରେ ସତ୍ୟତା ପଦାକୁ ଆସିବ ବୋଲି ଆଇଆଇସି ରଞ୍ଜନ କୁମାର ସେଠୀ ସୂଚନା ଦେଇଛନ୍ତି।

ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଉଦ୍‌ଘାଟନୀ ମ୍ୟାଚ୍‌ରେ ଯାଜପୁର ବିଜୟୀ

ଦୋବଲ,୩୧।୧(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗୀର ବଜାରସ୍ଥିତ କାଳୀ ପଡ଼ିଆରେ ମା' ଶ୍ୟାମାକାଳୀ ୟୁଥ୍ କ୍ଲବ୍ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନ ସମାରୋହରେ ସ୍ଥାନୀୟ ସରପଞ୍ଚ ରଞ୍ଜିତ ଜେନା, ସମାଜସେବୀ ବିଚିତ୍ରାନନ୍ଦ ହାତୀ ଓ ଶ୍ୟାମାକାଳୀ ପୂଜା କମିଟିର ସଭାପତି ଅନିରୋଧ ପାଢ଼ୀ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ରକି କ୍ରିକେଟ୍ କ୍ଲବ୍ ବାଲେଶ୍ୱର ଓ ଇଲେଭେନ୍ ଷ୍ଟାର୍ କ୍ରିକେଟ୍ କ୍ଲବ୍ ଯାଜପୁର ମଧ୍ୟରେ ୨୦ ଓଭର ବିଶିଷ୍ଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବାଲେଶ୍ୱର ଦଳ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଯାଜପୁର ଦଳ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲେଶ୍ୱର ଦଳ ୨୦ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୭୫ ରନ୍ କରିବାରେ ସକ୍ଷମ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ୍‌ରେ ଯାଜପୁର ଦଳର ଚନ୍ଦନ ନାୟକ ଶ୍ରେଷ୍ଠ ପ୍ରଦର୍ଶନ କରି 'ମ୍ୟାନ୍ ଅଫ୍ ଦ ମ୍ୟାଚ୍' ଭାବେ ମନୋନୀତ ହୋଇଥିଲେ। ସେ ୨୮ ବଲ୍‌ରେ ୬୦ ରନ୍ କରିଥିବା ସହ ୪ ଓଭର ବୋଲିଂ କରି ୩ଟି ୱିକେଟ୍ ନେଇଥିଲେ। ମ୍ୟାଚ୍‌ର ଅମ୍ପାୟାର୍ ଭାବେ ସନ୍ୟାସୀ ନାୟକ ଓ ରାଧେଶ୍ୟାମ ଜେନା ଦାୟିତ୍ୱ ନିର୍ବାହ କରିଥିଲେ। ସ୍କୋରର୍ ଭୂମିକାରେ ସୂର୍ଯ୍ୟକାନ୍ତ ଘଡ଼ାଇ, କମେଣ୍ଟ୍ରିରେ ବିଶ୍ୱଜିତ୍ ପାଢ଼ୀ ଓ ଶୁଶାନ୍ତ ଦାସ ଥିଲେ। ଅନନ୍ତ ମହାରଣା, ମାନସ ପୁହାଣ, ବଳବନ୍ତ ମହାରଣା, ରାକେଶ ବାରିକ୍ ଓ ମନୋଜ ମହାନ୍ତି ପ୍ରମୁଖ ଟୁର୍ଣ୍ଣାମେଣ୍ଟ ସୂଚାରୁ ରୂପେ ପରିଚାଳନା କରିବାରେ ସହଯୋଗ କରିଥିଲେ।

ନାଆମୀ କଲେଜର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବାରିକପୁର,୩୧।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ନିକଟସ୍ଥ ନାଆମୀ ମହାବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଚିନ୍ତାମଣି ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ସୁକାନ୍ତ କୁମାର ସ୍ୱାଇଁ ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଖେଳ ଦ୍ୱାରା ସୃଷ୍ଟି ହେଉଥିବା ଶାରୀରିକ ଗଠନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଅଧ୍ୟାପକ ଅଶୋକ କୁମାର ଦାସ, କଲେଜ ୟୁନିୟନ ସଭାପତି ଡ. ରଘୁନାଥ ସାହୁ, ରସାୟନ ବିଭାଗ ଅଧ୍ୟାପକ ମହିତୋଷ ସେଠୀ, ସାଂସ୍କୃତିକ ସଂଯୋଜକ ଡ. ଚିତ୍ତରଞ୍ଜନ ରାଉତ ପ୍ରମୁଖ ମଞ୍ଚାସୀନ ହୋଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ବନମାଳୀ ପଣ୍ଡା ଅତିଥି ପରିଚୟ ପ୍ରଦାନ, ଅଧ୍ୟାପକ ପ୍ରଦୀପ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ ଓ ଅଧ୍ୟାପିକା ମନୋରମା ଖଣ୍ଡାଇ ମଞ୍ଚ ପରିଚାଳନା କରିଥିବାବେଳେ ଇଂରାଜୀ ଅଧ୍ୟାପକ ଅଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅକ୍ଷୟ ଜେନା, ସୋମନାଥ ପଣ୍ଡା, ଝୁନାରାଣୀ ବାରିକ, ବିଚିତ୍ରା ବିଶ୍ୱାଳ, ମାନସୀ ପାତ୍ର, ଦଶରଥ ବେହେରା, ରବି ରାଓଙ୍କ ସମେତ କଲେଜ କର୍ମଚାରୀମାନେ ପରିଚାଳନା କରିଥିଲେ।

ଶ୍ରୀରାମ ଚରିତ ମାନସ ପାରାୟଣ

ବାରିକପୁର,୩୧।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ମଞ୍ଜୁରୀ ବଳଦେବଜୀଉ ପୀଠଠାରେ ତ୍ରୟୋଦଶ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବ୍ୟାସ ହିମାଂଶୁ ମହାରାଜଙ୍କ ତତ୍ତ୍ୱାବଧାନରେ ୯ ଦିନବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଗତ ୧୯ ରୁ ୨୭ ତାରିଖ ଯାଏଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା କଥାକାରମାନେ ପୀଠରେ ରାମଚରିତ ପାରାୟଣ ଓ ପ୍ରବଚନ ଦେଇଥିଲେ। ଏଥିରେ ପଣ୍ଡିତ ଶିବପ୍ରସାଦ ଜୀ, ପୁରୁଷୋତ୍ତମ ଦାସ ମହାରାଜ, ମାଳିକା ଗବେଷକ ପଣ୍ଡିତ ବିଶ୍ୱଭୂଷଣ ପାଲ୍, ମହିମା ଧର୍ମାବଲମ୍ବୀ ଅକ୍ଷୟ ମହାରାଜ, ମହନ୍ତ କମଳଲୋଚନ ମହାରାଜ, ପଣ୍ଡିତ ପ୍ରମୋଦ ନାୟକ ପ୍ରମୁଖ ବ୍ୟାସ ପୀଠରେ ଉପସ୍ଥିତ ରହି ବିଭୁ ବାଣୀ ପ୍ରଦାନ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ପଞ୍ଚାୟତବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ପୀଠରେ ଉପସ୍ଥିତ ରହି ପାରାୟଣ ଶ୍ରବଣ କରିଥିଲେ। ବିଶ୍ୱଶାନ୍ତି ମହାଯଜ୍ଞ ସହିତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି।

ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀଙ୍କ ବିୟୋଗ

ଭଦ୍ରକ,୩୧।୧(ସମିସ): ଭଦ୍ରକ ଜିଲ୍ଲା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ତଥା ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣାନନ୍ଦ ମହାପାତ୍ରଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ପୂର୍ଣ୍ଣାନନ୍ଦ ମହାପାତ୍ର ପ୍ରଥମେ ଚୁନିଦା କ୍ଷେତ୍ରବାସୀ ହାଇସ୍କୁଲରୁ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ରହି ଶିକ୍ଷାଦାନ କରିଥିଲେ। ତାଙ୍କ ଶିକ୍ଷାଦାନ ସମୟରେ ସେ ଅନେକ ମେଧାବୀ ଓ ଆଦର୍ଶ ଛାତ୍ର ସୃଷ୍ଟି କରିପାରୁଥିଲେ। ପରେ ସେ ଭଦ୍ରକ ଡିଆଇ-୧ ଶିକ୍ଷାଧିକାରୀ ଭାବେ ରହିଥିଲେ। ଶିକ୍ଷା କ୍ଷେତ୍ରରେ ଗଠନମୂଳକ ପଦକ୍ଷେପ ଓ ସଂସ୍କାର ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଭଦ୍ରକ ଜିଲ୍ଲାର ସ୍ୱତନ୍ତ୍ର ଛାପ ଛାଡ଼ିଥିଲେ। ଭଦ୍ରକ ନରୀପୁର(ଅସ୍ଥଳ)ସ୍ଥିତ ଭାସଭବନରେ ତାଙ୍କର ବିୟୋଗ ଘଟିଛି। ଦେହାନ୍ତ ଖବର ପାଇ ଗାନ୍ଧୀ ବିଚାର ସଭାପତି ଶାନ୍ତନୁ ରାଉତ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ପୂର୍ବତନ ଶିକ୍ଷା କର୍ମଚାରୀ ମଦନମୋହନ ନାୟ, ପୂର୍ବତନ ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ, ଚୁନିଦା ହାଇସ୍କୁଲ ପ୍ରଧାନଶିକ୍ଷକ ଭୀମସେନ ପରିଡ଼ା, ଅଭୟ ପଣ୍ଡା, ବ୍ୟୋମକେଶ ମିଶ୍ର, ଗୋବର୍ଦ୍ଧନ ସାମଲ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ନିଜ ଜନ୍ମସ୍ଥାନ କୋଠାର ନସଲାପୁରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ ପୁଅ ଦେବବ୍ରତ ମୁଖାଗ୍ନି ଦେଇଥିଲେ।

ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀ ଅଭାବ

ଦୋଳସାହି,୩୧।୧(ସମିସ): ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ବିଭାଗରେ କର୍ମଚାରୀ ଅଭାବରୁ ସ୍ୱାସ୍ଥ୍ୟ ସେବାରେ ବ୍ୟାଘାତ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୮ ଜଣ ଫାର୍ମାସିଷ୍ଟ, ଜଣେ ମହିଳା ସୁପରଭାଇଜର, ୪ଜଣ ପୁରୁଷ ସୁପରଭାଇଜର, ୨ ଜଣ ଅସ୍ଥି ବିଶେଷଜ୍ଞ ଡାକ୍ତର, ଜଣେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର, ଜଣେ ଶଲ୍ୟ ବିଶେଷଜ୍ଞ ଡାକ୍ତର, ଜଣେ ଭେଷଜ ବିଶେଷଜ୍ଞ ଡାକ୍ତର, ଜଣେ ୱାର୍ଡ ଆଟେଣ୍ଡାଣ୍ଟ, ୪ ଜଣ ଲାବୋରେଟୋରୀ ଟେକ୍ନିସିଆନ ପଦ ଖାଲି ରହିଛି। ଫଳରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ରୋଗୀମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ସେହିପରି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଗୁଆମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଫାର୍ମାସିଷ୍ଟ ଓ ଜଣେ ଷ୍ଟାଫ୍ ନର୍ସ ପଦ ସହ ଜଣେ ଏଲ୍‌ଏଚ୍‌ଭି ଷ୍ଟାଫ୍ ଅଭାବ ରହିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏହି ସମସ୍ତ ପଦ ପୂରଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

ନଗୁଆଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭଣ୍ଡାରିପୋଖରୀ,୩୧।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ନଗୁଆଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ନାୟକଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରିକପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ଶେଣ୍ଠ ମୁଖ୍ୟଅତିଥି, ସରପଞ୍ଚ କାଞ୍ଚନବାଳା ପାତ୍ର, ପୂର୍ବତନ ସରପଞ୍ଚ ରବିନାରାୟଣ ମହାପାତ୍ର, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମନୋଜ କୁମାର ମହାପାତ୍ର ଓ ଶ୍ରୀନିବାସ ପାଲ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ।

ମନ୍ତ୍ରବାସୁଲୀ ଉନ୍ନୀତ ଏମ୍‌ଇ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଭଦ୍ରକ,୩୧।୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ମନ୍ତ୍ରବାସୁଲୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ଦୁଇ ଦିବସୀୟ ବାର୍ଷିକ କ୍ରୀଡ଼ା ସମାରୋହ ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଗତ ୨୯ ଓ ୩୦ ତାରିଖ ଦୁଇଦିନବ୍ୟାପୀ କ୍ରୀଡ଼ା ସମାରୋହ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ଓଝାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ଉଦ୍‌ଘାଟକ ଭାବେ ବୋଡ଼କ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ବିଷ୍ଣୁ ମୋହନ ଜେନାଙ୍କ ସମେତ ସେହି ୱାର୍ଡର ସଭ୍ୟ ରଞ୍ଜନ କୁମାର ପାଣ୍ଡବ ଓ ବୁଦ୍ଧିଜୀବୀ ରବୀନ୍ଦ୍ର କୁମାର ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରତ୍ୟେକ କ୍ରୀଡ଼ା ସମାପ୍ତ ପରେ ବିଜୟୀ ପ୍ରତିଯୋଗୀଙ୍କୁ ସୁନେଲି ପଦକ ଓ ପ୍ରମାଣପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରିବା ସହିତ ବିଭିନ୍ନ ସମୟରେ ବିଭିନ୍ନ ନିମନ୍ତ୍ରିତ ଅତିଥି ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁଦ ସମାରୋହରେ ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୨୪ଟି ଇଭେଣ୍ଟକୁ ପରିଚାଳନା କରିଥିଲେ ବିଦ୍ୟାଳୟର ଶିକ୍ଷକ ବିବେକାନନ୍ଦ ଦାସ, ପିଇଟି ଶିକ୍ଷକ ନୃସିଂହ କୁମାର ତ୍ରିପାଠୀ, ଶର୍ମିଷ୍ଠା ସେନାପତି, ଶାଶ୍ୱତୀ ସୌମ୍ୟା ଓ ଶୋଭାମୟୀ ମିଶ୍ର। ମୋଟ୍ ୭୨ ଜଣ ବିଜୟୀ ପ୍ରତିଯୋଗୀଙ୍କୁ ସୁନେଲି ପଦକ ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପିଲାମାନଙ୍କୁ ଉତ୍ସାହିତ କରି ପୁରସ୍କାର ପ୍ରଦାନ କରିବାକୁ ସିଆର୍‌ସିସି ଭାଗୀରଥି ତ୍ରିପାଠୀ, ବଂଶୀଧର ଦାସ, ମନୋଜ ବେହେରା, ବୁଦ୍ଧିରାମ ପାଣ୍ଡବ, ପୂର୍ଣ୍ଣଚନ୍ଦ୍ର ପାଣ୍ଡବ ପ୍ରମୁଖ ପହଞ୍ଚିଥିଲେ। ନିକଟରେ ପ୍ରଧାନଶିକ୍ଷକ ଶ୍ରୀ ଓଝାଙ୍କ ଉଦ୍ୟମରେ ବିଦ୍ୟାଳୟ 'ପ୍ରକୃତି ମିତ୍ର' ପୁରସ୍କୃତ ହୋଇଛି।

ସରସଦା ପ୍ରାଥମିକ ସେବା ସମବାୟ ସମିତି: ଋଣ ପରିଶୋଧ ପରେ ଫେରସ୍ତ ହେଉନି ବନ୍ଧକ ଜମି

ଭଣ୍ଡାରିପୋଖରୀ,୩୧।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ସରସଦା ପ୍ରାଥମିକ ସେବା ସମବାୟ ସମିତିର ଋଣ ଗ୍ରହିତା ଦାମୋଦର ନାୟକ ଋଣ ପରିଶୋଧ କରିବା ପରେ ସମିତିରେ ବନ୍ଧକ ପଡ଼ିଥିବା ଜମି ଫେରସ୍ତ ହେଉ ନ ଥିବା ଅଭିଯୋଗ ହୋଇଛି। ଦାମୋଦର ଚଳିତ ବର୍ଷ ସମିତିରୁ କୃଷି ଋଣ ନେଇଥିଲେ। ଏଥିପୂର୍ବରୁ ଦାମୋଦରଙ୍କ ପତ୍ନୀ ତୁଳସୀ ସମିତିକୁ ଋଣ ପାଇଁ ଜମି ବନ୍ଧକ ଦେଇଥିଲେ। ମାତ୍ର ଋଣ ଗ୍ରହଣ କରିପାରି ନ ଥିଲେ। ଦାମୋଦର ନିଜ ନାମରେ ଗ୍ରହଣ କରିଥିବା ୯୭ ହଜାର ୩୪୦ ଟଙ୍କା ଋଣ ଚଳିତ ମାସ ୧୬ ତାରିଖରେ ସମବାୟ ବ୍ୟାଙ୍କରେ ସମିତି ନାମରେ ପୈଠ କରି ରସିଦ୍ ହାସଲ କରିଥିଲେ। ଇତି ମଧ୍ୟରେ ତୁଳସୀଙ୍କର ମୃତ୍ୟୁ ହୋଇଯାଇଥିବାରୁ ସମିତିକୁ ତୁଳସୀ ଦେଇଥିବା ବନ୍ଧକ ଜମି ଉତ୍ତରାଧିକାରୀଙ୍କୁ ଫେରସ୍ତ ଦେବା ପାଇଁ ଦାମୋଦର ବାରମ୍ବାର ଉଭୟ ସମିତି ଓ ସମବାୟ ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଭଦ୍ରକ ସମବାୟ ସମିତି ଉପନିବନ୍ଧକଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସ୍ଥାନୀୟ ଶାଖା ପରିଚାଳକ ସରସଦା ସମିତି ସମ୍ପାଦକଙ୍କୁ ଜମି ଫେରସ୍ତ ଦେବା ପାଇଁ ଲିଖିତ ଭାବେ ଜଣାଇବା ସହ ଭଦ୍ରକ ସମବାୟ ସମିତି ଉପନିବନ୍ଧକଙ୍କୁ ପତ୍ର ଲେଖି ପଦକ୍ଷେପ ନେବାକୁ ଅନୁରୋଧ କରିଥିବା ଜଣାଯାଇଛି। ସରସଦା ସମିତି ସମ୍ପାଦକଙ୍କ ନମୁନା ଦସ୍ତଖତ ବଦଳାଯାଇ ନ ଥିବାରୁ ଜମି ଫେରସ୍ତ କରାଯାଇ ପାରୁନାହିଁ ବୋଲି ସମିତି ସମ୍ପାଦକ ବିରଞ୍ଚି ନାରାୟଣ ରାଉତ ସଫେଇ ଦେଇଛନ୍ତି। ଋଣ ପୈଠ କରିସାରି ଜମି ଫେରସ୍ତ ପାଇପାରୁ ନ ଥିବାରୁ ଏହାକୁ ନେଇ ଥାନାରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

ଜୀବନ ଜ୍ୟୋତି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଜଗନ୍ନାଥ ପ୍ରସାଦ ଚାମ୍ପିଅନ

ଭଣ୍ଡାରିପୋଖରୀ, ୩୧।୧ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ ଚତୁର୍ଭୁଜପୁରରେ ଅନୁଷ୍ଠିତ ଜୀବନ ଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଜଗନ୍ନାଥ ପ୍ରସାଦ ଓ ସୋଲାପାରି ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୩ ମ୍ୟାଚ୍ ବିଶିଷ୍ଟ ଫାଇନାଲ୍‌ରେ ଜଗନ୍ନାଥ ପ୍ରସାଦ ଦୁଇ ଥର ଜିତି ଚାମ୍ପିଅନ ହୋଇଛି। ନିର୍ଣ୍ଣାୟକ ମ୍ୟାଚ୍‌ରେ ଜଗନ୍ନାଥ ପ୍ରସାଦ ଟସ୍ ଜିତି ୫ ଓଭରରେ ୩ ୱିକେଟ୍ ହରାଇ ୮୭ ରନ୍ ସଂଗ୍ରହ କରିଥିଲା। ଜବାବରେ ସୋଲାପାରି ନିର୍ଦ୍ଧାରିତ ଓଭରରେ ୪ୱିକେଟ୍ ହରାଇ ୬୩ ରନ୍ ସଂଗ୍ରହ କରିଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ବିଜୁ, ବେଷ୍ଟ ବୋଲର ହାପି ପୁରସ୍କୃତ ହୋଇଥିଲେ। ବିକାଶ ପରିଡ଼ା ଓ ଉମାକାନ୍ତ ପରିଡ଼ା ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାଳଦା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଭାଗିରଥୀ ପରିଡ଼ା, ଯୁବ ନେତା ପ୍ରତ୍ୟୁଷ ସାମଲ, ଅଦ୍ୱୈତ ପରିଡ଼ା, ସାମ୍ବାଦିକ ରାଜେନ୍ଦ୍ର ଶତପଥୀ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅଖଣ୍ଡ, ବିଠୁଲୁ, ଆକାଶ, ରବି, ଆଲୋକ, ସିବୁ, କାଲୁ, ମାନସ, ପିଙ୍କୁନ, ଗୋପବନ୍ଧୁ ପ୍ରମୁଖ ପରିଚାଳନା କରିଥିଲେ।

ଜାତୀୟ ସଡ଼କ ସୁରକ୍ଷାର ମାସିକ ଉଦ୍‌ଯାପନୀ ଉତ୍ସବ

ଭଦ୍ରକ,୩୧।୧(ସମିସ): ଶନିବାର ଜାତୀୟ ସଡ଼କ ସୁରକ୍ଷାର ମାସିକ ଉଦ୍‌ଯାପନୀ ଉତ୍ସବ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ଲୋକମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ପ୍ରତି ଯେଉଁ ସଚେତନତା କରାଯାଇଛି ତାକୁ ଅଧିକ ମାତ୍ରାରେ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ସଡ଼କ ଦୁର୍ଘଟଣା ହ୍ରାସ ଓ ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବାକୁ ବରେଣ୍ୟ ଅତିଥି ଏସ୍‌ପି ମନୋଜ କୁମାର ରାଉତ କହିଛନ୍ତି। ଗତି ନିୟନ୍ତ୍ରଣ, ହେଲ୍‌ମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର ନିଶ୍ଚିତକରଣ, ମଦ୍ୟପାନ କରି ଯାନବାହନ ଚାଳନା ବିରୋଧରେ କଠୋର ପଦକ୍ଷେପ ନେବା ସହିତ ଜନସଚେତନତା କାର୍ଯ୍ୟକ୍ରମକୁ ଅଧିକ ଗତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ ଶ୍ରୀ ରାଉତରାଏ ଓ ଏସ୍‌ପି ଶ୍ରୀ ରାଉତ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୧ମାସ ଧରି ଆୟୋଜିତ ଏହି ସଡ଼କ ସୁରକ୍ଷା ମାସରେ ଛାତ୍ରଛାତ୍ରୀମାନଙ୍କୁ ନେଇ ସାଇକଲ ରାଲି, ଯୁବକଙ୍କ ବାଇକ୍ ରାଲି ଓ ସଡ଼କ ସୁରକ୍ଷାରେ ବିଭିନ୍ନ ବିଦ୍ୟାଳୟର ପ୍ରଯୁକ୍ତି ପ୍ରଦର୍ଶନୀ ଅନୁଷ୍ଠିତ କରାଯାଇ ସଚେତନତା କରାଯାଇଥିଲା। ରାସ୍ତାରେ ଗାଡ଼ି ଚଳାଇବାବେଳେ ଟ୍ରାଫିକ୍ ନିୟନ୍ତ୍ରଣ, ଗାଡ଼ି ଚଳାଇବା ସମୟରେ ଜନଗହଳି ରାସ୍ତାରେ ସେନ୍ସର ମାଧ୍ୟମରେ ସଚେତନତା ନେଇ ପ୍ରଦର୍ଶିତ କରାଯାଇଥିଲା। ଏମ୍‌ଭିଆଇ ବାମଦେବ ସାହୁ, ଜିଲ୍ଲା ସଡ଼କ ସୁରକ୍ଷା କମିଟି ସଭ୍ୟ ରୋଟାରିଆନ ଅତିସ୍ ବେହେରା, ସଭ୍ୟ ସାମ୍ବାଦିକ ରବିନାରାୟଣ ଖିଲାର, ବସ୍ ସିଣ୍ଡିକେଟ୍ ସଭାପତି ଶ୍ରୀନିବାସ ପତି, ସମ୍ପାଦକ ରାଜେନ୍ଦ୍ର ମହାପାତ୍ର, ରାଜେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସ ଉକ୍ତ ଉତ୍ସବର ସଂଯୋଜନା କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଟ୍ରାଫିକ୍ ପୁଲିସ, ଆର୍‌ଟିଓ କର୍ମଚାରୀ ଓ ବିଭିନ୍ନ ସଂଗଠନର ମୁଖ୍ୟଙ୍କୁ ଜିଲ୍ଲାପାଳ ଓ ଏସ୍‌ପି ସମ୍ବର୍ଦ୍ଧିତ କରିଥିଲେ।

କଚ୍ଛପ ଗତିରେ ଚାଲିଛି ଧାନକିଣା; ଚାଷୀ ହତାଶ

ଭଦ୍ରକ,୩୧।୧(ସମିସ)

ଭଦ୍ରକ ଜିଲ୍ଲାରେ ଗତ ଖରିଫ ବର୍ଷରେ ଜାନୁଆରୀ ୫ରୁ ଧାନକିଣା ଆରମ୍ଭ ହୋଇ ୩୧ ତାରିଖ ସୁଦ୍ଧା ପର୍ଯ୍ୟାପ୍ତ ପରିମାଣର ଧାନ କିଣା ସରିଥିଲା। ଚଳିତ ବର୍ଷ କିନ୍ତୁ କଚ୍ଛପ ଗତିରେ ଚାଲିଛି ଧାନକିଣା। ଫଳରେ ଚାଷୀ ହତାଶ ହୋଇପଡ଼ିଲେଣି। ନିଜ ବର୍ଷକର ଅମଳକୁ ବସ୍ତାରେ ପୂରାଇ ପ୍ରାପ୍ୟ ପାଇବା ନେଇ ଏବେ ଚାଷୀମାନେ ସଂଶୟ ପ୍ରକାଶ କରିଛନ୍ତି। ଏହାର ସୁଯୋଗ ନେଇ ବେପାରୀ ଚାଷୀଙ୍କଠାରୁ କମ୍ ଦରରେ ଧାନ ରାଜ୍ୟ ବାହାରକୁ ବୋହିନେଲେଣି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ଗତ ଶୁକ୍ରବାର ଜିଲ୍ଲାକୁ ଆସି ସମୀକ୍ଷା କରିଥିବା ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ଦେଇଥିବା ବିବୃତି ଜିଲ୍ଲାରେ ଧାନକିଣାରେ ହୋଇଥିବା ଅବହେଳାକୁ ସ୍ୱତଃ ପ୍ରମାଣିତ କରିଥିବା ଆଲୋଚନା ହେଉଛି।

■ ଯୋଗାଣ ମନ୍ତ୍ରୀଙ୍କ ବିବୃତି ଧାନକିଣା ଅବହେଳାକୁ ସ୍ୱତଃ ପ୍ରମାଣିତ କରୁଛି
■ ୮୭୭୩ ଚାଷୀଙ୍କଠାରୁ ୩,୪୭,୨୯୨ କ୍ୱିଣ୍ଟାଲ ଧାନ କିଣା ହୋଇଛି

ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ, କଟ୍‌ନୀଛଟ୍‌ନୀ ନୁହେଁ ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ମିଲର୍ସ ନ ଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି ଓ ଜିଲ୍ଲା ବାହାର ମିଲରଙ୍କୁ ଧାନକିଣାରେ ସାମିଲ୍ କରାଯିବ। ମିଲର୍ସ କମ୍ ଥିବା କଥା କଣା ଜିଲ୍ଲା ପ୍ରଶାସନ, ଯୋଗାଣ ବିଭାଗ ସର୍ବୋପରି ରାଜ୍ୟ ଯୋଗାଣ ନିଗମକୁ ପୂର୍ବରୁ ଅଜଣା ଥିଲା କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏଭଳି ହାଲୁକା ବିବୃତି ଦେଇ ଧାନକିଣା ବିଳମ୍ବତା ଓ ଅବହେଳାର ଅପବାଦରୁ ନିଜକୁ ରକ୍ଷା କରିବାକୁ ଏହା ଅପଚେଷ୍ଟା କରାଯାଉଛି ବୋଲି ମଧ୍ୟ ଅଭିଯୋଗ ହେଉଛି। ଏପରିସ୍ଥଳେ ଜିଲ୍ଲାରେ ଧାନକିଣା ପାଇଁ ୫୦ ମିଲରଙ୍କ ଆବଶ୍ୟକ ଥିବାବେଳେ ଅଛନ୍ତି ମାତ୍ର ୨୨। ସେଥିରୁ ୨୦ଜଣ ଧାନକିଣାରେ ସାମିଲ୍ ହୋଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ଜିଲ୍ଲାରେ ଗତ ଶୁକ୍ରବାର ସୁଦ୍ଧା ୮୭୭୩ ଜଣ ପଞ୍ଜିକୃତ ଚାଷୀଙ୍କଠାରୁ ୩ଲକ୍ଷ ୪୭ହଜାର ୨୯୨ କ୍ୱିଣ୍ଟାଲ ଧାନ କିଣା ଯାଇଥିବା ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଯାହା ଜିଲ୍ଲାରେ କଚ୍ଛପ ଗତିରେ ଧାନକିଣା ଯାଉଥିବା ଘଟଣାକୁ ସୂଚିତ କରୁଛି।

ସୂଚନାଯୋଗ୍ୟ, ଜିଲ୍ଲା ପ୍ରଶାସନ ଗତ ୫ ତାରିଖରେ ଜିଲ୍ଲାସ୍ତରୀୟ ମଣ୍ଡି ଭଦ୍ରକ ବ୍ଲକ୍ ଅଧୀନ ବ୍ରହ୍ମପୁର ସେବା ସମବାୟ ସମିତିଠାରେ ଉଦ୍‌ଘାଟନ କରିଦେଲେ। ପରେ ଜିଲ୍ଲାର ଅଧିକାଂଶ ସ୍ଥାନରେ ଏକାଧିକ ମଣ୍ଡି ଶୁଭାରମ୍ଭ ହୋଇଥିଲେ ବି ମୁଠାଏ ଧାନ ଚାଷୀଙ୍କଠାରୁ କିଣାଯାଇ ପାରି ନ ଥିଲା। ଧାନ କିଣାରେ ବିଳମ୍ବତା ଯୋଗୁଁ ଚାଷୀଙ୍କୁ ବଙ୍ଗ ଓ ଆନ୍ଧ୍ରର ବେପାରୀ ଚାଷୀଙ୍କୁ କମ୍ ଦରରେ ଧାନ ଦେବାକୁ କେତେକ ଦଲାଲଙ୍କ ଜିଲ୍ଲାତମାମ କାରବାର କରୁଥିବା ସୂଚନା ମିଳିଛି। ଭଦ୍ରକ ଜିଲ୍ଲାର ଏଥର ମୋଟ୍ ୯୬ ହଜାର ୨୩୩ ଜଣ ଚାଷୀ ଧାନ ବିକିବାକୁ ପଞ୍ଜିକୃତ ହୋଇଛନ୍ତି। ଏଥର ଖରିଫ୍ ଧାନ କ୍ରୟରେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ୧୩ ଲକ୍ଷ ୩୦ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ(ଟର୍ଗେଟ) ଧାର୍ଯ୍ୟ ହୋଇଛି। ଏଥର ଧାନକିଣାରେ ଜିଲ୍ଲାର ୨୨ ମିଲର ସାମିଲ୍ ହୋଇଥିଲେ। ୧୦୫ଟି ପାକ୍ସ(ସମବାୟ ସମିତି), ୫୦ଟି ମହିଳା ଗୋଷ୍ଠୀଙ୍କୁ ମିଶାଇ ମୋଟ ୧୫୫ ସଂସ୍ଥା ଧାନକିଣାରେ ନିୟୋଜିତ ହୋଇଥିଲେ। ଏବେ ଜିଲ୍ଲାର ୮୦ ହଜାରରୁ ଅଧିକ ପଞ୍ଜିକୃତ ଚାଷୀ ସେମାନଙ୍କ ଧାନ କେବେ ବିକିବେ ସେନେଇ ମଧ୍ୟ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି।

ବିଜ୍ଞାନ ମେଳାରେ ୧୯ ପ୍ରକଳ୍ପ ପ୍ରଦର୍ଶିତ

ବାସୁଦେବପୁର,୩୧।୧(ସମିସ): ପାର୍ବତୀ ପ୍ଲେ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବିଜ୍ଞାନ ଶିକ୍ଷକ କମଳାକାନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍କୁଲର ପ୍ରତିଷ୍ଠାତା ରମେଶ ଚନ୍ଦ୍ର ସାମଲ, ଅଧ୍ୟକ୍ଷ ସୌମ୍ୟରଞ୍ଜନ ସାମଲ ଯୋଗଦେଇଥିଲେ। ଏଥିରେ ୧୯ ଜଣ କୁନି ବୈଜ୍ଞାନିକ ସେମାନଙ୍କ ଖିଆଲି ମନର ଅଭୂତପୂର୍ବ ବିକଶିତ ଚିନ୍ତାଧାରାକୁ ପରିପ୍ରକାଶ କରିବା ପାଇଁ ୧୯ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ମେଳା ଜ୍ଞାନ ପାଇଁ ନୁହେଁ, କୁନି କୁନି ଶିଶୁମାନଙ୍କ ମଧ୍ୟରେ ନୂତନ ପରିକଳ୍ପନା ଓ ନୂତନ ଉଦ୍ଭାବନ କରିବା ପାଇଁ ରାସ୍ତା ଦେଖାଇବ ବୋଲି ରମେଶ ଚନ୍ଦ୍ର ସାମଲ କହିଥିଲେ। ପ୍ରଦର୍ଶିତ ହୋଇଥିବା ସମସ୍ତ କୁନି ବୈଜ୍ଞାନିକଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ।

କଂଗ୍ରେସ ପକ୍ଷରୁ ପ୍ରତିବାଦ ସଭା

ଦୋଳସାହି,୩୧।୧(ସମିସ): ତିହିଡ଼ି କାଳୀ ପଡ଼ିଆରେ ଶନିବାର କଂଗ୍ରେସ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିବାଦ ସଭାରେ ମୁଖ୍ୟ ଅତିଥି ଭାବେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ ଦାସ, ରାଜ୍ୟ ମହିଳା ଦଳ କଂଗ୍ରେସ ଅଧ୍ୟକ୍ଷା ଉଷାରାଣୀ ବେହେରା, ବ୍ଲକ୍ କଂଗ୍ରେସ ସଭାପତି ସରୋଜ ଦାସ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, କଂଗ୍ରେସ ନେତା ଅମିୟ ମହାପାତ୍ର, ଅସିତ୍ ପଟ୍ଟନାୟକ, ବିଦ୍ୟାଧର ବେହେରା, ରଞ୍ଜନ ବେହେରା, ଦିଗମ୍ବର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ସାମିଲ୍ ହେବା ସହ ସରକାର ଚାଷୀ ମାରଣ ନୀତି, ବିଦ୍ୟୁତ୍ ବିଭାଗ ପକ୍ଷରୁ ହିତାଧିକାରୀଙ୍କୁ ଶୋଷଣ କରିବା, ମାଗଣା ୩୦୦ ୟୁନିଟ୍ ବିଦ୍ୟୁତ୍ କେବେ ଆଦି ବିଭିନ୍ନ ଧରଣର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା।

ଧର୍ମପରାୟଣ ମହିଳାଙ୍କ ପରଲୋକ

ଅସୁରାଳି,୩୧।୧(ସମିସ): ଶାରଦା ଦେବୀ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀଧର ସାହୁଙ୍କ ମାଆ କନକଲତା ସାହୁ (୭୩)ଙ୍କର ଶନିବାର ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣ ମହିଳା ଓ ଭାଗବତ ପ୍ରେମୀ ଭାବେ ପରିଚିତ ଥିଲେ। କୋଠାରସ୍ଥିତ ବାସଭବନରେ ବହୁ ଅଧ୍ୟାପକ, ନେତା, ରାଜନେତା, ସମାଜସେବୀ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଅଧ୍ୟକ୍ଷ ବିଶ୍ୱମ୍ବର ଦାଶ, ଅଧ୍ୟାପିକା ମନୋରମା ନାୟକ, ଅପର୍ଣ୍ଣା ପଣ୍ଡା, ହେମନ୍ତ ପାଣିଗ୍ରାହୀ, ମନୋଜ ବାରିକ, ପ୍ରଶାନ୍ତ ବେହେରା, ନିମାଇଁ ନାୟକ, ଦୀପକ ବେହେରା, ଜିବେଶ ନାୟକ, ଆଲୋକ ନାୟକ, ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶବଦାହ କରାଯାଇଥିଲା। ପୁତ୍ର ଶ୍ରୀଧର ସାହୁ ମୁଖାଗ୍ନି ଦେଇଥିଲେ।

ଓଡ଼ଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ

ବନ୍ତ/ଆଗରପଡ଼ା,୩୧।୧(ସମିସ): ବନ୍ତ ବ୍ଲକ୍ ଓଡ଼ଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ମାସିକ ବୈଠକ ମଙ୍ଗୁଲି ସରକାରୀ ସଂଯୁକ୍ତ ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମାକାନ୍ତ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପରମେଶ୍ୱର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜେକେ ନୋଡାଲ ଓଡ଼ଙ୍ଗ ବିଦ୍ୟାଳୟ ପ୍ରଧାନଶିକ୍ଷକ ମାଧବାନନ୍ଦ ମୁଣ୍ଡା, ହରିହର ଉପ୍ରା(ମଇ) ବିଦ୍ୟାଳୟ ବୋଡ଼କପାଟଣାର ପ୍ରଧାନଶିକ୍ଷକ ବିନୋଦ ବିହାରୀ ଜେନା, ପ୍ରେମଲତା ଜେନା, ବାରିଆଲ୍ ଟୁଡୁ, ସନାତନ ଦାଶ, ସରସ୍ୱତୀ ନାଥ, ହଳଧର ସେଠୀ, ରଞ୍ଜିତା ମଲ୍ଲିକ, ମାନସ ରଞ୍ଜନ ସେଠୀ, ଅମର ସ୍ୱାଇଁ, ବିଦ୍ୟୁତ୍‌ପ୍ରଭା ମଲ୍ଲିକ, ମହାମାୟା ଜେନା, ଅନୁସୟା ଜେନାଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇ ସହଜ ସରଳ ଭାବରେ ଶିକ୍ଷାଦାନ କଲେ ପିଲା ଗ୍ରହଣ କରିବା ସଙ୍ଗେ ସଙ୍ଗେ ଅଧିକ ଶିକ୍ଷା ଗ୍ରହଣ କରିପାରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା।

ବନ୍ତ ବ୍ଲକ୍‌ର ବେଷ୍ଟ ବିଏଲ୍‌ଓଙ୍କୁ ସମ୍ବର୍ଦ୍ଧନା

ବନ୍ତ/ଆଗରପଡ଼ା,୩୧।୧(ସମିସ): ଗଣିଜାଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷକଶିକ୍ଷୟିତ୍ରୀଙ୍କ ବୈଠକ ଓ ସମ୍ବର୍ଦ୍ଧନା ସଭା ବୃନ୍ଦାବନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଧନକେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିନାୟକପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଟୁଟୁ କୁମାର ପାଲଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟୁଟୁ କୁମାର ପାଲଙ୍କୁ ଭଦ୍ରକ ସହିଦ୍ ସ୍ମୃତି ଭବନରେ ବନ୍ତ ବ୍ଲକ୍‌ର ବେଷ୍ଟ ବିଏଲ୍‌ଓ(ବୁଥ୍‌ସ୍ତରୀୟ ଅଧିକାରୀ) ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୈଠକରେ ପ୍ରଧାନଶିକ୍ଷକ ରଞ୍ଜନ କୁମାର ମୁଣ୍ଡା, ତନୁଜାବାଳା ଜେନା, କଳ୍ପନା ଦାଶ, କଳ୍ପନା ରାଉଳ, ରମାକାନ୍ତ ବେହେରା, ରାଜଶ୍ରୀ ନାୟକ, ସତ୍ୟବ୍ରତ ଦେହୁରୀ, ନିର୍ମଳା ବେହେରା, ଅହଲ୍ୟା ସିଂ, ମମତା ମହାନ୍ତି, ଅନାଦି ଚରଣ ନାୟକ, ଜ୍ୟୋସ୍ନାରାଣୀ ବେହେରା, ନୀଳମାଧବ ଦାସ, ସୁଧାମଣି ଜେନା, ଆଶିଷ ଜେନା, ସୋମନାଥ ଧଳ, ନିର୍ମଳା ବେହେରା, ଶଶିରେଖା ନାୟକ, କୌଶଲ୍ୟା ବେହେରା ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ।

କବି ଦିବ୍ୟସିଂହ ଦାସ ଅଧିକାରୀ ସ୍ମୃତି ସଂସଦର ବାର୍ଷିକ ଉତ୍ସବ

ତିହିଡ଼ି,୩୧।୧(ସମିସ): ବିଶିଷ୍ଟ କବି 'ଦିବ୍ୟସିଂହ ଦାସ ଅଧିକାରୀ ସ୍ମୃତିସଂସଦ' ପକ୍ଷରୁ ସ୍ଥାନୀୟ ବ୍ରିଗେଡ୍ ସୈନିକ ସ୍କୁଲ ପରିସରରେ କବିଙ୍କ ୩ୟ ବାର୍ଷିକ ସ୍ମୃତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ କବିତାରେ ଦିବ୍ୟସିଂହଙ୍କ ସ୍ଥାନ ଓ ତାଙ୍କ କାବ୍ୟ ଚେତନାର ଗଭୀରତାକୁ ନେଇ ଅତିଥିମାନେ ଆଲୋକପାତ କରିଥିଲେ। କବିଙ୍କ ଜୀବନ ଓ ସୃଷ୍ଟିକୁ ନେଇ ସଙ୍କଳିତ ସମୀକ୍ଷା ଗ୍ରନ୍ଥ 'ଦିବ୍ୟସିଂହ ଦାସ ଅଧିକାରୀ: ସୃଷ୍ଟି ଓ ସମୀକ୍ଷା' ଅତିଥିମାନଙ୍କ ଦ୍ୱାରା ଲୋକାପରିତ ହୋଇଥିଲା। ଏହି ପୁସ୍ତକଟିକୁ ଆଗରପଡ଼ା କଲେଜର ଅଧ୍ୟାପକ ଡ. ଅରବିନ୍ଦ ଦାସ ସମ୍ପାଦନା କରିଥିବାବେଳେ 'ଟଂଗ ପ୍ରକାଶନୀ'ର ପ୍ରକାଶକ ରାଜେଶ ସେଠୀ ଏହାର ପ୍ରକାଶକ ଥିଲେ। ଏହି ଅବସରରେ ବିଶିଷ୍ଟ କବି ପ୍ରାଧ୍ୟାପକ ହୃଦାନନ୍ଦ ପାଣିଗ୍ରାହୀଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ଦିବ୍ୟସିଂହ ଦାସ ଅଧିକାରୀ କବିତା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଡ. ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ସାରସ୍ୱତ ସଂଗଠକ ଶଚିକାନ୍ତ ନାୟକ ଯୋଗଦେଇ କବିଙ୍କ ବହୁମୁଖୀ ପ୍ରତିଭାକୁ ସ୍ମରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଅବନୀ କୁମାର ପ୍ରଧାନ, ପି. ହୃଷୀକେଶ, ବିଜୟ ବହଳି, ଗୀତାରାଣୀ ଆଇଚ, ଶ୍ରଦ୍ଧାଞ୍ଜଳି ମିଶ୍ର, ଅରୂପାନନ୍ଦ ନାୟକ, ରମେଶ ଚନ୍ଦ୍ର ଦାସ, ଜଗବନ୍ଧୁ ଦାସ ଅଧିକାରୀ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ବିପ୍ଳବ ରଞ୍ଜନ ପତିଙ୍କ ସଂଯୋଜନାରେ ସ୍ମୃତିକବିତା ପାଠୋତ୍ସବରେ କବି ବୈକୁଣ୍ଠନାଥ ଓଝା, ଦେବେନ୍ଦ୍ରନାଥ ମହାଳିକ, ସୁରୁଚିପ୍ରଭା ଦାସ, ରୁବିଲତା ଦାସ, ବସନ୍ତ ଦାସ, ବିଶ୍ୱମୈତ୍ରୀ ନାୟକ, ବାବୁରାମ ରାଉତ, ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଶିଶୁ ନୃତ୍ୟଶିଳ୍ପୀ ରଚନା ସାହୁ ଓ ରାଜଲକ୍ଷ୍ମୀ ପଣ୍ଡା ନୃତ୍ୟ ପରିବେଷଣ କରିଥିଲେ। କବିପୁତ୍ର ଶବ୍ଦରଞ୍ଜନ ଦାସ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଜିତ୍ ଜେନା, ନୀଳାମ୍ବର ସେଠୀ, ଶୈଳେନ୍ଦ୍ର ନାରାୟଣ, ଲକ୍ଷ୍ମୀକାନ୍ତ ଦାସ, ଆଶୁତୋଷ ଲେଙ୍କା, ପ୍ରକାଶ ପଣ୍ଡା, ଜଗବନ୍ଧୁ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ମଦନମୋହନଜୀଉ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ଭଦ୍ରକ,୩୧।୧(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ସିଙ୍ଗିଟିସ୍ଥିତ ମଦନମୋହନଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨ୟ ଦିନର ପ୍ରଥମ ଅଧିବେଶନରେ କାର୍ଯ୍ୟକ୍ରମର ସଂଯୋଜନା ଶିକ୍ଷକ ସୁଶାନ୍ତ ମଲ୍ଲିକ କରିଥିବାବେଳେ ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଉପେନ୍ଦ୍ର କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମଞ୍ଚ ଆମନ୍ତ୍ରଣ ରମାକାନ୍ତ ପରିଡ଼ା କରିଥିବାବେଳେ ନକୁଳ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବର ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ନଟବର ଶତପଥୀ, ବରେଣ୍ୟ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ ଦାସ, କଂଗ୍ରେସ ନେତା ଅମୀୟ ମହାପାତ୍ର, ସମ୍ମାନିତ ଅତିଥି ବ୍ଲକ୍ ଅଧ୍ୟକ୍ଷା ମିନତୀ ସୂତାର, ଅଧ୍ୟାପକ ସୁବ୍ରତ ପରିଡ଼ା, କମିଟିର ଆବାହକ ଓ ସମ୍ପାଦକ ପ୍ରଧାନଶିକ୍ଷକ ସରୋଜ ମହଲ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ସୁବ୍ରତ କୁମାର ପରିଡ଼ା ଓ ସ୍କୁଲ ପରିଚାଳନା ସଭାପତି ଦୁର୍ଯ୍ୟୋଧନ ଦାସ ଉପସ୍ଥିତ ଥିଲେ। ମଦନମୋହନ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ଥାନୀୟ ଅଞ୍ଚଳର ବିଦ୍ଧାଣିମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ମହେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ସଫଳ କରିବାରେ କମିଟି ସଦସ୍ୟ ଅଶୋକ ରାଉଳ, ଜ୍ଞାନେନ୍ଦ୍ର ରାଉତ, ମହେଶ୍ୱର ବଳ, ସୁଶାନ୍ତ ପୁହାଣ, ଦେବେନ୍ଦ୍ର ବିଶ୍ୱାଳ, ରାଜେଶ ପରିଡ଼ା, ଶମ୍ଭୁନାଥ ପରିଡ଼ା, ବିନୋଦ ବେହେରା, ଦୁର୍ଯ୍ୟୟ ରାଉତ, ଗୌରହରି ରାଉତ, ଚନ୍ଦ୍ରକାନ୍ତ ପରିଡ଼ା, ପୁରୁଷୋତ୍ତମ ନାୟକ, ଅନାକାର ଦାସ, ରାଜୀବ ରାଉତ, ବଂଶୀଧର ରାଉତ, ଚନ୍ଦ୍ରକାନ୍ତ ପରିଡ଼ା, ଉମାକାନ୍ତ ବଳ ପ୍ରମୁଖ ସହଯୋଗ କରିଥିଲେ। ଦ୍ୱିତୀୟ ଦିନ ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ଜିଲ୍ଲା 'ଓଷ୍ଟା' ସଭାପତି ଶଶୀଶେଖର କରଶର୍ମା, ସମ୍ପାଦକ ପ୍ରଭାତୀ ପାଣିଗ୍ରାହୀ, ବ୍ଲକ୍ 'ଓଷ୍ଟା' ସଭାପତି ପ୍ରଭାକର ପରିଡ଼ା, ସାଧାନକେନ୍ଦ୍ର ସଂଯୋଜିକା ବୀଣାପାଣି ନାୟକ ନାୟକ ଯୋଗଦେଇଥିଲେ।

କୃଷ୍ଣଚରଣ ବିଦ୍ୟାମନ୍ଦିରର ପୁରସ୍କାର ବିତରଣ ଉତ୍ସବ

ବନ୍ତ/ଆଗରପଡ଼ା,୩୧।୧(ସମିସ): ଆଗରପଡ଼ାସ୍ଥ କୃଷ୍ଣଚରଣ ବିଦ୍ୟାମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶରତ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା ଯୋଗଦେଇ ଶିକ୍ଷାନୁଷ୍ଠାନ ହେଉଛି ମଣିଷ ତିଆରି କାରଖାନା, ଏହି ମଣିଷ ତିଆରି କାରଖାନାର କାରିଗର ହେଉଛନ୍ତି ଶିକ୍ଷକ ଓ ଶିକ୍ଷୟିତ୍ରୀ। ଏକ ସୁନ୍ଦର ସମାଜ ଗଢ଼ି ତୋଳିବା ପାଇଁ ଶିକ୍ଷାର ଆବଶ୍ୟକତା ନିହାତି ଜରୁରୀ। ତେଣୁ ଶିକ୍ଷକଶିକ୍ଷୟିତ୍ରୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ତଥା ବିଦ୍ୟାଳୟ ଆଲୁମ୍‌ନି ସଭାପତି ପ୍ରଶାନ୍ତ ଦାଶ, ଜିଲ୍ଲା ପରିଷଦ ସଭ୍ୟା ରୁନିତା ଦାସ, ସରପଞ୍ଚ ତଥା ବିଦ୍ୟାଳୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରକାଶ ବିଶ୍ୱାଳ, ବିନୋଦିନୀ ମହାନ୍ତି, ସାହିତ୍ୟିକ ଜୈନୁଲ ଆବେଦିନ, ଆଗରପଡ଼ା ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡ. ହରିହର ଦାସ, ବିଦ୍ୟାଳୟ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ନିୟତୀ ପଣ୍ଡା, ପରିଚାଳନା କମିଟି ସଭାପତି ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷକ ଅଶୋକ ଖିଲାର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ରଞ୍ଜିତା ନାୟକ ବାର୍ଷିକ ବିବରଣୀ ଓ ନାରାୟଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦିବସବ୍ୟାପୀ ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକଶିକ୍ଷୟିତ୍ରୀ, ପରିଚାଳନା କମିଟି ସଭ୍ୟସଭ୍ୟାମାନେ ପରିଚାଳନାରେ ସହଯୋଗ କରିଥିଲେ।

ସାଇ ପବ୍ଲିକ୍ ସ୍କୁଲର ୫ମ ବାର୍ଷିକ ଉତ୍ସବ

ବାସୁଦେବପୁର,୩୧।୧(ସମିସ): ବାସୁଦେବପୁର ଅନ୍ତର୍ଗତ ଗୁଆଗାଁସ୍ଥିତ ସାଇ ପବ୍ଲିକ ସ୍କୁଲର ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ସାଇ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷ ତପନ ପାଢ଼ୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ କହିଥିଲେ ବାପା-ମାଆ ଓ ଗୁରୁ ଜୀବନ ଯାତ୍ରା ପାଇଁ କବାଟ ଖୋଲା କରି ଦେଇପାରନ୍ତି। ନିଜେ ପରିଶ୍ରମ ନ କଲେ ଆଗକୁ ଯାଇପାରିବ ନାହିଁ। ଭଲ ଶିକ୍ଷା ଲାଭ କଲେ ଜୀବନରେ ଭଲ ମଣିଷ ହୋଇପାରିବ। ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ସଫଳତାର ନିକଟତର କରିବ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ସୁଧାଂଶୁ ପରିଡ଼ା, ସମ୍ମାନିତ ଅତିଥି ଭାବେ ରମାକାନ୍ତ ବାରିକ, ଦିବାକର ମହାପାତ୍ର, ଈଶ୍ୱର ଚନ୍ଦ୍ର ମଣ୍ଡଳ, ବିଷ୍ଣୁଚରଣ ଦାସ, ସୁଧାଂଶୁ ଶେଖର ମିଶ୍ର, ସୁରେଶ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଦୁଃଶାସନ ରାଉତ, ସ୍କୁଲର ପ୍ରତିଷ୍ଠାତା ମୂରଲୀଧର ପାଣିଗ୍ରାହୀ, ସୁଜାତା ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ସେଣ୍ଠ, କିଶୋର ସାହୁ ଯୋଗଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ସୂର୍ଯ୍ୟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଅସୁରାଳି,୩୧।୧(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଧୂଷୁରୀ ପଞ୍ଚାୟତ ଅଧୀନରେ ଥିବା ସୂର୍ଯ୍ୟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସଭାପତିତ୍ୱ କରିଥିଲେ ମହାନ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରାମହରୀ ଗୋସ୍ୱାମୀ। ମୁଖ୍ୟ ଅତିଥିଭାବେ ଧୂଷୁରୀ ଗ୍ରାମ ପଞ୍ଚାୟତ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା କବି ପଣ୍ଡିତ ନୃସିଂହ ଚରଣ ନାୟକ, ସମ୍ମାନିତ ଅତିଥିଭାବେ ଧୂଷୁରୀ ଶିକ୍ଷା ସାଧନ ସଂଯୋଜକ ଅଭୟ ସାହୁ, ନିରୋଦ ବେହେରା, ବାସୁଦେବ ସାମଲ, ରମାକାନ୍ତ ପରିଡ଼ା, ହେମନ୍ତ ସୂତାର, ସମାଜସେବୀ ବ୍ରଜବିହାରୀ ଗୋସ୍ୱାମୀ ପ୍ରମୁଖ ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ଗୋସ୍ୱାମୀ। ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ତରାଇ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ ବିକାଶ କୁମାର ନାୟକ, ଶିକ୍ଷୟିତ୍ରୀ ସସ୍ମିତା ମାଝୀ, ପାର୍ବତୀ ମଣି ଦାସ, ପରିଚାଳନା କମିଟି ସଭାପତି ଓ ସଦସ୍ୟ ସଦସ୍ୟା ଏବଂ ଅଭିଭାବକ ବୃନ୍ଦ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଏବଂ ପରିଚାଳନା କମିଟିର ସଦସ୍ୟସଦସ୍ୟା, ଗ୍ରାମବାସୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ଧାମନଗର ଶୀତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୩ୟ ସନ୍ଧ୍ୟା

ଫାଙ୍କା ପଡ଼ିଛି ଷ୍ଟଲ୍; ଦର୍ଶକ ନାହାନ୍ତି

ଅସୁରାଳି,୩୧।୧(ସମିସ)

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅସୁରାଳିସ୍ଥିତ ସହିଦ ସ୍ମୃତି ଷ୍ଟାଡିୟମ୍‌ରେ ଧାମନଗର ଶୀତ ମହୋତ୍ସବ ମହାସମାରୋହରେ ଆରମ୍ଭ ହୋଇଛି। ତୃତୀୟ ସନ୍ଧ୍ୟାରେ ବିଧାୟକ ତଥା ସିନେ ତାରକା ଆକାଶ ଦାସ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତୃତୀୟ ସନ୍ଧ୍ୟାରେ ବିଷ୍ଣୁ ସେଠୀ ମଞ୍ଚରେ ଧାମନଗର ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା ଓ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦର୍ଶକଙ୍କ ମନୋରଞ୍ଜନ ଲାଗି ପାଇକ ଆଖଡ଼ା ନୃତ୍ୟ, ଘଣ୍ଟପାଟୁଆ ନୃତ୍ୟ, ପଞ୍ଜାବୀ ଭାଙ୍ଗଡ଼ା ଆଦି ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ଅନୁଷ୍ଠିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଧାମନଗର ସମେତ ଭଦ୍ରକ ଜିଲ୍ଲାର ଅନେକ ଦର୍ଶକ ଉପସ୍ଥିତ ରହି ମନୋରଞ୍ଜନ କରିଥିଲେ। ତେବେ ତୃତୀୟ ସନ୍ଧ୍ୟାରେ ବହୁ ବ୍ୟାବସାୟିକ ଷ୍ଟଲ୍ ଖାଲି ରହିଥିବା ଦେଖିବାକୁ ମିଳିଥିଲା। ଦର୍ଶକଙ୍କ ମଧ୍ୟ ମରୁଡ଼ି ପରିସ୍ଥିତି ଦେଖାଦେଇଥିଲା। ବହୁ ଅର୍ଥ ବ୍ୟୟରେ ମହୋତ୍ସବର ବ୍ୟବସ୍ଥା କରାଯାଇଥିଲା ବେଳେ ଦର୍ଶକଙ୍କ ଆସନ ଖାଲି ପଡ଼ିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଏହି ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ ଭିତିରେ କରାଯିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଭଳି ଏକ ସରକାରୀ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅସୁରାଳି ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ଧୂଷୁରୀ ଜିଲ୍ଲା ପରିଷଦ ଜୋନ୍ ସଭ୍ୟ ପ୍ରଦୀପ କୁମାର ମଲ୍ଲିକଙ୍କୁ ଶନିବାର ମହୋତ୍ସବର ୪ର୍ଥ ଦିନରେ ନିମନ୍ତ୍ରଣ ପତ୍ର ଦିଆଯିବାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି।

● ଗାନ୍ଧିଜୀଙ୍କ ୭୮ତମ ତିରୋଧାନ ଦିବସ

ବାପୁଜୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଦାବିପତ୍ର

ଧାମନଗର,୩୧।୧(ସମିସ): ଧାମନଗରସ୍ଥିତ ମହତାବ ସେବା ସଦନ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୮ତମ ତିରୋଧାନ ଦିବସ ପାଳନ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଜନକଲ୍ୟାଣ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସମାଜସେବୀ ସଞ୍ଜୟ କୁମାର ମିଶ୍ରଙ୍କ ଆବାହକତ୍ୱରେ ହୋଇଥିଲା। ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଶିକ୍ଷାବିତ୍ ରସାନନ୍ଦ ମହାପାତ୍ର, ପ୍ରମୋଦ ନାୟକ, ଅଭିମନ୍ୟୁ ମଲ୍ଲିକ, ନାରାୟଣ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଅକ୍ଷୟ କୁମାର ସାହୁ, ସାମ୍ବାଦିକ ପ୍ରମୋଦ କୁମାର ସ୍ୱାଇଁ, ରଜତ ପଣ୍ଡା, ସମାଜସେବୀ ଅରୂପ କୁମାର ନନ୍ଦ, ପ୍ରଭାତ ପଣ୍ଡା, ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ତ୍ୟାଗପୂତ ଜୀବନ ଓ ଅହିଂସା ଆନ୍ଦୋଳନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗାନ୍ଧୀ ଦର୍ଶନରେ ଅନୁପ୍ରାଣିତ ହେବା ସହ ଗାନ୍ଧୀ ମାର୍ଗକୁ ଅନୁସରଣ କଲେ ସମାଜରୁ ଭ୍ରଷ୍ଟାଚାର ଦୂର ହେବା ସହ ସୁନ୍ଦର ସମାଜ ଗଠନ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ହରିହର ସାହୁ ଧନ୍ୟବାଦ ଦେଇଥିଲେ। ଧାମନଗରରେ ଏକ ଗାନ୍ଧୀ ପାର୍କ ଓ ମହାତ୍ମା ଗାନ୍ଧୀଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିର୍ମାଣ କରିବା ପାଇଁ ଏହି ସଂଗଠନ ଶୁକ୍ରବାରଠାରୁ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ସରକରୀ ଜମି ଯୋଗାଇଦେବାକୁ ସଂଗଠନର ସଭ୍ୟମାନେ ଧାମନଗର ତହସିଲ୍‌ଦାରଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସାମ୍ବାଦିକ ସେକ୍ ଜାଫର ଅଲ୍ଲୀ, ସଞ୍ଜୀବ ମହାନ୍ତି, ଲକ୍ଷ୍ମୀନାରାୟଣ ମିଶ୍ର, ଗୋଲାମ ଜିଲାନି ହବିବି, ଚିନ୍ତାମଣି ବାରିକ, ରବିନାରାୟଣ ଜେନା, ସେକ୍ ତାରିକ୍ ଅନୱର, ଦିଲ୍ଲୀପ ବେହେରା ପ୍ରମୁଖ ଯୋଗଦେଇଥିଲେ।

ରାସ୍ତା ଉପରେ ଚୋରା ବାଲି; ଦୁର୍ଘଟଣା ଆଶଙ୍କା

ତୁରୁମୁଙ୍ଗା, ୩୧।୧(ସମିସ)

ସଞ୍ଜ ନଇଁଲେ କେନ୍ଦୁଝର ଜିଲ୍ଲା ବାରିଆ ଓ ତୁରୁମୁଙ୍ଗା ଥାନାଞ୍ଚଳରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳୁଛି । ରାତିସାରା ବାଲିଘାଟରୁ ଶହଶହ ଟ୍ରିପ ବାଲି ହାଇୱା ସହାୟତାରେ ଚୋରା ଚାଲାଣ କରୁଛନ୍ତି । ସବୁ ଜାଣି ଖଣି ବିଭାଗ ଓ ପୁଲିସ ଚୁପ ବସି ରହିଛି । ବାଲି ପରିବହନ ସମୟରେ ହାଇୱାରୁ ବାଲି ପଡ଼ି ରାସ୍ତା ଉପରେ ପଡୁଛି । ଫଳରେ ବାଇକ ଆରୋହୀ ସାଇକଲ ଆରୋହୀ ଙ୍କ ପାଇଁ ବିପଦ ସୃଷ୍ଟି ହେବା ସହ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି । ବାରିଆ ଥାନା ଅନ୍ତର୍ଗତ କାଞ୍ଜିଆଶୁଳା ତୁରୁମୁଙ୍ଗା ରାସ୍ତାର ଜଜପଶି ଶିବ ମନ୍ଦିର ନିକଟରେ ବାଲି ପଡ଼ି ରହିଛି । ଫଳରେ ଏଠାରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି । ଏବେ ତୁରୁମୁଙ୍ଗା ଚମ୍ପୁଆ ପୂର୍ତ୍ତ ବିଭାଗ ରାସ୍ତାର ଜଜପଶି ନିକଟରେ ରାସ୍ତାରେ ବାଲି ପଡି ରହିଥିଲେ ବି ଏଥିପ୍ରତି କାହାରି ଦୃଷ୍ଟି ପଡୁ ନାହିଁ । ଆଗକୁ ଯଦି କୌଣସି ଦୁର୍ଘଟଣା ଘଟେ ସେଥିପ୍ରତି ବାଲି ମାଫିଆ ଦାୟୀ ରହିବେ ନା ସରକାର ଦାୟୀ ହେବ ସେନେଇ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି । ବାରିଆ ଓ ତୁରୁମୁଙ୍ଗା ଥାନା ଦେଇ ଦୈନିକ ଶହଶହ ହାଇୱା ବାଲି ବୋଝେଇ କରି ନେଉଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ବାଲି ମାଫିଆଙ୍କ ଔଦ୍ଧତ୍ୟ ଚରମ ସୀମାରେ ପହଞ୍ଚିଲାଣି । ବେଆଇନ ବାଲି ଚୋରା ଚାଲାଣ ଯୋଗୁଁ ସରକାର ଦୈନିକ କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବା ବେଳେ ବାଲି ମାଫିଆମାନେ ପ୍ରଶାସନ ଆଖିରେ ଆଙ୍ଗୁଠି ଗେଞ୍ଜି କୋଟି କୋଟି ଟଙ୍କା ମୁନାଫା କମାଉଛନ୍ତି । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ ବାଲି ଚୋରି ଉପରେ ରୋକ ଲଗାଇବା ସହ ବାଲି ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

ନାବାଳକକୁ ଛୁରା ମାଡ଼

ଯୋଡ଼ା, ୩୧।୧(ସମିସ): ଯୋଡ଼ା ବସଷ୍ଟାଣ୍ଡରେ ଜଣେ ନବମ ଶ୍ରେଣୀ ଛାତ୍ରକୁ ଛୁରାମାଡ଼ ହୋଇଛି । ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ କମାର ଯୋଡ଼ାର ଏହି ନାବାଳକ ସହ ବସଷ୍ଟାଣ୍ଡରେ ଥିବା କିଛି ନାବାଳକଙ୍କ ଝଗଡ଼ା ହୋଇଥିଲା । ଝଗଡ଼ା ପରେ ଉକ୍ତ ଗୋଷ୍ଠୀର ନାବାଳକମାନେ ଛୁରାମାଡ଼ କରିଥିଲେ । ତୁରନ୍ତ କମାର ଯୋଡ଼ାର ନାବାଳକକୁ ଡାକ୍ତରଖାନା ନିଆଯାଇଥିଲା ବେଳେ ଯୋଡ଼ା ପୁଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

ଆମ ପୁଲିସ ସମିତି ବୈଠକ

ନାରଦପୁର, ୩୧।୧(ସମିସ): ଝୁମ୍ପୁରା ବ୍ଲକ ନାରଦପୁରଠାରେ ଚମ୍ପୁଆ ପୁଲିସ ପ୍ରଶାସନ ପକ୍ଷରୁ ଆମ ପୁଲିସ ସମିତି ବୈଠକ ଗ୍ରାମବାସୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । କାର୍ଯକ୍ରମକୁ ଚମ୍ପୁଆ ଥାନାଧିକାରୀ ସୌରଭ ରଞ୍ଜନ ନାଏକ ପରିଚାଳନା କରିଥିବାବେଳେ ନାରଦପୁର ସରପଞ୍ଚ ହେମନ୍ତି ମୁଦି, ନାଏବ ସରପଞ୍ଚ ଚନ୍ଦନ ବୋଇପାଇ, ପୂର୍ବତନ ସରପଞ୍ଚ କିଶୋର କୁମାର ନାଏକ, ସମସ୍ତ ୱାର୍ଡସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଯୋଗ ଦେଇଥିଲେ । ଏଥିରେ ବିଭିନ୍ନ ପ୍ରକାର ସ୍ଥାନୀୟ ସମସ୍ୟା, ପୁଲିସ ଓ ସାଧାରଣ ଜନତା ମଧ୍ୟରେ କିପରି ସମନ୍ୱୟ ରକ୍ଷା ହୋଇପାରିବ ସେ ବାବଦରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ରିମୁଲି ଫାଣ୍ଡି ଏଏସଆଇ ସନ୍ତୋଷ କୁମାର ନାଏକ, ଲକ୍ଷ୍ମୀଧର ସେଠୀ ସହଯୋଗ କରିଥିଲେ ।

୨୭ ବର୍ଷ ପରେ ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ

ତୁରୁମୁଙ୍ଗା, ୩୧।୧(ସମିସ): ପାଟଣା ବ୍ଲକ ଚିନମାଳିପଶି ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟର ୧୯୯୭ ଓ ୧୯୯୮ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ସମାବେଶରେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ମହାନ୍ତ, କୁଷଧର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ରାମଚନ୍ଦ୍ର ନାୟକ, ବନମାଳି ମହାନ୍ତ, ବିନୋଦ ମହାନ୍ତଙ୍କ ସହ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜ୍ଞାନ ଶିକ୍ଷକ ପ୍ରଦୀପ୍ତ ଷଡଙ୍ଗୀ, ଖେଳ ଶିକ୍ଷକ ଦୋଳଗୋବିନ୍ଦ ମହାନ୍ତ, ସୁଦାମ ମୁର୍ମୁ, ଅଭିମନ୍ୟୁ ନାୟକ, ଭୁବନାନନ୍ଦ ସାହୁ, ଛୋଟରାୟ ମହାନ୍ତ, ଅନାଦି ଚରଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ପୁରାତନ ଛାତ୍ର ଡମ୍ବରୁଧର ମହାନ୍ତ, ଭାବଗ୍ରାହୀ ମହାନ୍ତ ମହେଶ୍ୱର ନାୟକ ଯଶୋଦା ମହାନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ବେଳେ ଦୀର୍ଘ ୨୭ ବର୍ଷ ପରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟର ଉନ୍ନତି ବିଷୟରେ ଆଲୋଚନା କରାଯାଇ ଛାତ୍ରଛାତ୍ରୀଙ୍କ ସହଯୋଗ କାମନା କରାଯାଇଥିଲା ।

ଫକୀରପୁର ସମବାୟସମିତିରେ ଧାନକିଣା ଚଞ୍ଚକତା

ଆନନ୍ଦପୁର, ୩୧।୧ (ସମିସ): ସରକାରଙ୍କ ଧାନ ସଂଗ୍ରହ ବ୍ୟବସ୍ଥାର ଉଲଙ୍ଘନ କରି ଫକୀରପୁର ସେବା ସମବାୟ ସମିତିରେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି । ଚାଷୀଙ୍କ ଅପେକ୍ଷା ବ୍ୟବସାୟୀଙ୍କୁ ସୁଯୋଗ ଦିଆଯାଉଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି । ପରିଚାଳନା ସମିତି ସହ ଉପଯୁକ୍ତ ସମନ୍ୱୟ ରକ୍ଷା ହେଉ ନଥିବାରୁ ଧାନ କିଣାରେ ଅନିୟମିତତା ହେଉଥିବା ଏବଂ ଏଥିଯୋଗୁଁ ଚାଷୀମାନେ ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି । ଟୋକନ ପାଇଥିବା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ସମିତି ସମ୍ପାଦକ ଦୟାନିଧି ଦାସଙ୍କ ଦୃଷ୍ଟି ଆକର୍ଷଣ କରିବାରୁ କହିଛନ୍ତି ଯେ ପରିଚାଳନାରେ ସମନ୍ୱୟ ଅଭାବରୁ ଏପରି ସମସ୍ୟା ହେଉଛି । କେନ୍ଦୁଝର ଜିଲ୍ଲାରେ ଚଳିତ ବର୍ଷ ଖରିଫ୍ ଧାନ କିଣା ୮୨ଟି ସେବା ସମବାୟ ସମିତି ମାଧ୍ୟମରେ ୯୫ଟି ଧାନମଣ୍ଡି ଖୋଲାଯାଇଛି । ୧୧ଟି ନୂତନ ଧାନମଣ୍ଡି ଖୋଲିବା ପାଇଁ ପ୍ରସ୍ତାବ ଆସିଛି । ଚଳିତ ବର୍ଷ ୭୯ ହଜାର ୧୦୮ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି । ଧାନ କିଣା କାରବାରରେ ଯେଉଁ ମିଲର କିମ୍ବା ପ୍ରଶାସନିକ ଅଧିକାରୀମାନେ ଅସାଧୁ ଉପାୟ ଅବଲମ୍ବନ କରିବେ ତଥା କଟନି ଛଟନି କରିବେ ସେମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯିବ ବୋଲି ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ କହିଛନ୍ତି ।

ପାଟଣା ବ୍ଲକ୍‌ରେ ସମ୍ପୂର୍ଣ୍ଣତା ଅଭିଯାନ ଶିବିର

ତୁରୁମୁଙ୍ଗା, ୩୧।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହରେ ଶନିବାର ଆକାଂକ୍ଷା ବ୍ଲକ ଆଧାରିତ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ବ୍ଲକ ଅଧକ୍ଷା ବୀଣାପାଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଯୋଗ ଦେଇଥିଲେ । ବିଡ଼ିଓ ମାନସ କୁମାର ଦଣ୍ଡପାଟ କାର୍ଯ୍ୟକ୍ରମରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅତିଥି ଭାବେ ତହସିଲଦାର ଅଶ୍ୱିନୀ କୁମାର ନାଏକ, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ, ଏଡିଏସଡବ୍ଲୁଓ ସୁଧା ଗୋସ୍ୱାମୀ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ର କାର୍ଯ୍ୟକ୍ରମ ଅଧିକାରୀ ବାସନ୍ତୀ ମହାନ୍ତ, ଭାରପ୍ରାପ୍ତ ଜିପିଡ଼ିଓ ଅଭୟ ଚରଣ ଦେହୁରୀ, ସିଡିପିଓ କଳ୍ପନା ଦୋରା, ପ୍ରମୁଖ ଯୋଗ ଦେଇଥିଲେ । କୃଷି ବିଭାଗ ସମେତ ବ୍ଲକର ସମସ୍ତ ଲାଇନ ବିଭାଗର ଅଧିକାରୀ ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ବ୍ଲକ ଅଞ୍ଚଳର ସରପଞ୍ଚ ଓ ସମିତି ସଭ୍ୟସଭ୍ୟାମାନେ ଯୋଗ ଦେଇଥିଲେ । ବ୍ଲକଟି ଆକାଂକ୍ଷୀ ଯୋଜନାରେ ସାମିଲ ହୋଇଥିବାରୁ ପ୍ରତ୍ୟେକ ବିଭାଗ କିପରି ଦକ୍ଷତା ପ୍ରଦର୍ଶନ ସହ ସରକାରୀ ଯୋଜନାର ଶତପ୍ରତିଶତ ସଫଳତା ହାସଲ କରିବେ ସେନେଇ ମାର୍ଗଦର୍ଶନ କରିଥିଲେ ।

ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

ଆନନ୍ଦପୁର, ୩୧।୧ (ସମିସ): ଆନନ୍ଦପୁର ନିକଟସ୍ଥ ଗୋହିରା ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ଉଇଙ୍ଗସ୍ ଉଡାନ୍ ସପନୋ କି ପାଳିତ ହୋଇଯାଇଛି । ଉତ୍ସବରେ କେନାଲ ମ୍ୟାନ ଅଫ ଓଡ଼ିଶା ଭାବେ ପରିଚିତ ପଦ୍ମଶ୍ରୀ ଦଇତାରୀ ନାଇକ ମୁଖ୍ୟଅତିଥି ଭାବେ ସଂଘର୍ଷକୁ ସାମ୍ନା କରିବାକୁ ଦୃଢ ପ୍ରତିଜ୍ଞାର ଆବଶ୍ୟକତା ଅଛି ବୋଲି ମତ ବ୍ୟକ୍ତ କରିଥିଲେ । ଉଦଘାଟକ ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମଣି ସୁନା, ମୁଖ୍ୟବକ୍ତା ଆପେକ୍ସ ଇଂରାଜୀମାଧ୍ୟମ ସ୍କୁଲରର ଚେୟାରମ୍ୟାନ ଡ. ଅନୀଲ କୁମାର ରାୟ, ବିଶେଷ ଅତିଥି ଘସିପୁରା ବ୍ଲକ ଏଜୁକେସନ ଅଫିସର ସତ୍ୟସ୍ମାନ ପଣ୍ଡା, ଗୋହିରା ସରପଞ୍ଚ ମନ୍ଦାକିନୀ ପାତ୍ର ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଆନନ୍ଦପୁର ଉପଖଣ୍ଡର ଦୁଇ ମହାନ ଗୁରୁ ଭାସ୍କରଚନ୍ଦ୍ର ଖୁଣ୍ଟିଆ ଓ ସରୋଜ କୁମାର ପଣ୍ଡାଙ୍କୁ ଅନୁଷ୍ଠାନ ତରଫରୁ "ଗୁରୁବନ୍ଦନା ଆୱାର୍ଡ" ପ୍ରଦାନ କରାଯାଇଥିଲା । ଅତିଥିଙ୍କ ଗହଣରେ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ମ୍ୟାନେଜିଂ ଟ୍ରଷ୍ଟି ଡ.ଅଶୋକ କୁମାର ପୁହାଣ ଏହି ପୁରସ୍କାର ପ୍ରଦାନ କରିଥିଲେ । ଉତ୍ସବରେ ସ୍କୁଲର ଅଧକ୍ଷା ଡ. ସୁଜାତ ଘୋଷ ସ୍ୱାଗତ ଭାଷଣ ଓ ସ୍କୁଲର ମ୍ୟାନେଜିଙ୍ଗ ଟ୍ରଷ୍ଟି ଡ.ଅଶୋକ କୁମାର ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିଲେ । ସ୍କୁଲର ଚେୟାରମ୍ୟାନ ଅଲେଖଚନ୍ଦ୍ର ମଲ୍ଲିକ ଛାତ୍ରଛାତ୍ରୀଙ୍କୁ ତଥା ଅଭିଭାବକଙ୍କୁ ଉଦବୋଧନ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଇଂରାଜୀ ଅଧ୍ୟାପିକା ପ୍ରିୟଙ୍କା ସାହୁ ଓ ଶିକ୍ଷକ ସୁବ୍ରତ ରାମ ପରିଚାଳନା କରିଥିଲେ । ବିଦ୍ୟାଳୟର ଉପାଧକ୍ଷା ଶିକ୍ଷାରତ୍ନ ରଞ୍ଜିତା ଜେନା ପାଟସାଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଯୋଡ଼ା ମହିଳା କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ

ଯୋଡ଼ା, ୩୧।୧(ସମିସ): ଯୋଡ଼ା ମହିଳା ମହାବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୧୯ ତାରିଖରେ ଆରମ୍ଭ ହେଇ ୩୧ ତାରିଖରେ ଉଦଯାପିତ ହୋଇଛି । ୧୩୯ ଜଣ ଛାତ୍ରୀ ୩ଟି ଗ୍ରୁପରେ ବିଭକ୍ତ ହୋଇ ଅଂଶଗ୍ରହଣ କରିଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ ଛାତ୍ରୀମାନେ ଶିକ୍ଷାଲାଭ କରିଥିବା କଳା କୌଶଳ ପ୍ରଦର୍ଶନ କରିଥିଲେ । ଶେଷରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ କଲେଜର ଅଧକ୍ଷ, ପ୍ରାଧାପକ ବିଜୟ ନାୟକ । କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ମାଷ୍ଟର ଟ୍ରେନର ଭାରତୀ ଭଗବତୀ ଓ ସାଇପ୍ରିୟା ରାଉତ । ସଂଯୋଜନା କରିଥିଲେ ଅଧ୍ୟାପିକା ସୁମନପ୍ରଭା ତିର୍କୀ ।

ଛାତ୍ରଛାତ୍ରୀ ଅସୁସ୍ଥ ଘଟଣାର ତଦନ୍ତ

ତୁରୁମୁଙ୍ଗା, ୩୧।୧(ସମିସ): ସାହାରପଡା ବ୍ଲକ ଗୋରାସ ବୁଢ଼ୀପାଟ ଉଚ୍ଚବିଦ୍ୟାଳୟ ପରିସରରେ ଶୁକ୍ରବାର ୭ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ । ସମସ୍ତଙ୍କୁ ନେଇ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ୩ ଜଣ ଛାତ୍ରୀ ଏବେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି । ଘଟଣାରେ ପ୍ରଧାନ ଶିକ୍ଷକ ଓ ଶିକ୍ଷକଙ୍କ ଭୂମିକା ସନ୍ଦେହ ଘେରରେ ରହିଛି । ଶନିବାର ସାହାରପଡ଼ା ବିଡିଓ ରଣଜିତ୍ ମହାନ୍ତ ଓ ସାହାରାପଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦୟାନିଧୀ ପାତ୍ର ଗୋରାସ ବୁଢ଼ୀପାଟ ଉଚ୍ଚବିଦ୍ୟାଳୟକୁ ଯାଇ କିଭଳି ଛାତ୍ରଛାତ୍ରୀ ଅସୁସ୍ଥ ହେଲେ ତାହାର ତଦନ୍ତ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି । ୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩ଜଣ ଛାତ୍ରୀ ସୁସ୍ଥ ହୋଇ ଡିସଚାର୍ଜ ହୋଇଥିବା ବେଳେ ଜଣେ ଛାତ୍ରୀ ଓ ୨ ଜଣ ଛାତ୍ର ଶନିବାର ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି । ଏହି ଘଟଣାରେ ଖବର ସଂଗ୍ରହ କରିବାକୁ ଯାଇଥିବା ସାମ୍ବାଦିକ ଜିତେନ୍ଦ୍ର ସେଠୀଙ୍କୁ ପ୍ରଧାନଶିକ୍ଷକଙ୍କ ଗାଳିଗୁଲଜକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ପରେ ଶିକ୍ଷକ ସହଦେବ ମହାନ୍ତ ଉକ୍ତ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ପାଇଁ କ୍ଷମା ପ୍ରାର୍ଥନା କରିଥିବା ବେଳେ ଏହା ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

ପିଏମ୍‌ଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଯୋଡ଼ା, ୩୧।୧(ସମିସ): ଜରୋଳିସ୍ଥିତ ପିଏମ୍‌ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଦୁଇଦିନ ଧରି ପିଏମ୍‌ଶ୍ରୀ ଉତ୍ସବ ସହ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଚମ୍ପୁଆ ବିଧାୟକ ସନାତନ ମହାକୁଡ ମୁଖ୍ୟଅତିଥି ଭାବେ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀକକ୍ଷ ଓ ଛାତ୍ରାବାସ ନିର୍ମାଣ, ତିନି-ଫେଜ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ ଏବଂ ଗଭୀର ନଳକୂପ ଖନନ କରାଯିବ ବୋଲି ଘୋଷଣା କରିଥିଲେ । ମୁଖ୍ୟବକ୍ତା ଭାବେ ଓଡ଼ିଆ ଅଧ୍ୟାପକ ଡ. ସୁଧାକର ଦାଶ ଯୋଗ ଦେଇଥିଲେ । ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଝୁମ୍ପୁରା ବିଇଓ କମ୍‌ରେଡ୍ ମହମ୍ମଦ ବଦ୍ରୁଙ୍କ ସମେତ ଅଧକ୍ଷ, ଉପାଧକ୍ଷ ଓ ପଞ୍ଚସଖା ସଭାପତି ପ୍ରମୁଖ ମଞ୍ଚାସୀନ ଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବିଦ୍ୟାଳୟର ଅଧକ୍ଷ ଅଜୟ ପଟନାୟକ, ଉପାଧକ୍ଷା ପୁଷ୍ପାଞ୍ଜଳି ସା, ପଞ୍ଚସଖା ଶିକ୍ଷାସେତୁ ସଭାପତି ପ୍ରଣବ ମହାନ୍ତି, ପୂର୍ବତନ ପ୍ରଧାନଶିକ୍ଷକ କ୍ଷୀରୋଦ ରାଉତ, ବରିଷ୍ଠ ନାଗରିକ ଲକ୍ଷ୍ମୀଧର ପୃଷ୍ଟି ଉପସ୍ଥିତ ଥିଲେ । ସମସ୍ତ ଅଧ୍ୟାପକଅଧ୍ୟାପିକା, ଶିକ୍ଷକଶିକ୍ଷୟିତ୍ରୀ,

ପଦ୍ମଶ୍ରୀ ତୁଳସୀ ଆପାଙ୍କୁ ଡକ୍ଟର ଅଫ୍ ଫେଲୋସିପ୍ ସମ୍ମାନ

ବଡ଼ବିଲ, ୩୧।୧(ସମିସ): ପାରମ୍ପରିକ ସଂସ୍କୃତିର ଜୀବନ୍ତ ପ୍ରତୀକ ପଦ୍ମଶ୍ରୀ ତୁଳସୀ ଆପାଙ୍କୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡକ୍ଟର ଅଫ୍ ଫିଲୋସଫି ଉପାଧି ପ୍ରଦାନ କରାଯାଇଛି । ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ଏହି ଗରିମାମୟ ସମ୍ମାନ ତାଙ୍କୁ ଦିଆଯାଇଥିଲା । ସମାଜସେବା, ମାନବିକମୂଲ୍ୟବୋଧ ଏବଂ ପାରମ୍ପରିକ ଜ୍ଞାନର ସୁରକ୍ଷା ଓ ପ୍ରଚାରରେ ତୁଳସୀ ଆପାଙ୍କ ଅତୁଳନୀୟ ଅବଦାନକୁ ମନେରଖି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଦୀର୍ଘ ବର୍ଷ ଧରି ସେ ଦେଶର ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିଆସୁଛନ୍ତି । ଏହି ଅବସରରେ ଆୟୋଜିତ ସମାରୋହରେ ରାଜ୍ୟପାଳ ଡ଼ ହରିବାବୁ କୁମ୍ଭପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳପତି, ପ୍ରଫେସର, ଗବେଷକ, ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ଷେତ୍ରର ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଡକ୍ଟରେଟ୍ ସମ୍ମାନ ପ୍ରାପ୍ତି ପରେ ପଦ୍ମଶ୍ରୀ ତୁଳସୀ ଆପା କହିଥିଲେ ଯେ ଏହି ସମ୍ମାନ ତାଙ୍କୁ ଆଗାମୀ ଦିନରେ ଆହୁରି ନିଷ୍ଠାର ସହ ସମାଜସେବା ଓ ଜ୍ଞାନ ପ୍ରଚାରରେ ନିଜକୁ ନିୟୋଜିତ କରିବାକୁ ପ୍ରେରଣା ଦେବ । ଏହି ସମ୍ମାନ ମାଧ୍ୟମରେ ତୁଳସୀ ଆପାଙ୍କ ସଫଳତା କେବଳ ତାଙ୍କ ପାଇଁ ନୁହେଁ, ସମଗ୍ର ଦେଶ ପାଇଁ ଗର୍ବର ବିଷୟ ବୋଲି ସମାରୋହରେ ଉପସ୍ଥିତ ଗଣ୍ୟମାନ୍ୟମାନେ ମତ ପ୍ରକାଶ କରିଥିଲେ ।

ବୟସ ୩ ବର୍ଷ; ଶିଶୁ କନ୍ୟାର ଅସାଧାରଣ ପ୍ରତିଭା

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍‌ସରେ ସମ୍ପୂର୍ଣ୍ଣା

ତୁରୁମୁଙ୍ଗା, ୩୧।୧(ସମିସ)

ବୟସ ମାତ୍ର ୩ ବର୍ଷ ହେଲେ ବିଚକ୍ଷଣ ବୁଦ୍ଧି ଓ ଅଗାଢ଼ ଜ୍ଞାନ । ଏଥିପାଇଁ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି ୩ ବର୍ଷର ଉକ୍ତ ଶିଶୁକନ୍ୟା । କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ରାଇଡିହା ପଞ୍ଚାୟତ କଟୁପଡା ଗ୍ରାମର ଶିକ୍ଷକ ଦମ୍ପତି ଛବିଲାଲ ମହାନ୍ତ ଓ କବିତା ମହାନ୍ତଙ୍କ ଏକ ମାତ୍ର ଝିଅ ସମ୍ପୂର୍ଣ୍ଣା । ଏହି କୁନି ଝିଅ ଏତେ କମ ବୟସରେ ୧୮ଟି ବିଭିନ୍ନ ବିଷୟରେ ଥିବା ପ୍ରଶ୍ନର ସଠିକ୍ ଉତ୍ତର ଦେଇଥିଲେ । ସେ ଏଥିପାଇଁ ସର୍ବଭାରତୀୟ ସ୍ତରରେ ରେକର୍ଡ ହାସଲ କରିଛନ୍ତି । ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ରାଜଧାନୀ, ଜାତୀୟ ସଙ୍କେତ, ବନ୍ୟପ୍ରାଣୀ, ଗୃହପାଳିତ ପଶୁ, ଫୁଲ, ଫଳ ଓ ପନିପରିବାର ନାମ, ସଂଖ୍ୟାକ୍ରମ, ବିଭିନ୍ନ ରଙ୍ଗକୁ ଚିହ୍ନଟ, ମାନବ ଶରୀରର ବିଭିନ୍ନ ଅଙ୍ଗର କାର୍ଯ୍ୟ, ସ୍ୱାଧୀନତା ସଂଗ୍ରାମୀଙ୍କ ନାମ, ଦିଗଗୁଡ଼ିକର ନାମ ଇତ୍ୟାଦି ଅତି ସହଜ ଓ ଅନର୍ଗଳ ଭାବରେ ସେ ବଖାଣିପାରୁଛନ୍ତି । ଏହି ସଫଳତା ପାଇଁ ତାଙ୍କୁ ପ୍ରିୟ ପରିଜନଙ୍କ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ସୁଅ ଛୁଟୁଛି । ସମ୍ପୂର୍ଣ୍ଣାଙ୍କ ବାପା ଛବିଲାଲ ମହାନ୍ତ ଭବାନୀପାଟଣା ଲାଞ୍ଜିଗଡ଼ ବ୍ଲକ ପାହାଡ଼ପଦର ସରକାରୀ ଉଚ୍ଚବିଦ୍ୟାଳୟରେ ଖେଳ ଶିକ୍ଷକ ଥିବା ବେଳେ ମା' କବିତା ମହାନ୍ତ ବଲାଙ୍ଗିର ଜିଲ୍ଲାର କୁମ୍ଭାରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭୋକେସନାଲ ଶିକ୍ଷୟିତ୍ରୀ ଅଛନ୍ତି । ସମ୍ପୂର୍ଣ୍ଣା ସର୍ବଭାରତୀୟ ସ୍ତରରେ ଏହି ପରୀକ୍ଷା ଦେଇ ଓଡ଼ିଶାରେ ପ୍ରଥମ ସ୍ଥାନ ହାସଲ କରିଥିଲେ । ଏଥିପାଇଁ ସମ୍ପୂର୍ଣ୍ଣାଙ୍କ ମା'ବାପା ସହ ବହୁ ଶୁଭେଚ୍ଛୁ, ପ୍ରଶଂସକ କୁନି ଝିଅର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ନାଟକରୁ ସିନେମା
କାନ୍ଦ ମାଷ୍ଟ୍ରେ

ଓଡ଼ିଆ ସଂସ୍କୃତି, ପରମ୍ପରାର ଏକ ସ୍ୱତନ୍ତ୍ର ପରିଚୟ ସାରା ବିଶ୍ୱରେ ଅଛି । ଓଡ଼ିଶାରେ ଝିଅମାନେ ବିବାହ ବିଦାୟ ବେଳେ ବାପା,ମା, ବନ୍ଧୁବାନ୍ଧବଙ୍କୁ ଧରି କାନ୍ଦି ଉଠନ୍ତି । ଏହି ପରମ୍ପରା ଧୀରେ ଧୀରେ ନବେ ଦଶକରୁ ଏକପ୍ରକାର ଲୋପ ପାଇ ବସିଲାଣି । ଏବେ ଏହି ପରମ୍ପରା ସେତେ ବେଶି ଆଉ ଦେଖିବାକୁ ମିଳୁ ନାହିଁ । ଏପରି ଏକ କହାଣୀକୁ ନେଇ 'କାନ୍ଦ ମାଷ୍ଟ୍ରେ' ଚଳଚ୍ଚିତ୍ରରେ ଚିତ୍ରଣ କରାଯାଉଛି । ଏହାର ପ୍ରଯୋଜନା ଭାର 'ବିଶ୍ୱଜିତ ଇତିଶ୍ରୀ ସିନେମା' ନେଇ ଥିବାବେଳେ ପ୍ରଯୋଜକ ଅଛନ୍ତି ବିଶ୍ୱଜିତ ପଣ୍ଡା । ନାଟ୍ୟକାର ତଥା ସାହିତ୍ୟିକ ଜାକିର ଖାନ୍‌ଙ୍କ ସଫଳ ନାଟକ 'କାନ୍ଦ ମାଷ୍ଟ୍ରେ'କୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଉଛି । କାହାଣୀ ଓ ସଂଳାପ ଜାକିର ଖାନ୍ ରଚନା କରିଥିବାବେଳେ ଚିତ୍ରନାଟ୍ୟରେ ମଧ୍ୟ ଜାକିର ଓ ବିଶ୍ୱଜିତ ଅଛନ୍ତି । ନିର୍ଦ୍ଦେଶନାରେ ବିଶ୍ୱଜିତ ପଣ୍ଡା ଅଛନ୍ତି । ସିନେମାର ମୁଖ୍ୟ ଚରିତ୍ରରେ ଲିପ୍ସା ମିଶ୍ର, ବିଭୁ ପ୍ରସାଦ, ପୃଥ୍ୱୀରାଜ ନାୟକ, ଧରିତ୍ରୀ ଖଣ୍ଡୁଆଳ, ଶ୍ୱେତାଶ୍ରୀ ପାଢ଼ୀ ଅଛନ୍ତି । ସିନେମାର ଚିତ୍ରୋତ୍ତଳନ ସ୍ୱର୍ଣ୍ଣ ପ୍ରସାଦ କରିଥିବାବେଳେ, ସଙ୍ଗୀତରେ ବିକାଶ ଦାସ ଓ ଶାନ୍ତନୁ ନାୟକ ଅଛନ୍ତି । ଏଥିରେ ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ସନ୍ତୋଷ ନାୟକ । ସିନେମାଟି ଫେବୃଆରୀରେ ପ୍ରେକ୍ଷାଳୟକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କହୁଯାଇଛି ।

ପ୍ରେକ୍ଷାଳୟରେ ପରୀ

ଜାନୁଆରୀ ୩୦ ତାରିଖରେ ମୁକ୍ତିଲାଭ କରିଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ପରୀ' । ସମାଜରେ କ୍ରମାଗତ ଭାବରେ କୋମଳମତି ଶିଶୁମାନଙ୍କ ଉପରେ ଯୌନ ନିର୍ଯାତନା ବଢ଼ିବାରେ ଲାଗିଛି । 'ପରୀ' ଏକ ନିରୀହ, କୋମଳ ଫୁଲ କଢ଼ି । ତାକୁ ନେଇ ଅନେକ ସ୍ୱପ୍ନ ଥିଲା ବାପାମାଆଙ୍କର । ମାତ୍ର ଅକାଳରେ ସେ ଝରି ପଡ଼ିଲା କିଛି ଯୌନ ରାକ୍ଷସଙ୍କ ଅତ୍ୟାଚାରରେ । ହେଲେ ପରିଶେଷରେ କ'ଣ ପରୀକୁ ନ୍ୟାୟ ମିଳିଛି? ଏଭଳି ଏକ ସ୍ପର୍ଶକାତର କାହାଣୀ ଉପରେ ଏହି ସିନେମାର କାହାଣୀ ଗତିଶୀଳ । ଏହାର କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି । ସହ ନିର୍ମାତା ରହିଛନ୍ତି ଚନ୍ଦନ ସ୍ୱାଇଁ ଏବଂ ଅନିଲ ବଳିୟାରସିଂହା ସଂଳାପ ଡଃ ରଜନୀ ରଞ୍ଜନ ରଚନା କରିଛନ୍ତି ଏବଂ ଜାପାନୀ ଭାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ପ୍ରମୋଦ ପରିଡ଼ାଙ୍କ ଗୀତରେ ତାରିକ୍ ଅଜିଜ୍, ଅନ୍ତରା ଚକ୍ରବର୍ତ୍ତୀ, ଜ୍ୟୋତିର୍ମୟୀ ନାୟକ, ରୁକୁ ସୁନା, ଡକ୍ଟର ରୋହନ ବିଶ୍ୱାଳ କଣ୍ଠଦାନ କରିଛନ୍ତି । ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନାରେ ଅଛନ୍ତି ତ୍ରିପତି କୁମାର ସାହୁ | କୋରିଓଗ୍ରାଫର୍ ଏସ୍. କେ. ମୁରଲୀଧରନ୍ ଏବଂ ଅମିତ ନାୟକ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି । ସିନେମାରେ ଜ୍ୟୋତି, ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟ ଅଧିକାରୀ, ଗୁଡ୍ଡୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ନିରଞ୍ଜନ ଆଚାର୍ଯ୍ୟ, ବିଶାଲ, ପପି ସାନ୍ତୁକା, ଶିଶୁ କଳାକାର ଦିବ୍ୟାଂଶୀ ଓ ସ୍ନେହା ପ୍ରମୁଖ ଅଭିନୟ କରିଛନ୍ତି ।

ଆସୁଛି 'ରୁଦ୍ରାଭିଷେକ'

ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ରୁଦ୍ରାଭିଷେକ' । ଜୁମ୍ ମହାପାତ୍ର ସିନେ ପ୍ରଡକ୍ସନ୍ ଏବଂ ଏସ୍ ପିକଚର୍ସ ସହ ମିଶି ଏହି ସିନେମାଟି ନିର୍ମାଣ କରୁଛି । ସିନେମାର ମୁଖ୍ୟ ଚରିତ୍ରରେ ସାନୁ ଓ ପୁନମ୍ ଅଛନ୍ତି । ଏଥିରେ ନବାଗତ କଳାକାର ଭାବେ ରିକି ଏବଂ ରେଖାଙ୍କୁ ପରିଚିତ କରାଯାଇଛି । ତା'ସହ ବିଷ୍ଣୁ ମୋହନ କବିଙ୍କୁ ମଧ୍ୟ । ସିନେମାର କାହାଣୀ, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନାରେ ସୁଧାକର ବସନ୍ତ ଅଛନ୍ତି । ସିନେମାର ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ । ତେବେ ସିନେମାଟିରେ ସଙ୍ଗୀତ ଦେଇଛନ୍ତି ସ୍ୱର୍ଗତ ଅଭିଜିତ୍ ମଜୁମଦାର ।

ଶୀଘ୍ର ଆସୁଛି ଓଡ଼ିଆ ଗୀତ ଅପେକ୍ଷା

ଓଡ଼ିଆ ସିନେମା ପ୍ରେମୀଙ୍କ ପାଇଁ ଏକ ନୂଆ ଆକର୍ଷଣ ନେଇ ଆସୁଛି ଚଳଚ୍ଚିତ୍ର 'ଅପେକ୍ଷା' । ଆକାଂକ୍ଷା, ବିଶ୍ୱାସଘାତ ଓ ଅପୂରଣୀୟ ସ୍ୱପ୍ନର ଭାବଗଭୀର କାହାଣୀକୁ ନେଇ ଗଢ଼ା ଏହି ଫିଲ୍ମର ସଂଗୀତ ପୂର୍ବରୁ ଦର୍ଶକଙ୍କ ମନକୁ ଛୁଇଁବା ଆରମ୍ଭ କରିଛି । ସଂଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶଙ୍କ ସୁମଧୁର ସଂଗୀତରେ ହ୍ୟୁମାନ ସାଗରଙ୍କ କଣ୍ଠଦାନ ଦର୍ଶକଙ୍କୁ ଭାବନାର ସାଗରରେ ଭସାଇ ନେଉଛି । ଅସୀମା ପଣ୍ଡା, ଚିରାଗ, ଇସ୍ମିତା ସାହୁ ଓ ଉମାକାନ୍ତ ବାରିକଙ୍କ କଣ୍ଠ ସ୍ୱର ଫିଲ୍ମର ସଙ୍ଗୀତକୁ ଅଧିକ ରଙ୍ଗୀନ କରିଛି । ଉମାକାନ୍ତ ବାରିକ ଓ ଇସ୍ମିତା ସାହୁଙ୍କ ଆଇଟମ୍ ସଂଗୀତ ଯୁବପିଢ଼ି ମଧ୍ୟରେ ବେଶ୍ ଲୋକପ୍ରିୟ ହେଉଥିବାବେଳେ ଚିରାଗଙ୍କ କଣ୍ଠରେ ଶୀର୍ଷକ ସଂଗୀତ 'ଅପେକ୍ଷା' ହୃଦୟସ୍ପର୍ଶୀ ହୋଇଛି । ଡ. କେ. ତମନ୍ନାଙ୍କ ପ୍ରଯୋଜନା ଓ ଆନନ୍ଦ କୁମାରଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ସାର୍ଥକ, ଶୁଭାଙ୍ଗୀ, ଶକ୍ତି ବରାଳ, ପୁଷ୍ପା ପଣ୍ଡା, ଚୌଧୁରୀ ବିକାଶ ଦାସ, ସୌମ୍ୟ, ବନ୍ଦନା, ଅଲିଭା, ଐଶ୍ୱର୍ଯ୍ୟା, ଟୁନା ଟ'ନ ଟ'ନ, ପ୍ରଦୀପ ଦେବତା ଓ ଗୁଡ୍ଡୁ ମୁଖ୍ୟ ଭୂମିକାରେ ନଜର ଆସିବେ । ଗ୍ରାମ୍ୟ ପୃଷ୍ଠଭୂମିରେ ଏକ ଯୁବକଙ୍କ ସିନେ ନାୟକ ହେବାର ସ୍ୱପ୍ନ ଓ ଏକ ଯୁବତୀଙ୍କ ତାରକା ହେବାର ଆକାଂକ୍ଷା-ଯେଉଁଥିରେ ଲୁଚିଥାଏ ଫିଲ୍ମ ଜଗତର ଅନ୍ଧାର ସତ୍ୟ । ବିଶ୍ୱାସଘାତ ଓ ଅନ୍ୟାୟର ଶିକାର ହୋଇ ଯୁବତୀର ଆତ୍ମା ନ୍ୟାୟ ପାଇଁ ଫେରି ଆସେ । ଏହି ରୋମାଞ୍ଚକର କାହାଣୀ ଦର୍ଶକଙ୍କୁ ଆକର୍ଷିତ କରିବ । 'ଅପେକ୍ଷା' ଆସନ୍ତା ଫେବୃଆରୀ ୬ରେ ରାଜ୍ୟର ବିଭିନ୍ନ ସିନେମା ହଲ୍‌ରେ ମୁକ୍ତିଲାଭ କରିବ ।

ସାକ୍ଷାତକାର

ରିଲିଜ୍ ହେବାକୁ ଥିବା 'ଅପେକ୍ଷା' ସମାଜକୁ କ'ଣ ବାର୍ତ୍ତା ଦେବ?

- 'ଅପେକ୍ଷା' ସିନେମାଟି ବିଶେଷ କରି ଯୁବପିଢ଼ିଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇବ । ଏଥିରେ ମୁଁ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସୁଛି । ଯେଉଁଠି ମୋର ବାପା ଓ ମା' ପୁଅକୁ ନେଇ କିଛି ଅଲଗା କଥା ଚିନ୍ତା କରିଛନ୍ତି । ହେଲେ ମୋର ଅନ୍ୟ କିଛି ସ୍ୱପ୍ନ ରହିଛି । ନିଜର ସ୍ୱପ୍ନକୁ ପୂରା କରିବାକୁ ମୋତେ କେତେ କଷ୍ଟ କରିବାକୁ ପଡୁଛି ଆଉ ଶେଷରେ ସଫଳ ହେଉଛି କି ନାହିଁ ତାହା ଏହି ସିନେମାରେ ଦେଖିବାକୁ ମିଳିବ । 'ଅପେକ୍ଷା' ସିନେମାଟି ଚଳିତ ଫେବୃୟାରୀ ୬ ତାରିଖରେ ରିଲିଜ୍ ହେବ । ଏଥିରେ ମୋ ବିପକ୍ଷରେ ଅଛନ୍ତି ଶୁଭାଙ୍ଗୀ ।

ଫିଟ୍ ରହିବାର ଫର୍ମୁଲା?

- ସୁଟିଂ ନଥିଲେ ସକାଳୁ ବ୍ୟାୟାମ କରେ । ସାଧାସିଧା ଘରୋଇ ଖାଦ୍ୟ ଖାଏ ।

ଅଭିନେତା ହେବାକୁ କେତେ ସଂଘର୍ଷ କରିଛନ୍ତି?

- ଅଭିନେତାଟିଏ ହେବା ପାଇଁ ଅନେକ ସଂଘର୍ଷ କରିଛି । ଏବେ ବି ସଂଘର୍ଷ ଜାରି ରହିଛି । କାମ ପାଇବା ପାଇଁ ସଂଘର୍ଷ କରୁଛି, ସଂଘର୍ଷ ସବୁବେଳେ ଜାରି ରହିବ ।

ଡ୍ରିମ୍ ରୋଲ୍?

- ଗୋଟେ ଭଲ ଚରିତ୍ରକୁ ନିଖୁଣ ଭାବେ ନିଭାଇବା ମୋର ସ୍ୱପ୍ନ । ତେଣୁ ପ୍ରତ୍ୟେକ ଚରିତ୍ର ହିଁ ମୋ ପାଇଁ ଡ୍ରିମ୍ ରୋଲ୍ । ପ୍ରତ୍ୟେକ ଚରିତ୍ର ମାଧ୍ୟମରେ ଦର୍ଶକଙ୍କୁ ବାନ୍ଧି ରଖିବା ମୋର ପ୍ରଥମ ଲକ୍ଷ୍ୟ ।

ଆଗାମୀ ଯୋଜନା?

- ଆଗକୁ ଦର୍ଶକ ମୋତେ 'ମୋହନଗିରି'ରେ ଦେଖିବାକୁ ପାଇବେ । ଏଥିରେ ପୁନଃଜନ୍ମ କଥା ଦେଖିବାକୁ ମିଳିବ ।

କଳାକାର ହେବାକୁ ମନ ବଳାଉଥିବା ପିଲାଙ୍କୁ କ'ଣ କହିବେ?

- ଯଦି କିଛି ସ୍ୱପ୍ନ ଦେଖୁଛନ୍ତି ଆଉ ନିଜ ଉପରେ ସେତିକି ଭରସା ରହିଛି, ତେବେ ସ୍ୱପ୍ନ ନିଶ୍ଚୟ ଦିନେ ପୂରଣ ହେବ । ତା' ସହିତ କର୍ମ ପ୍ରତି ସେତିକି ଦୃଢ଼ତା ରହିଥିବା ଦରକାର । ଏ ଲାଇନ୍‌କୁ ଆସୁଥିଲେ କାମ କରିବା ମନୋଭାବ ନେଇ ଆସନ୍ତୁ । ଧୈର୍ଯ୍ୟ ରଖି କାମ କରନ୍ତୁ ।

ଅଭିନେତା ହେବାକୁ କାହିଁକି ମନ ବଳାଇଲେ?

- ଏକ ସାଧାରଣ ପରିବାରରେ ମୋର ଜନ୍ମ । ମୋ ବାପା ଜଣେ କୃଷକ । ମା' ଜଣେ ସୁଗୃହିଣୀ । ସ୍କୁଲ, କଲେଜରେ ପଢ଼ିବା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭିନୟ କରୁଥିଲି । ହେଲେ ଅଭିନେତା ହେବି ବୋଲି ଚିନ୍ତା କରିନଥିଲି । ଇଞ୍ଜିନିୟରିଂ ପାଠ ପଢୁଥିଲି । ଇଞ୍ଜିନିୟର ହୋଇଥାନ୍ତି । କିନ୍ତୁ ପଢ଼ା ସରିଲା ପରେ ମୋର ନିଷ୍ପତ୍ତି ବଦଳି ଯାଇଥିଲା । ସିନେମାରେ କାମ କରିବାକୁ ଇଚ୍ଛା କରି ବିଭିନ୍ନ ପ୍ରଡକ୍ସନ୍ ହାଉସ୍‌କୁ ଯାଉଥିଲି । ସିନେମା ନିର୍ମାତାଙ୍କୁ ଭେଟୁଥିଲି । ଅଡିସନ୍ ମଧ୍ୟ ବହୁତ ଦେଇଛି । କେ. ତମନ୍ନା ସାର୍ ମୋତେ ପ୍ରଥମେ ଏହି ଲାଇନ୍‌ରେ ଆଗକୁ ଯିବାକୁ ସୁଯୋଗ ଦେଇଥିଲେ । ଯଦିଓ ଏବେ ସୁଦ୍ଧା ମୁଁ ତିନିଟି ସିନେମାରେ କାମ କରିସାରିଛି ହେଲେ ତନ୍ମଧ୍ୟରୁ 'ଅପେକ୍ଷା' ସିନେମାଟି ପ୍ରଥମେ ରିଲିଜ୍ ହେବାକୁ ଯାଉଛି । ଆଶା କରୁଛି ଦର୍ଶକ ଏହି ସିନେମାକୁ ବହୁତ ସାରା ଭଲପାଇବା ଦେବେ ।

କ୍ୟାମେରା ସାମ୍ନାରେ ପ୍ରଥମେ ଭୟ କରିଥିଲେ?

- ପ୍ରଥମେ କ୍ୟାମେରା ସାମ୍ନାରେ ଟିକେ ଭୟ ଲାଗିଥିଲା । ସଂଳାପର ସାରମର୍ମକୁ ବୁଝିଲି । ସଂଳାପକୁ ଏକାଧିକ ଥର ଅଭ୍ୟାସ କରିବାକୁ ହେଉଥିଲା । ସିନେମା ନିର୍ମାତା ଓ ନିର୍ଦ୍ଦେଶକ ଆନନ୍ଦ କୁମାର ବହୁତ ଭଲ ଭାବେ ମୋତେ ବୁଝାଉଥିଲେ । ସକାଳେ ସୁଟିଂ ହେଉଥିଲେ ବି ସନ୍ଧ୍ୟାରେ ନିର୍ଦ୍ଦେଶକ ମୋତେ ପ୍ରସ୍ତୁତ କରୁଥିଲେ । ଏହାଦ୍ୱାରା ଅଭିନୟ ଜୀବନ୍ତ କରିବାକୁ ମୁଁ ଚାହିଁଥିଲି ।

> "ପ୍ରତ୍ୟେକ ଚରିତ୍ର ମୋ ପାଇଁ ଡ୍ରିମ୍ ରୋଲ୍"
>
> **ସାର୍ଥକ**, ଅଭିନେତା

"କପାଳ ଲିଖନ କେ କରିବ ଆନ" - ଭାଗ୍ୟରେ ଯାହା ଲେଖା ଥାଏ ତାକୁ କେହି ବି ବଦଳାଇ ପାରନ୍ତିନି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଯାଜପୁର ଜିଲ୍ଲା ଅନ୍ତର୍ଗତ ନାରୀଗାଁ'ର ସାର୍ଥକ । ଇଞ୍ଜିନିୟରିଂ ପାଠ ପଢୁ ଥିଲେ । ଭବିଷ୍ୟତରେ ଜଣେ ଇଞ୍ଜିନିୟର ହୋଇଥାନ୍ତେ । ହେଲେ କେଜାଣି କେମିତି ସେ ଟାଣି ହୋଇ ଆସିଲେ ଅଭିନୟ ଜଗତକୁ । ଅଡିସନ୍ ମାଧ୍ୟମରେ ପ୍ରଥମ କରି ସେ ସିନେମାରୁ କାମ ଆରମ୍ଭ କଲେ । ଏବେ ସୁଦ୍ଧା ପ୍ରାୟ ତିନିଟି ସିନେମାରେ ଅଭିନୟ କରିଛନ୍ତି । ହେଲେ ସିନେମାଗୁଡ଼ିକ ରିଲିଜ୍ ହୋଇ ନାହିଁ । ତେବେ ଖୁବ୍ ଶୀଘ୍ର ସାର୍ଥକଙ୍କ ଅଭିନୀତ 'ଅପେକ୍ଷା' ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ । ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ସାର୍ଥକ । ଅନେକ ଆଶା ଆଉ ଉଦ୍ଦୀପନା ନେଇ ଅଭିନୟ ଜଗତକୁ ଆସିଥିବା ସାର୍ଥକଙ୍କ ଆଗାମୀ ଯୋଜନା କ'ଣ ରହିଛି ଜାଣିବା ତାଙ୍କ ମୁହଁରୁ ।

ଟ୍ରେଲରରେ ରେକର୍ଡ



ମେଣ୍ଟିସ୍ ଫିଲ୍ମର ନୂଆ ଓଡ଼ିଆ ଚଳଚ୍ଚିତ୍ର 'ମୁରବି' ଓଡ଼ିଆ ନୂଆବର୍ଷ ତଥା ପଣାସଂକ୍ରାନ୍ତି ଅବସରରେ ଏପ୍ରିଲ୍ ୧୪ ତାରିଖରେ ମୁକ୍ତିଲାଭ କରିବ । ତେବେ ଏହାର ଟ୍ରେଲର ରିଲିଜ୍ ହୋଇସାରିଛି । ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ତେବେ ଏହି ଟ୍ରେଲର ଓଡ଼ିଆ ସିନେମାରେ ଏକ ନୂଆ ରେକର୍ଡ ସୃଷ୍ଟି କରିଛି । ମାତ୍ର ତିନି ଦିନରେ ଏହାର ଟ୍ରେଲରକୁ ଦଶ ଲକ୍ଷ ଲୋକଙ୍କ ଭଲପାଇବା ମିଳିଛି । ଅର୍ଥାତ୍ ଏହାର ଟ୍ରେଲରକୁ ଦଶ ଲକ୍ଷ ଦର୍ଶକେ ଦେଖିଛନ୍ତି । ଦୁଇ ପରିବାରର ବିପରୀତଧର୍ମୀ କାହାଣୀକୁ ନେଇ ସିନେମାଟି ଗତିଶୀଳ । ଚୌଧୁରୀ ଜୟ ପ୍ରକାଶ ଦାସ ଏବଂ କୁନା ତ୍ରିପାଠୀଙ୍କ ଦମ୍‌ଦାର ଅଭିନୟ ଏଥିରେ ଦେଖିବାକୁ ମିଳିବ । ଅନ୍ୟପଟେ ଅନ୍ୟ ସିନେମା ଭଳି ଏଥିରେ କୌଣସି ନାୟକ ତଥା ନାୟିକା ନାହାନ୍ତି । ହେଲେ ସିନେମାଟି ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ଏହାର ଟିମ୍ ଆଶାବାଦୀ ଅଛି । ଓଡ଼ିଆ ଘରର ନିଛକ କାହାଣୀ ଏଥିରେ ଦେଖିବାକୁ ମିଳିବ ।

ପରଦା ପଛର କାହାଣୀ

ଭୀଷଣ ଗରମରେ ଖାଲିପାଦରେ ଗୀତ ସୁଟିଂ

ନିଜ ଅଭିନୟ ଜୀବନରେ ବଲିଉଡ୍‌ର ଡ୍ରିମ୍‌ଗର୍ଲ ହେମା ମାଳିନୀ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ତନ୍ମଧ୍ୟରୁ 'ଶୋଲେ' ଅନ୍ୟତମ । ଏହି ଆଇକନିକ୍ ଫିଲ୍ମ ସୁପରହିଟ୍ ହେବା ସହ ବକ୍ସ ଅଫିସ୍‌ରେ ବର୍ଷ ବର୍ଷ ଧରି ରାଜ୍ କରିଥିଲା । ନିକଟରେ ଏହି ଫିଲ୍ମକୁ ୫୦ ବର୍ଷ ପୂରିଛି । ଏହି ପରିପ୍ରେକ୍ଷୀରେ ହେମା ମାଳିନୀ ଫିଲ୍ମର ଏକ ଆଇକନିକ୍ ଗୀତ 'ଜୈବ୍ ତକ୍ ହୈ ଜାନ୍...' ସୁଟିଂର କିଛି ଅଭୁଲା ଅନୁଭୂତି ପ୍ରକାଶ କରିଛନ୍ତି । ଡହ ଡହ ଖରାରେ ଖାଲି ପାଦରେ ପଥର ଉପରେ ନାଚିବା ତାଙ୍କ ଜୀବନର କଷ୍ଟକର ଅନୁଭୂତି ମଧ୍ୟରୁ ଅନ୍ୟତମ ବୋଲି ସେ କହିଛନ୍ତି । ତାଙ୍କର ଏଭଳି ଅବସ୍ଥା ଦେଖି ତାଙ୍କ ମାଆ ମଧ୍ୟ ଚିନ୍ତିତ ହୋଇପଡ଼ିଥିଲେ । ବାଲି, ଗୋଡ଼ି, ପଥର ଆଦି ଏତେ ଗରମ ଥିଲା ଯେ, ତା ଉପରେ ଖାଲିପାଦରେ ଚାଲିବା ଖୁବ୍ ଯନ୍ତ୍ରଣାଦାୟକ ଥିଲା । ପାଦର ଯନ୍ତ୍ରଣା କମ୍ କରିବା ପାଇଁ ପାଦ ତଳେ ଏକ ପତଳା ସୋଲ ରଖିବାକୁ ତାଙ୍କ ମାଆ ହେମାଙ୍କୁ ପରାମର୍ଶ ଦେଇଥିଲେ । ତେବେ ଏହି ଉପାୟ ମଧ୍ୟ ଦୀର୍ଘ ସମୟ କାର୍ଯ୍ୟ କରି ନ ଥିଲା । ନିର୍ଦ୍ଦେଶକ ରମେଶ ସିପି ଏହାକୁ ଦେଖି ବିରକ୍ତ ହୋଇ କହିଥିଲେ- "ନୃତ୍ୟ କରିବା ସମୟରେ ଏହି ସୋଲ୍ ସ୍କ୍ରିନ୍‌ରେ ଦେଖାଯିବ । ଏହା ପରଦାରେ ଦେଖିବାକୁ ଭଲ ଲାଗିବନି ।" ତେଣୁ ତୁରନ୍ତ ପାଦରୁ ସୋଲ୍ କାଢ଼ିବାକୁ ସେ କହିଥିଲେ । ରମେଶଙ୍କୁ ବୁଝାଇବାକୁ ହେମାମାଳିନୀ ପ୍ରୟାସ କରିଥିଲେ । ଏହି ଗୀତକୁ ନଭେମ୍ବର କିମ୍ବା ଡିସେମ୍ବର ମାସରେ ସୁଟ୍ କରିବାକୁ କହିଥିଲେ । ତେବେ ହେମାଙ୍କ କଥା ରମେଶ ଶୁଣି ନଥିଲେ । ସେ ମଇ ମାସରେ ହିଁ ଏହି ନୃତ୍ୟ ଭିଡିଓ ସୁଟ୍ କରିବା ପାଇଁ ଅଡି ବସିଥିଲେ । ସୁଟିଂ ପରେ ହେମା ମାଳିନୀ ପାଦରେ ଗଭୀର ଯନ୍ତ୍ରଣା ଅନୁଭବ କରିଥିଲେ । ତେଣୁ ସୁଟିଂ ପରେ ସେ ଥଣ୍ଡା ପାଣି ଏବଂ ଓଦା ଟାଓ୍ୱେଲରେ ପାଦ ରଖୁଥିଲେ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଗୀତ ପାଇଁ ହେମା କୌଣସି ପ୍ରକାର ଅଭ୍ୟାସ ମଧ୍ୟ କରି ନଥିଲେ । ଏଥିରେ ଅଧିକରୁ ଅଧିକ ଅଭିନୟ ଦୃଶ୍ୟ ଥିଲା । ପାଦରେ ଯନ୍ତ୍ରଣା ସତ୍ତ୍ୱେ ସେ ଏହାକୁ ସୁଟ୍ କରିଥିଲେ । ଏହା 'ଶୋଲେ' ଫିଲ୍ମ ସୁଟିଂ ସମୟର ସବୁଠୁ ସ୍ମରଣୀୟ ସ୍ମୃତି ହୋଇ ରହିଛି ।

କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

୧୯ ବର୍ଷରୁ କମ୍ ବିଶ୍ୱକପ୍

ଆଜି ଭାରତ-ପାକିସ୍ତାନ ମହାମୁକାବିଲା

ମେଲବୋର୍ଣ୍ଣ, ୩୧।୧ (ଏଜେନ୍ସି): ଚଳିତ ଆଇସିସି ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପର ଶେଷ ସୁପର-୬ ମ୍ୟାଚରେ ରବିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଜିମ୍ବାୱେର କୁଇନ୍ସ ସ୍ପୋର୍ଟ୍ସ କ୍ଲବରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉଭୟ ଦଳ ପାଇଁ ଗୁରୁତ୍ୱବହନ କରୁଛି। ଏଠାରେ ବିଜୟୀ ଦଳ ସେମିଫାଇନାଲ ଟିକଟ୍ ହାସଲ କରିବ। ପୂର୍ବରୁ ସୁପର୍-୬ ପର୍ଯ୍ୟାୟରେ ଉଭୟ ଭାରତ ଓ ପାକିସ୍ତାନ ନିଜ ନିଜର ପ୍ରଥମ ମ୍ୟାଚରେ ବିଜୟୀ ହୋଇଥିଲେ। ସୁପର୍-୬ରେ ଭାରତ ୨୦୪ ରନରେ ଜିମ୍ବାୱେ ଏବଂ ପାକିସ୍ତାନ ୮ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ହରାଇଥିଲା। ତେବେ ଗ୍ରୁପ୍ ପର୍ଯ୍ୟାୟରେ ଭାରତ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ଅପରାଜେୟ ରହିଥିଲା। କିନ୍ତୁ ପାକିସ୍ତାନ ଗୋଟିଏ ମ୍ୟାଚରେ ହାରିଯାଇଥିଲା। ତେଣୁ ପଏଣ୍ଟ ଟେବଲରେ ପାକିସ୍ତାନଠାରୁ ଭାରତ ଉପରେ ସ୍ଥାନିତ ହୋଇଛି। ସେହିଭଳି ଭାରତର ରନରେଟ୍ ମଧ୍ୟ ବେଶ୍ ଭଲ ରହିଛି। ତେଣୁ ଯଦି ଭାରତ ବଡ଼ ବ୍ୟବଧାନରେ ପରାସ୍ତ ନ ହୁଏ ତେବେ ସେମିଫାଇନାଲ ଖେଳିବା ଆଶା ଦୃଢ଼ ରହିଛି। ଆୟୁଷ ମହାତ୍ରେଙ୍କ ନେତୃତ୍ୱାଧୀନ ଭାରତ ପାଇଁ ମଧ୍ୟ ଏସିଆ କପ୍ ଫାଇନାଲ ପରାଜୟର ପ୍ରତିଶୋଧ ନେବା ଲାଗି ସୁଯୋଗ ଅଛି। ଡିସେମ୍ବରରେ ଅନୁଷ୍ଠିତ ଏସିଆ କପ୍ ଫାଇନାଲରେ ପାକିସ୍ତାନ ୧୯୧ ରନରେ ଭାରତକୁ ହରାଇ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ କିମ୍ବଦନ୍ତୀ ଭାରତୀୟ କ୍ରିକେଟର୍ ସଚିନ ତେନ୍ଦୁଲକର ଶନିବାର ଜିମ୍ବାୱେରେ ଭାରତୀୟ ଖେଳାଳିଙ୍କୁ ଭେଟି ଏହି ହାଇଭୋଲଟେଜ ମ୍ୟାଚ୍ ପୂର୍ବରୁ ମନୋବଳ ବଢ଼ାଇଛନ୍ତି।

ଟି-୨୦ ବିଶ୍ୱକପ୍

ଆହତ ଲାଗି କମିନ୍ସ ନିରାଶ; ସ୍ମିଥ୍ ବିଦା

ମେଲବୋର୍ଣ୍ଣ, ୩୧।୧ (ଏଜେନ୍ସି): ଆଉ ଗୋଟିଏ ସପ୍ତାହ ପରେ ଆରମ୍ଭ ହେବ ଆଇସିସି ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ। ଏଥିଲାଗି ଚୂଡ଼ାନ୍ତ ଦଳ ଘୋଷଣାର ଶେଷ ତାରିଖ (ଜାନୁଆରୀ ୩୧) ଶନିବାର ଥିଲା। ଏହି ଅବସରରେ ଅଷ୍ଟ୍ରେଲିଆ ଏହାର ପୂର୍ବ ଘୋଷିତ ଦଳରେ ସାମାନ୍ୟ ପରିବର୍ତ୍ତନ କରିଛି। ପିଠି ଯନ୍ତ୍ରଣା ଲାଗି ଅଭିଜ୍ଞ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସଙ୍କୁ ଘୋଷିତ ୧୫ ଜଣିଆ ଦଳରେ ସ୍ଥାନ ମିଳିନି। ସେହିଭଳି ଚୟନ କମିଟି ଏକ ବଡ଼ ନିଷ୍ପତ୍ତିକ୍ରମେ ଅଭିଜ୍ଞ ବ୍ୟାଟର୍ ଷ୍ଟିଭେନ ସ୍ମିଥ ଓ ସ୍ପିନ ଅଲ୍‌ରାଉଣ୍ଡର ମାଥ୍ୟୁ ସର୍ଟଙ୍କୁ ଚୂଡ଼ାନ୍ତ ଦଳରୁ ବାଦ୍ ଦେଇଛନ୍ତି। ସର୍ଟ ପୂର୍ବରୁ ପ୍ରାରମ୍ଭିକ ବିଶ୍ୱକପ୍ ଦଳରେ ସାମିଲ ଥିଲେ। କିନ୍ତୁ ଏବେ ତାଙ୍କୁ ଚୂଡ଼ାନ୍ତ ଦଳରୁ ବାଦ୍ ଦିଆଯାଇ ମାଥ୍ୟୁ ରେନଶା'ଙ୍କୁ ନିଆଯାଇଛି। ମିଚେଲ ମାର୍ଶଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ବିଶ୍ୱକପ୍‌ରେ ଗ୍ରୁପ୍-ବି'ରେ ଫେବୃଆରୀ ୧୧ରେ ଆୟର୍ଲାଣ୍ଡ ସହ ପ୍ରଥମ ମ୍ୟାଚ୍ ଖେଳିବ।

ଅଷ୍ଟ୍ରେଲିଆ ଦଳ: ମିଚେଲ ମାର୍ଶ (ଅଧିନାୟକ), ଜାଭିଅର ବାର୍ଟଲେଟ୍, କୁପର କୋନୋଲୀ, ଟିମ୍ ଡେଭିଡ୍, ବେନ୍ ଡାରଡ୍ୱିସ, କାମେରନ ଗ୍ରୀନ, ନାଥନ ଏଲିସ୍, ଜୋଶ୍ ହାଜଲେଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଂଲିଶ, ମାଥ୍ୟୁ କୁନେମାନ୍, ଗ୍ଲେନ ମ୍ୟାକ୍ସୱେଲ, ମାଥ୍ୟୁ ରେନଶା, ମାର୍କସ ଷ୍ଟୋଇନିସ ଓ ଆଦାମ ଜାମ୍ପା।

ଭାରତ ବନାମ ନ୍ୟୁଜିଲାଣ୍ଡ ପଞ୍ଚମ ଟି-୨୦

ଇଶାନଙ୍କ ଶତକ, ସୂର୍ଯ୍ୟକୁମାରଙ୍କ ଅର୍ଦ୍ଧଶତକ

ତିରୁଅନନ୍ତପୁରମ,୩୧।୧(ଏଜେନ୍ସି):

ଇଶାନ କିଶାନ ଓ ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ଏମାନଙ୍କ ତୃତୀୟ ୱିକେଟ ଭାଗୀଦାରିରୁ ୧୩୭ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ଶନିବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ୫ମ ତଥା ଶେଷ ଟି-୨୦ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୭୧ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ବାମହାତୀ ଖେଳାଳି ଇଶାନ କିସାନ ୪୩ବଲ୍‌ରୁ ୧୦୩ ଓ ସୂର୍ଯ୍ୟକୁମାର ଯାଦବ ୩୦ ବଲ୍‌ରୁ ୬୩ ରନ୍ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର ଅଭିଷେକ ଶର୍ମା ୧୬ ବଲ୍‌ରୁ ୩୦ ରନ୍ କରିଥିଲାବେଳେ ଘରୋଇ ମାଟିରେ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଥିବା ସଞ୍ଜୁ ସାମସନ ମାତ୍ର ୬ ରନ୍ କରି ଫେଲ୍ ମାରିଛନ୍ତି। ଶେଷଭାଗରେ ହାର୍ଦ୍ଦିକ ପାଣ୍ଡ୍ୟା ୧୭ ବଲ୍‌ରୁ ୪୨ରନ୍ କରିଥିଲେ। ଏହି ସିରିଜ୍‌ରେ ପ୍ରଥମ ମ୍ୟାଚ୍ ଖେଳିଥିବା ଏକ୍ସପ୍ରେସ୍ ଫାଷ୍ଟ ବୋଲର ଲକି ଫର୍ଗୁସନ ସର୍ବାଧିକ ୨ଟି ୱିକେଟ ପାଇଛନ୍ତି। ଏହି ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲାବେଳେ ଚତୁର୍ଥ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଜିତ୍ ହାସଲ କରିଥିଲା। ଭାରତ ଓ ଶ୍ରୀଲଙ୍କା ମାଟିରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖଯାଏ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ପୂର୍ବରୁ ଉଭୟ ଦଳ ଶେଷଥର ଲାଗି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ଚୂଡ଼ାନ୍ତ ପ୍ରସ୍ତୁତି ଶେଷ କରିଛନ୍ତି।

ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବା ପରେ ୫ମ ଓଭର ସୁଦ୍ଧା ୪୮ ରନ୍‌ରେ ଦୁଇ ଓପନର ଅଭିଷେକ (୩୦) ଓ ସଞ୍ଜୁ ସାମସନ (୬)ଙ୍କ ୱିକେଟ ହରାଇଥିଲା। ଏହି ସମୟରେ ଇଶାନ କିସାନ ଓ ସୂର୍ଯ୍ୟକୁମାର ଯାଦବ ତୃତୀୟ ୱିକେଟରେ ବିସ୍ଫୋରକ ବ୍ୟାଟିଂ କରି ଭାରତକୁ ଏକ ବିଶାଳ ସ୍କୋର ଦେଇଥିଲେ। ଇଶାନ ମାତ୍ର ୨୮ ବଲ୍‌ରେ ୫୦ ଓ ୪୨ ବଲ୍‌ରେ ୧୦୦ ରନ୍ ପୂରଣ କରିଥିଲେ। ସେ ୯୧ ରନ୍‌ରେ ଥିଲାବେଳେ କ୍ରମାଗତ ୨ଟି ଛକା ମାରି ଟି-୨୦ କ୍ୟାରିୟରରେ ପ୍ରଥମ ଶତକ ସହ ହଜାରେ (୧୦୧୧) ରନ୍ ପୂରଣ କରିଥିଲେ। ଏହାର ପରବର୍ତ୍ତୀ ବଲରେ ବା ୪୩ ବଲ୍‌ରୁ ୬ ଚୌକା ଓ ୧୦ ଛକା ସହ ୧୦୩ ରନ୍ କରିଆଉଟ ହୋଇଥିଲେ। ତାଙ୍କ ପୂର୍ବରୁ ୨୬ ବଲ୍‌ରେ ୨୪ତମ ଅର୍ଦ୍ଧଶତକ ପୂରଣ କରିଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୩୦ ବଲ୍‌ରୁ ୪ ଚୌକା ଓ ୬ ଛକା ସହ ୬୩ ରନ୍‌ରେ ଆଉଟ ହୋଇଥିଲେ। ଏତିକିରେ ଭାରତୀୟ ବ୍ୟାଟରଙ୍କ ରନ୍ ସଂଗ୍ରହ କମି ନ ଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ଏଥିରେ ସାମିଲ ହୋଇ ମାତ୍ର ୧୭ ବଲ୍‌ରୁ ୧ ଚୌକା ଓ ୪ ଛକା ବଳରେ ୪୨ ରନ୍ କରି ଆଉଟ ହୋଇଥିଲେ। ଏମାନଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ନ୍ୟୁଜିଲାଣ୍ଡ ବିପକ୍ଷରେ ରେକର୍ଡ ଟି-୨୦ ରନ୍ ସଂଗୃହୀତ ହୋଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଲକି ଫର୍ଗୁସନ ସର୍ବାଧିକ ୨ଟି, ଜ୍ୟାକବ ଡଫି, କାଏଲ ଜାମିସନ ଓ ମିଚେଲ ସାଣ୍ଟନର ବ୍ୟୟବହୁଳ ସାବ୍ୟସ୍ତ ହେବା ସହ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।



ଭାରତର ବିଶ୍ୱକପ୍ ଗ୍ରୁପ୍ କାର୍ଯ୍ୟସୂଚୀ

ତାରିଖ	ପ୍ରତିଦ୍ୱନ୍ଦ୍ୱୀ	ଭେନ୍ୟୁ
୭।୨	ଆମେରିକା	ମୁମ୍ବଇ
୧୨।୨	ନାମିବ୍ୟା	ଦିଲ୍ଲୀ
୧୫।୨	ପାକିସ୍ତାନ	କଲମ୍ବୋ
୧୮।୨	ନେଦରଲାଣ୍ଡସ	ଅହମ୍ମଦାବାଦ୍

ସଂକ୍ଷିପ୍ତ ସ୍କୋର

ଭାରତ: ୨୭୧/୫, ୨୦ ଓଭର (ଇଶାନ- ୧୦୩, ସୂର୍ଯ୍ୟକୁମାର- ୬୩, ପାଣ୍ଡ୍ୟା- ୪୨, ଅଭିଷେକ- ୩୦, ସାମସନ- ୬, ରିଙ୍କୁ- ଅପରାଜିତ- ୮, ଦୁବେ- ଅପରାଜିତ- ୭, ଫର୍ଗୁସନ- ୨/୪୧, ଡଫି- ୧/୫୩, ଜେମିନସନ- ୧/୫୯)।

ନ୍ୟୁଜିଲାଣ୍ଡ: ୪୬/୧, ୩ ଓଭର।

ୟୁବି କ୍ରିକ୍ ଲିଗ୍‌ରେ ୧୦ ଲକ୍ଷ ଟଙ୍କା ପୁରସ୍କାର

ଭୁବନେଶ୍ୱର, ୩୧।୧ (ସମିସ): ଭୁବନେଶ୍ୱର ଉପକଣ୍ଠ ଭଗବାନପୁରସ୍ଥିତ ୟୁବି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ୟୁବି କ୍ରିକ୍ ପ୍ରିମିଅର ଲିଗ୍ ମାର୍ଚ୍ଚ ୨୫ରୁ ଆରମ୍ଭ ହେବ। ୧୦ ଓଭରବିଶିଷ୍ଟ ଏହି ଫ୍ରାଞ୍ଚାଇଜ୍‌ଭିତ୍ତିକ ଟେନିସ ବଲ୍ କ୍ରିକେଟ୍ ଲିଗ୍‌ର ସମସ୍ତ ମ୍ୟାଚ୍ ପାତ୍ରପଡ଼ାସ୍ଥିତ ମହାରାଜା କ୍ରିକେଟ ଆସୋସିଏସନ ପଡ଼ିଆରେ ଖେଳାଯିବ। ଏଥିରେ ମୋଟ୍ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଚାମ୍ପିଅନ ଦଳକୁ ଟ୍ରଫି ସହ ୪ ଲକ୍ଷ ଓ ରନର୍ସଅପ୍ ଦଳକୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଲିଗ୍‌ର ଖେଳାଳି ନିଲାମୀରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଆଗ୍ରହୀ ଖେଳାଳି ୫୯୯ ଟଙ୍କା ଦେଇ yubisports.comରେ ନାମ ରେଜିଷ୍ଟର କରିପାରିବେ। ଏହି ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ଏକାଡେମୀ ପକ୍ଷରୁ ମନ୍ଦାକିନୀ କର, ଶେଖ ଅବଦୁଲ, ଦେବ ପ୍ରସାଦ ଓ ଯୁଧିଷ୍ଠିର ମଲ୍ଲିକ ଉପସ୍ଥିତ ରହିଥିଲେ।

ରାଜ୍ୟ ମିନି ଗଲ୍ଫ: ଓଡିଏମ୍ ଚାମ୍ପିଅନ

ଭୁବନେଶ୍ୱର, ୩୧।୧ (ସମିସ): ରାଜ୍ୟ ମିନି ଗଲ୍ଫ ଚାମ୍ପିଅନସିପ୍ ଶନିବାର ଉଦଯାପିତ ହୋଇଯାଇଛି। ଗୌରୀ କଟେଜ ପରିସରରେ ଅନୁଷ୍ଠିତ ଏହି ଦୁଇଦିନିଆ ଚାମ୍ପିଅନସିପ୍‌ର ଦଳଗତ ବିଭାଗରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ଚାମ୍ପିଅନ ହୋଇଥିଲା। ସେହିଭଳି କେଟି ଗ୍ଲୋବାଲ ସ୍କୁଲ ରନର୍ସଅପ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ମିନିଗଲ୍ଫ ମହାସଂଘର ସାଧାରଣ ସମ୍ପାଦକ ଡ. ସୂରଜ ସିଂହ ଯୋଟିକର, କର୍ପୋରେଟର ଲିଟୁ ମହାସୁପକାର, ପୀୟୂଷ ମହାନ୍ତି, ରାଜ୍ୟ ସଂଘର ସଭାପତି ସତ୍ୟବ୍ରତ ମୀନକେତନ, ସମ୍ପାଦକ ବିକାଶଚନ୍ଦ୍ର ପଟ୍ଟନାୟକ, ପ୍ରସନ୍ନଜିତ ପତି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ୧୨ ଜିଲ୍ଲାରୁ ୧୫୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ କ୍ରିକେଟ ୮ରୁ

ଭୁବନେଶ୍ୱର,୩୧।୧(ସମିସ): ସମ୍ମାନଜନକ ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ କ୍ରିକେଟ ପ୍ରତିଯୋଗିତା ଆସନ୍ତା ୮ରୁ ଅନୁଷ୍ଠିତ ହେବ। ରାଜ୍ୟର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ତମାଣ୍ଡୋସ୍ଥିତ ନିଜସ୍ୱ ଖେଳ ପଡ଼ିଆରେ ଏହି ପ୍ରତିଯୋଗିତା ୨୧ ତାରିଖଯାଏ ଚାଲିବ। ଏଥିରେ ରାଜ୍ୟର ପ୍ରତିଷ୍ଠିତ ଖେଳାଳିମାନେ ଅଂଶଗ୍ରହଣ କରିବେ। ଚାମ୍ପିଅନ ଦଳକୁ ତମାଣ୍ଡୋ କପ୍ ଟ୍ରଫି ସହ ୧.୫ ଲକ୍ଷ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏହା ସହ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ, ମ୍ୟାନ୍ ଅଫ୍ ଦି ଫାଇନାଲ, ପ୍ରତ୍ୟେକ ଦିନର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପ୍ରଦାନ କରାଯିବ ବୋଲି ସଭାପତି ଆଶିଷ ପଟ୍ଟନାୟକ ଜଣାଇଛନ୍ତି।

ଅଷ୍ଟ୍ରେଲିଆନ୍ ଓପନ ଟେନିସ ମହିଳା ଫାଇନାଲ

ସାବାଲେଙ୍କାଙ୍କୁ ହରାଇ ରିବାକିନା ଚାମ୍ପିଅନ

ମେଲବୋର୍ଣ୍ଣ,୩୧।୧(ଏଜେନ୍ସି): ବିଶ୍ୱର ନଂ-୧ ଖେଳାଳି ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ହରାଇ କାଜାଖସ୍ତାନର ଏଲେନା ରିବାକିନା ଅଷ୍ଟ୍ରେଲିଆନ୍ ଓପନ ମହିଳା ଏକକ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଶନିବାର ଖେଳାଯାଇଥିବା ଫାଇନାଲରେ ରିବାକିନା ୬-୪, ୪-୬, ୬-୪ ସେଟ୍‌ରେ ସାବାଲେଙ୍କାଙ୍କୁ ହରାଇବା ସହ ଅଷ୍ଟ୍ରେଲିଆନ୍ ଓପନରେ ପ୍ରଥମ ଓ କ୍ୟାରିୟରରେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ ବିଜୟୀ ହୋଇଛନ୍ତି। ଏହା ସହ ସେ ଏଠାରେ ଖେଳାଯାଇଥିବା ୨୦୨୩ ଅଷ୍ଟ୍ରେଲିଆନ୍ ଓପନ ଫାଇନାଲରେ ସାବାଲେଙ୍କାଙ୍କଠାରୁ ପରାଜୟର ମଧୁର ପ୍ରତିଶୋଧ ନେବାରେ ସମର୍ଥ ହୋଇଛନ୍ତି। ୩ ବର୍ଷ ପୂର୍ବେ ସେ ଫାଇନାଲରେ ପ୍ରଥମ ସେଟ୍ ଜିତି ଭଲ ଆରମ୍ଭ କରିଥିଲେ। କିନ୍ତୁ ସାବାଲେଙ୍କା ପରବର୍ତ୍ତୀ ୨ଟି ସେଟ୍ ଜିତି ଟାଇଟଲ ଜିତିନେଇଥିଲେ। ଏଥର କିନ୍ତୁ ଏହାର ପୁନରାବୃତ୍ତି ହେବାକୁ ଦେଇ ନ ଥିଲେ। ଆସନ୍ତାକାଲି ପୁରୁଷ ବିଭାଗ ଏକକ ଫାଇନାଲ ମୁକାବିଲା ହେବ। ଏଥିରେ ବିଶ୍ୱର ନଂ-୧ ଖେଳାଳି ସ୍ପେନ୍‌ର କାର୍ଲୋସ ଆଲକାରାଜ ଓ ୨୫ତମ ଟାଇଟଲ ଜିତି ରେକର୍ଡ କରିବାକୁ ଆଶାୟୀ ଥିବା ବିଶ୍ୱର ନଂ-୬ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ଖେଳାଯିବ। ବ୍ରିଟେନର କ୍ରିଷ୍ଟିଆନ ହ୍ୟାରିସନ ଓ ଆମେରିକାର ନିଲ ସ୍କୁପସ୍କିଙ୍କ ଯୋଡି ପୁରୁଷ ଡବଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି।

ମହିଳା ବିଭାଗ ଫାଇନାଲରେ ଏଥର ମଧ୍ୟ ରିବାକିନା ପ୍ରଥମ ସେଟ୍‌ରେ ସାବାଲେଙ୍କାଙ୍କ ସର୍ଭିସ ବ୍ରେକ୍ କରି ୬-୪ରେ ଜିତିନେଇଥିଲେ। ଦ୍ୱିତୀୟ ସେଟ୍‌ରେ ସାବାଲେଙ୍କା ଲଢୁଆ ଖେଳ ପ୍ରଦର୍ଶନ କରି ୬-୪ରେ ଦ୍ୱିତୀୟ ସେଟ୍‌କୁ ଜିତିବା ସହ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ତୃତୀୟ ସେଟ୍‌ରେ ନାଟକୀୟ ସ୍ଥିତି ଦେଖିବାକୁ ମିଳିଥିଲା। ସାବାଲେଙ୍କା ଏଥିରେ ଦମ୍ ଦେଖାଇ ୩-୦ ଗେମ୍‌ରେ ଆଗୁଆ ହୋଇଥିଲେ। କିନ୍ତୁ ରିବାକିନା ଏଥିରେ ବିଚଳିତ ନ ହୋଇ ଆତ୍ମବିଶ୍ୱାସର ସହ ଖେଳି ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲେ। ଯାହା ଫଳରେ ସେ କ୍ରମାଗତ ୫ଟି ଗେମ୍‌ରେ ଜିତି ସାବାଲେଙ୍କାଙ୍କୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ହାରିବା ଭୟରେ ସାବାଲେଙ୍କା ରକ୍ଷଣାତ୍ମକ ଖେଳିଥିଲେ। କିନ୍ତୁ ଏକ ଚମତ୍କାର ଏସ୍ ସଟ୍ ମାରି ରିବାକିନା ତୃତୀୟ ସେଟ୍‌କୁ ୬-୪ ଓ ମ୍ୟାଚ୍‌କୁ ୨-୧ରେ ଜିତିନେଇଥିଲେ।

ଶୁଭ୍ରାଂଶୁଙ୍କ ଅର୍ଦ୍ଧଶତକ, ଅନୁକୂଳଙ୍କୁ ୪, ଆଦିତ୍ୟଙ୍କୁ ୩ ୱିକେଟ

ଝାଡ଼ଖଣ୍ଡ ସ୍ପିନ୍ ଜାଲରେ ଛନ୍ଦି ହେଲା ଓଡ଼ିଶା

ଭୁବନେଶ୍ୱର, ୩୧।୧ (ସମିସ):

ଜାମସେଦ୍‌ପୁରର କିନାନ ଷ୍ଟାଡିୟମ୍‌ରେ ଚାଲିଥିବା ଏଲିଟ ରଣଜୀ ଟ୍ରଫି ମୁକାବିଲାରେ ଘରୋଇ ଝାଡ଼ଖଣ୍ଡର ସ୍ପିନ୍ ଜାଲରେ ଛନ୍ଦି ହୋଇଛି ଓଡ଼ିଶା। ଏହା ଫଳରେ ପ୍ରଥମ ଇନିଂସରେ ୧୯ ରନ୍‌ରେ ଅଗ୍ରଣୀ ନେବା ଓ ଦ୍ୱିତୀୟ ଇନିଂସରେ ୩ ୱିକେଟରେ ୧୬୨ ରନ୍ କରିଥିଲେ ମଧ୍ୟ ତୃତୀୟ ଦିନ ଖେଳ ଶେଷବେଳକୁ ୮ ୱିକେଟରେ ୨୦୨ ରନ୍ ସଂଗ୍ରହ କରି ବିପଦରେ ପଡ଼ିଛି। ଖେଳ ଆଉ ଗୋଟିଏ ଦିନ ବାକି ରହିଛି। ଏହି ସମୟରେ ଓଡ଼ିଶା ହାତରେ ଆଉ ୨ଟି ୱିକେଟ ବାକିଥାଇ ମାତ୍ର ୨୨୧ ରନ୍‌ରେ ଆଗୁଆ ରହିଛି। ଓଡ଼ିଶାର ଦ୍ୱିତୀୟ ଇନିଂସ ଯେ କୌଣସି ସମୟରେ ଶେଷ ହୋଇପାରେ। ଏଭଳି ହେଲେ ବାକିଥିବା ଗୋଟିଏ ଦିନ ଖେଳରେ ଝାଡ଼ଖଣ୍ଡ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେବାର ଯଥେଷ୍ଟ ସମ୍ଭାବନା ରହିଛି। ଓଡ଼ିଶାର ଦ୍ୱିତୀୟ ଇନିଂସରେ ଅଧିନାୟକ ଶୁଭ୍ରାଂଶୁ ସେନାପତି ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ପ୍ରଥମଶ୍ରେଣୀ କ୍ରିକେଟରେ ୧୭ତମ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ମୋଟ ୧୪୫ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ସହ ୭୩ ରନ୍ କରି ଓଡ଼ିଶାକୁ ଏକ ଲଢୁଆ ସ୍ଥିତିକୁ ନେଇଯାଇଥିଲେ। ଏପରିକି ଦଳ ୩ ୱିକେଟରେ ୧୬୨ ରନ୍ କରିଥିଲାବେଳେ ବ୍ୟାଟିଂ କରୁଥିବା ଦୁଇ ବରିଷ୍ଠ ଖେଳାଳି ବିପ୍ଳବ ସାମନ୍ତରାୟ ୧୩ ଓ ଶୁଭ୍ରାଂଶୁ ଆଉଟ ହେବା ପରେ ୪୦ ରନ୍‌ରେ ଓଡ଼ିଶା ୫ ୱିକେଟ ହରାଇ ମ୍ୟାଚ୍ ଉପରୁ ନିୟନ୍ତ୍ରଣ ହରାଇଥିଲା। କେବଳ ଗୋବିନ୍ଦ ପୋଦ୍ଦାର ୨୨ ରନ୍‌ରେ ଅପରାଜିତ ଥିଲେ ମଧ୍ୟ ଆସନ୍ତାକାଲି ବାକିଥିବା ସୁନୀଲ ରାଉଳ ଓ ଡେବ୍ୟୁଟାଣ୍ଟ ସ୍ପିନର ସୟଦ ତୁଫେଲଙ୍କ ବ୍ୟାଟ୍‌ଚାଳନା ଉପରେ ଓଡ଼ିଶାର ଭାଗ୍ୟ ନିର୍ଣ୍ଣୟ କରିବ। ଅନ୍ୟମାନଙ୍କ ମଧ୍ୟରେ ଅନିଲ ପରିଡା ୨୮, ସନ୍ଦୀପ ପଟ୍ଟନାୟକ ୨୦ ଓ ସ୍ୱସ୍ତିକ ସାମଲ ୧୮ ରନ୍ କରି ଭଲ ଆରମ୍ଭ ପାଇଥିଲେ ମଧ୍ୟ କେହି ବଡ଼ ସ୍କୋର କରିପାରି ନ ଥିଲେ। ଝାଡ଼ଖଣ୍ଡ ପକ୍ଷରୁ ଦୁଇ ସ୍ପିନର ଯଥା ବାମହାତୀ ଅନୁକୂଳ ରାୟ ୪ଜଣଙ୍କୁ ଓ ଅଫ୍‌ସ୍ପିନର ଆଦିତ୍ୟ ସିଂ ୩ଟି ୱିକେଟ ମିଳିଛି। ଅନ୍ୟ ୱିକେଟଟି ମଧ୍ୟ କାମଚଳା ଅଫ୍ ସ୍ପିନର ଋଷଭ ରାଜଙ୍କୁ ମିଳିଥିଲା। ଓପନର ସ୍ୱସ୍ତିକ ସାମଲଙ୍କୁ ଆଉଟ କରି ସେ ଝାଡଖଣ୍ଡକୁ ବ୍ରେକ୍‌ଥ୍ରୁ ଦେଇଥିଲେ।

ସୟଦ ତୁଫେଲ

ଶୁଭ୍ରାଂଶୁ ସେନାପତି

ଇନିଂସ ଅଗ୍ରଣୀ ଦେଲେ ତୁଫେଲ, ପୋଦ୍ଦାର

ବିହାର ପ୍ରଥମ ଇନିଂସରେ ୨୬୩ ରନ୍ କରିଥିଲାବେଳେ ଯୁବ ସ୍ପିନର ସୟଦ ତୁଫେଲ ଅହମ୍ମଦ୍ ୪ଜଣଙ୍କୁ ଓ କାମଚଳା ସ୍ପିନର ଗୋବିନ୍ଦ ପୋଦ୍ଦାର ୩ଜଣ ଖେଳାଳିଙ୍କୁ ଆଉଟ କରିବା ଫଳରେ ପ୍ରଥମ ଇନିଂସରେ ଓଡ଼ିଶା ୧୯ ରନ୍‌ରେ ଅଗ୍ରଣୀ ନେଇଥିଲା। ଫାଷ୍ଟ ବୋଲର ରାଜେଶ ମହାନ୍ତି ମଧ୍ୟ ୨ଜଣଙ୍କୁ ଆଉଟ କରିଥିଲେ। ଝାଡଖଣ୍ଡର ଓପନର ଶିଖର ମୋହନ ସର୍ବାଧିକ ୮୦, ରବିନ ମିଞ୍ଜ୍ ୫୨ ଓ କୁମାର କୁଶାଗ୍ର ୪୭ ରନ୍ କରିଥିଲେ। ଓଡ଼ିଶାକୁ ଏହି ମ୍ୟାଚ ଜିତିବାକୁ ହେଲେ କିମ୍ବା ପ୍ରଥମ ଇନିଂସ ଅଗ୍ରଣୀ ନେବାକୁ ହେଲେ ତୁଫେଲ-ପୋଦ୍ଦାରଙ୍କ ଯୋଡି ସଫଳ ହେବାକୁ ପଡ଼ିବ।

ସିକେ ନାଇଡୁ ଟ୍ରଫିରେ ବାଦଲଙ୍କୁ ୭ ୱିକେଟ

ରାଜସ୍ଥାନକୁ ଓଡ଼ିଶାର ଲଢୁଆ ଜବାବ



ଭୁବନେଶ୍ୱର, ୩୧।୧ (ସମିସ): ଜୟପୁରରେ ଚାଲିଥିବା ସିକେ ନାଇଡୁ ଟ୍ରଫିରେ ଘରୋଇ ରାଜସ୍ଥାନକୁ ଓଡ଼ିଶା କଡ଼ା ଜବାବ ଦେଇଛି। ପ୍ରଥମ ଇନିଂସରେ ରାଜସ୍ଥାନର ୩୫୫ ରନ୍‌ର ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ପ୍ରଥମ ଇନିଂସରେ ୨ ୱିକେଟ ହରାଇ ୧୪୭ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଶ୍ରେୟାଂଶ ଭରଦ୍ୱାଜ ୭୨ ରନ୍‌ରେ ଅପରାଜିତ ରହିଥିଲାବେଳେ ଅଧିନାୟକ ଓମ୍‌ଟି ମୁଣ୍ଡେ ୬୨ ରନ୍‌ରେ ଆଉଟ ହୋଇଛନ୍ତି। ପୂର୍ବରୁ ରାଜସ୍ଥାନର ପ୍ରଥମ ଇନିଂସରେ ରଜତ ବାଘେଲ ସର୍ବାଧିକ ୭୪, ଏଜି ଚୋହାନ ୭୧ ଓ ସୁମିତ ଗୋଦରା ୭୦ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ସ୍ପିନର ବାଦଲ ବିଶ୍ୱାଳ ସର୍ବାଧିକ ୭ଟି ୱିକେଟ ନେଇ ନିଜ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ। ମହମ୍ମଦ୍ ସୋହେଲ ଖାନ୍ ଓ ସାଇଦୀପ ମହାପାତ୍ରଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS